କଟକ
ରବିବାର ୨୨ ନଭେମ୍ବର, ୨୦୨୬
ପ୍ରାତଃ ସଂସ୍କରଣ

November 22, 2026 Cuttack
Vol - XXIV, Issue - 230
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

କୋଟିଆରୁ ୨ ଗିରଫ

କୋରାପୁଟ,୨୧।୧୧(ନି.ପ୍ର): କୋଟିଆରୁ ୨ ଜଣଙ୍କୁ ଗିରଫ କରିଛି ପୋଲିସ। ଗତ ୪ ତାରିଖ ଆନ୍ଧ୍ରପ୍ରଦେଶ ନିର୍ବାଚନ ପୂର୍ବଦିନ ଦୁହେଁ ବିଶୃଙ୍ଖଳା ସୃଷ୍ଟି କରିଥିବା ଏବଂ ପୋଲିସକୁ ଦୁର୍ବ୍ୟବହାର ସହ ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଅଭିଯୋଗ ହୋଇଛି।

URGENT REQUIREMENT
ଓଡିଶାର Power Distribution Company ପାଇଁ Diploma / B-Tech (Electrical / Mechanical / Civil) Fresher candidate ଆବଶ୍ୟକ । Salary: Rs. 18, 000/- to Rs. 25, 000/- with ESI, EPF all facility. Fireman / Driver: 10th Pass, DL, Salary: Rs.18,000/- to Rs.22,000/- with ESI, EPF, Accomodation Free, Fooding facility avalabile. iisfm.edu@gmail.com
INSTITUTE OF INDUSTRIAL SAFETY & FIRE MANAGEMENT
B/48, 1st Floor, BDA Duplex Colony, Baramunda, BBSR-03
Contact: 9337712395, 9658476702

ପାଣିରେ ବୁଡ଼ିଛି ସୁନାର ଫସଲ

କ୍ଷୟକ୍ଷତି ଆକଳନ ପରେ କ୍ଷତିପୂରଣ

ଗଞ୍ଜାମ ଅଧିକ ପ୍ରଭାବିତ ହୋଇଛି



ଭୁବନେଶ୍ୱର,୨୧।୧୧(ନି.ପ୍ର): ବାତ୍ୟା ଚାଲିଗଲା, କିନ୍ତୁ ଆଶାର ଆକାଶକୁ ନିରାଶାର କଳାମେଘରେ ଢାଙ୍କି ଦେଇଗଲା। ବାତ୍ୟା ପ୍ରଭାବରେ ଉଜୁଡ଼ି ଯାଇଥିବା ଫସଲକୁ ଚାହିଁ ଚାଷୀ କେବଳ ନିରବରେ ଲୁହ ଢାଳୁଛନ୍ତି। ମେରୁଦଣ୍ଡ ଦୋହଲି ଯାଇଛି ଚାଷୀଙ୍କର। ଆଉ ଦିନକେଇଟା ପରେ ପାଚିଲା ଧାନ ଘରକୁ ଆସିଥାନ୍ତା।

ଦକ୍ଷିଣରୁ ଉପକୂଳ ଓଡ଼ିଶା, ହଜାର ହଜାର ହେକ୍ଟର ଧାନ ଓ ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି ବାତ୍ୟା ଅକଓ୍ୱାନ ପ୍ରଭାବରେ। ପବନ ସିନା କମିଗଲା, କିନ୍ତୁ ବର୍ଷା ଅତି ପ୍ରବଳ ନହେଲେ ବି ପ୍ରବଳ ହେଲା। ବିଲରେ ଧାନ ଗଛ ମୂଳରୁ ଡାଳ ପର୍ଯ୍ୟନ୍ତ ପାଣି। କେହି କେହି ଧାନ କାଟି ବିଲରେ ରଖିଥିଲେ। ସେସବୁ ବୁଡ଼ିଯାଇଛି ପାଣିରେ।

ଧୋଇଯାଇଛି ଚାଷୀଙ୍କର ବର୍ଷକର ଆହାର, ତା' ସହ ପରିବାର ଚଳିବାର ଆଧାର। ପାଣି ଲହଡ଼ା ମାରୁଛି ଚାଷଜମିରେ। ଗୋପାଳପୁରରେ ବାତ୍ୟା ଅକଓ୍ୱାନ ପିଟି ହେଲା ନାହିଁ ଯେ ଭାତ ହାଣ୍ଡିରେ ମାଡ଼ କଲା।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରବିବାରଠାରୁ ବାତ୍ୟାଜନିତ କ୍ଷୟକ୍ଷତିର ଆକଳନ ହେବ। କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିବ ଇନ୍‌ପୁଟ ସବ୍‌ସିଡି। ଚାଷୀଙ୍କ ଧାନ ଓଦା ହୋଇଛି, ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯିବ। ରାଜସ୍ୱ ମନ୍ତ୍ରୀ ମଧ୍ୟ ରାଜ୍ୟର ନଦୀଗୁଡ଼ିକର ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତିକୁ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟର ନଦୀ ସିଷ୍ଟମକୁ ନେଇ ପ୍ରସ୍ତୁତ ହେଉଛି ଡିପିଆର୍। ୧୧ଟି ନଦୀ ସିଷ୍ଟମ ମଧ୍ୟରୁ ମହାନଦୀ ଓ ରେଙ୍ଗାଲି ସିଷ୍ଟମ୍ ଠିକ୍ ଭାବେ କାମ କରୁଛି। ପ୍ରଥମ ପର୍ଯ୍ୟାୟରେ ୮ଟି ନଦୀ ସିଷ୍ଟମର ବିକାଶ ହେବ। ଏନେଇ ଆଇଆଇଟି, ରୁରୁକି ସହ ଯୋଗାଯୋଗ କରାଯାଉଛି। ଆଗାମୀ ୧୦୦ ବର୍ଷକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଉଛି ରଣନୀତି।

ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) କହିଛନ୍ତି, ବାତ୍ୟା ପ୍ରଭାବରେ ଗଞ୍ଜାମ ଅଧିକ ପ୍ରଭାବିତ ହୋଇଛି। ଚାଷ ଜମିରେ ପାଣି ଜମି ରହିଛି। କ୍ଷୟକ୍ଷତି ଆକଳନ କରି ପ୍ରଭାବିତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ। ଖୁବ୍‌ଶୀଘ୍ର ଆସିବ କ୍ଷୟକ୍ଷତିର ରିପୋର୍ଟ। ଏଥର ଆକଳନଠାରୁ କମ୍ ରହିଲା ବାତ୍ୟାର ପ୍ରଭାବ। ସରକାରଙ୍କ ପକ୍ଷରୁ ବାତ୍ୟା ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଥିଲା।

ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି, ଗଞ୍ଜାମରେ ବନ୍ୟା ସ୍ଥିତି ନାହିଁ। ପୁରୁଷୋତ୍ତମପୁରରେ ରଖିକୂଲ୍ୟା ନଦୀର ଜଳସ୍ତର ବିପଦ ସଙ୍କେତ (୧୬.୮୫ ମିଟର) ତଳେ ରହିଛି। ଏହା ସୂଚାଉଛି ଯେ ଜିଲ୍ଲାରେ ବର୍ତ୍ତମାନ ବନ୍ୟାର କୌଣସି ଆଶଙ୍କା ନାହିଁ। ବାଘୁଆ ଓ ଧନେଇ ନଦୀ ଯୋଗୁ କିଛି ଅଞ୍ଚଳରେ କିଛି ସମୟ ପାଇଁ ପାଣି ଜମି ରହିଥିଲା। ଉତ୍ତର ଓଡ଼ିଶାରେ ମଧ୍ୟ ବନ୍ୟା ଆଶଙ୍କା ନାହିଁ। ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ହୋଇଥିବା ପ୍ରବଳ ବର୍ଷା ଯୋଗୁ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଛି।

ନବୀନ ଓ ପାଣ୍ଡିଆନଙ୍କ ବିଦେଶ ଗସ୍ତର ତଦନ୍ତ ନିର୍ଦ୍ଦେଶ



ଭୁବନେଶ୍ୱର,୨୧।୧୧(ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ୫-ଟି ସଚିବ ତଥା ଅବସରପ୍ରାପ୍ତ ଆଇଏଏସ୍ ଭି କେ ପାଣ୍ଡିଆନଙ୍କ ବିଦେଶ ଗସ୍ତର ତଦନ୍ତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ସଚିବ ଏହାର ତଦନ୍ତ କରିବେ। ଆଇପିଏସ୍ ରବିକାନ୍ତଙ୍କ ବିଦେଶ ଗସ୍ତକୁ ନେଇ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି ୩ ଜଣ ବହୁବାର ବିଦେଶ ଗସ୍ତ କରିଥିବା ସାମାଜିକ କର୍ମୀ ଅଭିଯୋଗ କରିଛନ୍ତି। ୨୦୨୨-୨୩ ଓ ୨୦୨୩-୨୪ରେ ବହୁବାର ସେମାନେ ବିଦେଶ ଗସ୍ତ କରିଥିଲେ।

ପୋଲିସ କ୍ୱାର୍ଟର୍ସରୁ ମହିଳା ଏସ୍‌ଆଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପୁରୁଷୋତ୍ତମପୁର,୨୧।୧୧(ନି.ପ୍ର): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ପରିସର କ୍ୱାର୍ଟର୍ସରେ ଝୁଲନ୍ତା ଅବସ୍ଥାରେ ମିଳିଛି ମହିଳା ଏସ୍‌ଆଇ ପ୍ରଭାସିନୀ ସାହୁଙ୍କ ମୃତଦେହ। ଘଟଣାସ୍ଥଳରେ ଗଞ୍ଜାମ ଏସ୍‌ପି ପହଞ୍ଚିଛନ୍ତି। ତଦନ୍ତ ଜାରି ରହିଛି। କେଉଁ କାରଣରୁ ଏହା ଘଟିଲା ଏହା ସ୍ପଷ୍ଟ ହୋଇନାହିଁ। ଆତ୍ମହତ୍ୟା ନା ଆଉକିଛି, ଯଦି ଆତ୍ମହତ୍ୟା ତେବେ ପାରିବାରିକ ନା କାର୍ଯ୍ୟକ୍ଷେତ୍ରର ଚାପ ତାହା ମଧ୍ୟ ଜଣାପଡ଼ିନାହିଁ। ସବୁଦିଗକୁ ନେଇ ତଦନ୍ତ ହେଉଛି। ମହିଳା ଏସ୍‌ଆଇଙ୍କ ନିଜ ଘର ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳରେ। ନିକଟରେ ତାଙ୍କର ବିବାହ ମଧ୍ୟ ହୋଇଥିଲା। ତାଙ୍କ ପରିବାର ପୁରୁଷୋତ୍ତମପୁରରେ ପହଞ୍ଚିଛନ୍ତି। ଗତ ୫ ମାସରେ ରାଜ୍ୟରେ ୪ ପୋଲିସ ଅଧିକାରୀଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ହୋଇଛି।

ସୃଷ୍ଟି ହୋଇପାରେ ପୁଣି ଏକ ଘୂର୍ଣ୍ଣିବଳୟ: ଆଇଏମ୍‌ଡି ଡିଜି

ଭୁବନେଶ୍ୱର,୨୧।୧୧(ନି.ପ୍ର): ଅକ୍ଟୋବର-ନଭେମ୍ବରରେ ଓଡ଼ିଶା ଦେଖିଲାଣି ୩ଟି ବାତ୍ୟା ଅର୍ଣ୍ଣବ, ମୁରାସୁ ଓ ଅକଓ୍ୱାନ। ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ ବୋଲି ଗଣମାଧ୍ୟମକୁ କହିଛନ୍ତି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ସେ କହିଛନ୍ତି, ନିକଟରେ ହୋଇଥିବା ୧୫ଦିନିଆ ଆକଳନରୁ ଏହା ଜଣାପଡ଼ିଛି। କିନ୍ତୁ ଏହାର ରୂପରେଖ, ସ୍ଥିତି, ତୀବ୍ରତା ଆଦି ନେଇ ଆମେ ସ୍ପଷ୍ଟ କରିନାହୁଁ। ଏହା ସୃଷ୍ଟି ହେବାପରେ ହିଁ ସ୍ପଷ୍ଟତା ମିଳିବ।

ନୀତିଶ ସେତୁ ଉଦ୍‌ଘାଟନ କଲେ ମୋଦୀ



ପାଟନା,୨୧।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ବିହାରର ବୈଶାଳୀ ଜିଲ୍ଲାରେ ଗଙ୍ଗା ନଦୀ ଉପରେ ନୂତନ ନୀତିଶ ସେତୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ସମୟରେ ସେ ଗାମୁଛା ହଲାଇ ବିଶାଳ ଜନସମାବେଶକୁ ସ୍ୱାଗତ କରିଛନ୍ତି।

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ଚିଫ୍ ନୀତିଶ କୁମାରଙ୍କ ନାମରେ ଏହି ସେତୁ ନାମିତ। ନୀତିଶ ସେତୁ ଏକ ଛଅ ଲେନ୍ ବିଶିଷ୍ଟ ସେତୁ। ଏହି ପ୍ରକଳ୍ପ ଉତ୍ତର ଓ ଦକ୍ଷିଣ ବିହାର ମଧ୍ୟରେ ସଡ଼କ ସଂଯୋଗକୁ ଉନ୍ନତ କରିବ ଏବଂ ପାଟନା ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ମଧ୍ୟ ବିକଳ୍ପ ରାସ୍ତା ପ୍ରଦାନ କରିବ। ଏହି ସେତୁର ଲମ୍ବ ୯.୬୬ କିଲୋମିଟର। ଏହା ୪୨୮୦ କୋଟି ଟଙ୍କା। ବ୍ୟୟରେ ନିର୍ମିତ ହୋଇଛି। ପାଟନା ଉପକଣ୍ଠରେ ଥିବା କଚ୍ଚି ଦରଘାକୁ ବୈଶାଳୀ ଜିଲ୍ଲାର ବିଦୁପୁର ସହିତ ଏହା ସଂଯୋଗ କରୁଛି। (ପୃଷ୍ଠା:୫)

କୋଟିଆରେ ହୋଇପାରିବନି ଆନ୍ଧ୍ର ନିର୍ବାଚନ

କୋରାପୁଟ,୨୧।୧୧(ନି.ପ୍ର): କୋଟିଆରେ ଆନ୍ଧ୍ରପ୍ରଦେଶ ଡିସେମ୍ବର ୨ରେ ତା'ର ପଞ୍ଚାୟତ ନିର୍ବାଚନ କରିବାକୁ ଚାହୁଁଛି। ପୂର୍ବରୁ ନଭେମ୍ବର ୨୯ରେ ନିର୍ବାଚନ କରିବାକୁ ସମୟ ଧାର୍ଯ୍ୟ କରିଥିଲା। କିନ୍ତୁ ଓଡ଼ିଶାର ପ୍ରବଳ ପ୍ରତିବାଦ ପରେ ପଛଘୁଞ୍ଚା ଦେଇ ଏବେ ଡିସେମ୍ବର ୨ରେ ନିର୍ବାଚନ କରିବାକୁ ଚାହୁଁଛି। ସ୍ଥିତି ଅନୁଧ୍ୟାନ କରି ସ୍ଥାନୀୟ ଉପଜିଲ୍ଲାପାଳ ଫାବି ରସିଦ କହିଛନ୍ତି, କୋଟିଆରେ କଦାପି ହୋଇପାରିବନି ଆନ୍ଧ୍ର ନିର୍ବାଚନ। କୋଟିଆରେ ମଧ୍ୟ ସ୍ଥାନୀୟ ପ୍ରଶାସନ ପକ୍ଷରୁ 'ପରବ' ପାଳନ କରାଯିବ। 'ପରବ' ପାଇଁ ପ୍ରସ୍ତୁତି ଚାଲିଛି। ଆନ୍ଧ୍ର ନିର୍ବାଚନ ପାଇଁ କୋଟିଆର ୧୧ଜଣଙ୍କର ନାମାଙ୍କନ ହୋଇଥିବା ଜଣାପଡ଼ିଛି।

ଓଡ଼ିଶା ଶାସନ

ମଧୁବାବୁ ପେନ୍‌ସନ୍ ଯୋଜନା ଅନ୍ତର୍ଗତ ନୂତନ ହିତାଧିକାରୀ ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଅଧୀନରେ ବ୍ୟାଙ୍କ ମାଧ୍ୟମରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ପାଇଁ ଜରୁରୀ ସୂଚନା

୧. ଗତ ୧୦ ନଭେମ୍ବର ୨୦୨୬ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମଧୁବାବୁ ପେନ୍‌ସନ୍ ଯୋଜନା ଅଧୀନରେ ୫,୦୫,୮୧୭ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନର ଶୁଭାରମ୍ଭ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ, ନଭେମ୍ବର ୧୧ ଓ ୧୨ ତାରିଖରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଏବଂ ୧୩ ଓ ୧୪ ତାରିଖରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ଯେଉଁ ନୂତନ ହିତାଧିକାରୀମାନେ ରାଜ୍ୟସ୍ତରୀୟ, ଜିଲ୍ଲାସ୍ତରୀୟ କିମ୍ବା ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଏପର୍ଯ୍ୟନ୍ତ ଭତ୍ତା ଗ୍ରହଣ କରିପାରିନାହାନ୍ତି, ସେମାନଙ୍କୁ ଆସନ୍ତା **ନଭେମ୍ବର ମାସ ୨୫ ତାରିଖ** ଦିନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ୱାର୍ଡ ଅଫିସରେ ଭତ୍ତା ପ୍ରଦାନ କରାଯିବ

୨. ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଅଧୀନରେ ବ୍ୟାଙ୍କ ମାଧ୍ୟମରେ ଭତ୍ତା ପାଉଥିବା **୧୯,୬୩,୯୫୯** ହିତାଧିକାରୀମାନଙ୍କୁ ଅକ୍ଟୋବର ଓ ନଭେମ୍ବର ମାସର ଓଡ଼ିଶା ସରକାରଙ୍କ ଭାଗ ଟଙ୍କା ନଗଦ ଆକାରରେ **ନଭେମ୍ବର ମାସ ୨୫ ତାରିଖ** ଦିନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ୱାର୍ଡ ଅଫିସରେ ପ୍ରଦାନ କରାଯିବ ଓ ଭାରତ ସରକାରଙ୍କ ଭାଗ ଟଙ୍କା ପୂର୍ବ ଭଳି ସିଧା ବ୍ୟାଙ୍କ ଖାତାକୁ ଯିବ

ଭତ୍ତାର ପରିମାଣ ଓ ବିବରଣୀ ନିମ୍ନ ରେ ଦିଆଗଲା (ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ):

ଭତ୍ତାର ପ୍ରକାର	ଯୋଗ୍ୟତା ମାନଦଣ୍ଡ	ଭାରତ ସରକାରଙ୍କ ଭାଗ(₹)	ଓଡ଼ିଶା ସରକାରଙ୍କ ଭାଗ(₹)	ମୋଟ୍ ପେନ୍‌ସନ୍(₹)
ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ପେନ୍‌ସନ୍ ଯୋଜନା (IGNOAPS)	(ବୟସ ୬୦ ରୁ ୭୯)	୨୦୦	୮୦୦	୧୦୦୦
	(ବୟସ ୮୦ ଓ ତଦୁର୍ଦ୍ଧ)	୫୦୦	୩୦୦୦	୩୫୦୦
ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍‌ସନ୍ ଯୋଜନା (IGNWPS)	(ବୟସ ୪୦ ରୁ ୭୯)	୩୦୦	୭୦୦	୧୦୦୦
	ବୟସ ୮୦ ଓ ତଦୁର୍ଦ୍ଧ	୫୦୦	୩୦୦୦	୩୫୦୦
ଇନ୍ଦିରା ଗାନ୍ଧୀ ଜାତୀୟ ଦିବ୍ୟାଙ୍ଗ ପେନ୍‌ସନ୍ ଯୋଜନା (IGNDPS)	୮୦% ଓ ତଦୁର୍ଦ୍ଧ ଭିନ୍ନକ୍ଷମତା ଓ ବୟସ ୧୮ ରୁ ୭୯	୩୦୦	୩୨୦୦	୩୫୦୦
	୮୦% ଓ ତଦୁର୍ଦ୍ଧ ଭିନ୍ନକ୍ଷମତା ଓ ବୟସ ୮୦ ଓ ତଦୁର୍ଦ୍ଧ	୫୦୦	୩୦୦୦	୩୫୦୦

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

CAPTION NO: 46001/32/2627

ନମସ୍ତେ


ସଚିନଙ୍କ ଜ୍ୱାଇଁ ହେବେ ସନ୍ନିଙ୍କ ପୁଅ!

ସାରା





ରାଜବୀର



ଭାରତୀୟ କ୍ରିକେଟ୍ ଜଗତର କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ଏବଂ ବଲିଉଡ୍ର ଲୋକପ୍ରିୟ ଅଭିନେତା ସନ୍ନି ଦେଓଲଙ୍କ ପୁଅ ରାଜବୀର ଦେଓଲଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଜୋରଦାର ଚର୍ଚ୍ଚା। ୨୦୨୬ ମସିହାରେ ଏହି ଦୁଇ ପ୍ରତିଷ୍ଠିତ ପରିବାର ମଧ୍ୟରେ ବୈବାହିକ ସମ୍ପର୍କ ଗଢ଼ିଉଠିବା ନେଇ ଗୁଜବ ପ୍ରଚାର ହେଉଛି। ଏହି ଖବର ସାମ୍ନାକୁ ଆସିବା ପରେ ଉଭୟ ପରିବାରର ପ୍ରଶଂସକଙ୍କ ମଧ୍ୟରେ ଆଗ୍ରହ ବଢ଼ିଯାଇଛି। ତେବେ ପ୍ରକୃତରେ ଏହି ଚର୍ଚ୍ଚା ପଛରେ କେତେ ସତ୍ୟତା ରହିଛି କେମିତି ଯୋଡ଼ି ହେଲେ ସାରା ଓ ରାଜବୀରଙ୍କ ନାଁ ଆସନ୍ତୁ ଜାଣିବା।

କେଉଁଠୁ ଆରମ୍ଭ ହେଲା ସାରା–ରାଜବୀରଙ୍କ ବିବାହ ଚର୍ଚ୍ଚା: ପ୍ରଥମେ ସୋସିଆଲ ମିଡ଼ିଆର ଏକ ପୋଷ୍ଟରୁ ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲା । ଉକ୍ତ ପୋଷ୍ଟରେ ଦାବି କରାଯାଇଥିଲା ଯେ, ରାଜବୀର ଦେଓଲ ସାରା ତେନ୍ଦୁଲକରଙ୍କୁ ଦାମୀ ଦାମୀ ଉପହାର ଦେଉଛନ୍ତି। ଏପରିକି ୨୦୨୭ ମସିହାରେ ଉଭୟଙ୍କ ବିବାହ ହୋଇପାରେ ବୋଲି ମଧ୍ୟ ଏଥିରେ ସଙ୍କେତ ଦିଆଯାଇଥିଲା। ରେଡିଟ୍ ରେ ମଧ୍ୟ ଏଭଳି ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି। ଏହି ଗୁଜବରେ ସାରାଙ୍କ ଭ । ଉ ଜ ସାନିଆ ଚାନ୍ଦୋକଙ୍କ ନାଁ ମଧ୍ୟ ଯୋଡ଼ାଯାଇଛି। ସେ ଆସନ୍ତା ବର୍ଷ ଏକ ବିବାହ ହେବା ନେଇ ସଙ୍କେତ ଦେଇଥିବା ଏବଂ ବର ନିକଟରେ ରହୁଥିବା କଥା କହିଥିବା ଦାବି କରାଯାଉଛି। ତେବେ ଏହି ଚର୍ଚ୍ଚାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିବା ଜରୁରୀ। ଏସବୁ ଦାବି କେବଳ ସୋସିଆଲ ମିଡିଆରେ ହୋଇଥିବା ପୋଷ୍ଟ ଉପରେ ଆଧାରିତ। ଏହାର କୌଣସି ବିଶ୍ୱସନୀୟ ଖବର ସୂତ୍ର କିମ୍ବା ଆଧିକାରିକ ପ୍ରମାଣ ଏପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। ସାନିଆ ଚାନ୍ଦୋକ କିମ୍ବା ତେନ୍ଦୁଲକର ଓ ଦେଓଲ ପରିବାରର ଅନ୍ୟ କୌଣସି ସଦସ୍ୟ ଏଭଳି କଥା ସାର୍ବଜନୀନ ଭାବେ କହିନାହାନ୍ତି। ସାରା ଓ ରାଜବୀର ମଧ୍ୟ ନିଜ ସମ୍ପର୍କ କିମ୍ବା ବିବାହ ଯୋଜନାକୁ ନେଇ କୌଣସି ସ୍ପଷ୍ଟୀକରଣ ଦେଇନାହାନ୍ତି।

କାହିଁକି ସାରାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଏତେ ଚର୍ଚ୍ଚା କ୍ରିକେଟ୍ ଜଗତର ମହାନ ଖେଳାଳି ସଚିନ ତେନ୍ଦୁଲକରଙ୍କ ଝିଅ ହୋଇଥିବାରୁ ସାରା ସବୁବେଳେ ଗଣମାଧ୍ୟମ ଓ ପ୍ରଶଂସକଙ୍କ ନଜରରେ ରହିଥାନ୍ତି। ବିଶେଷକରି ତାଙ୍କ ପ୍ରେମ ସମ୍ପର୍କକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହୋଇଆସିଛି।ଏହା ପୂର୍ବରୁ କ୍ରିକେଟର ଶୁଭମନ ଗିଲଙ୍କ ସହ ସାରାଙ୍କ ନାଁ ଯୋଡ଼ାଯାଇଥିଲା। ଉଭୟଙ୍କ ସୋସିଆଲ ମିଡିଆ ପୋଷ୍ଟ, ସାର୍ବଜନୀନ କାର୍ଯ୍ୟକ୍ରମରେ ଉପସ୍ଥିତି ଏବଂ ପରସ୍ପର ସହ ଜଡ଼ିତ ବିଭିନ୍ନ ଘଟଣାକୁ ନେଇ ପ୍ରଶଂସକମାନେ ଅନେକ ଅନୁମାନ ଲଗାଇଥିଲେ। ଏପରିକି ଉଭୟଙ୍କ ବିବାହକୁ ନେଇ ମଧ୍ୟ ଗୁଜବ ପ୍ରଚାର ହୋଇଥିଲା। କିନ୍ତୁ ସାରା କିମ୍ବା ଶୁଭମନ କେହି ନିଜ ସମ୍ପର୍କକୁ ନେଇ ସାର୍ବଜନିକ ଭାବେ କୌଣସି ଖୁଲାସା କରିନାହାନ୍ତି ।

ସେହିପରି ୨୦୨୫ ମସିହାରେ ବଲିଉଡ୍ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀଙ୍କ ସହ ମଧ୍ୟ ସାରାଙ୍କ ନାଁ ଯୋଡ଼ାଯାଇଥିଲା। ଉଭୟଙ୍କ ମଧ୍ୟରେ ସମ୍ପର୍କ ଥିବା ଏବଂ ପରିବାର ସହ ପରିଚୟ ହୋଇଥିବା ନେଇ କିଛି ରିପୋର୍ଟରେ ଦାବି କରାଯାଇଥିଲା। ପରେ ଏହି ସମ୍ପର୍କ ଭାଙ୍ଗିଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ଅନ୍ୟପଟେ ସାରା ନିଜ ବ୍ୟକ୍ତିଗତ ଜୀବନକୁ ସାଧାରଣତଃ ଗଣମାଧ୍ୟମଠାରୁ ଦୂରରେ ରଖିବାକୁ ପସନ୍ଦ କରନ୍ତି। ନିକଟରେ ଭୋଗ୍ ଇଣ୍ଡିଆକୁ ଦେଇଥିବା ଏକ ସାକ୍ଷାତକାରରେ ସେ ନିଜ ଭବିଷ୍ୟତ ଜୀବନସାଥୀଙ୍କଠାରେ କେଉଁ ଗୁଣ ଦେଖିବାକୁ ଚାହାନ୍ତି, ସେ ବିଷୟରେ କହିଥିଲେ। ଏବେ ରାଜବୀରଙ୍କ ସହ ବିବାହ ଚର୍ଚ୍ଚା ଆରମ୍ଭ ହେବା ପରେ ତାଙ୍କର ସେହି ପୁରୁଣା ସାକ୍ଷାତକାର ମଧ୍ୟ ଚର୍ଚ୍ଚାକୁ ଆସିଛି।

ରାଜବୀର ଦେଓଲ ହେଉଛନ୍ତି ବଲିଉଡ୍ ଅଭିନେତା ସନ୍ନି ଦେଓଲ ଓ ପୂଜା ଦେଓଲଙ୍କ ସାନ ପୁଅ। ସେ ବଲିଉଡରେ ଭେଟେରାନ୍ ଅଭିନେତା ଧର୍ମେନ୍ଦ୍ରଙ୍କ ନାତି ମଧ୍ୟ। ଏହି କାରଣରୁ ସେ ହିନ୍ଦୀ ସିନେମା ଜଗତର ଏକ ପ୍ରତିଷ୍ଠିତ ଚଳଚ୍ଚିତ୍ର ପରିବାରର ସଦସ୍ୟ। ନିଜ ବାପା ସନ୍ନି ଦେଓଲଙ୍କ ଭଳି ଆକ୍ସନ୍ ଫିଲ୍ମ ପରିବର୍ତ୍ତେ ରାଜବୀର ରୋମାଣ୍ଟିକ୍ ଡ୍ରାମା ଫିଲ୍ମ ମାଧ୍ୟମରେ ବଲିଉଡ୍ରେ ପାଦ ଥାପିଥିଲେ। ୨୦୨୩ରେ ମୁକ୍ତିଲାଭ କରିଥିବା ଦୋନୋ ଚଳଚ୍ଚିତ୍ର ଜରିଆରେ ସେ ଅଭିନୟ ଜଗତରେ ଡେବ୍ୟୁ କରିଥିଲେ। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଅଭିନଶ ବରଜାତ୍ୟା ଏବଂ ଏହାର ପ୍ରଯୋଜନା କରିଥିଲା ରାଜଶ୍ରୀ ପ୍ରଡକ୍ସନ୍ସ। ଅଭିନୟ ଜଗତରେ ପ୍ରବେଶ କରିବା ପୂର୍ବରୁ ରାଜବୀର ବ୍ରିଟେନ୍ରେ ଥିଏଟରରେ ପାଠପଢ଼ିଥିଲେ। ଏହା ସହ ସେ ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବେ କାମ କରିବା ସହ ଥିଏଟର୍ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ଫିରୋଜ ଆବାସ ଖାନଙ୍କଠାରୁ ଅଭିନୟ ଓ ଚଳଚ୍ଚିତ୍ର ନିର୍ମାଣ ସମ୍ପର୍କିତ ପ୍ରଶିକ୍ଷଣ ନେଇଥିଲେ।

ତେବେ ରାଜବୀର ଓ ସାରାଙ୍କ ବିବାହ ସତ ନା କେବଳ ଗୁଜବ: ସାରା ତେନ୍ଦୁଲକର ଓ ରାଜବୀର ଦେଓଲଙ୍କ ବିବାହକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଥମିବାର ନାଁ ନେଉନାହିଁ। କିନ୍ତୁ ଏପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ କୌଣସି ପ୍ରେମ ସମ୍ପର୍କ ଥିବା କିମ୍ବା ୨୦୨୭ରେ ବିବାହ ହେବା ନେଇ କୌଣସି ଆଧିକାରିକ ଘୋଷଣା ହୋଇନାହିଁ। ଉଭୟ ପରିବାରର କୌଣସି ସଦସ୍ୟ ମଧ୍ୟ ଏହି ଖବରକୁ ସ୍ପଷ୍ଟ କରିନାହାନ୍ତି। ତେଣୁ ବର୍ତ୍ତମାନ ପାଇଁ ସାରା ଓ ରାଜବୀରଙ୍କ ବିବାହ ଖବରକୁ କେବଳ ଏକ ସୋସିଆଲ ମିଡିଆ ଗୁଜବ ଭାବେ ହିଁ ଦେଖାଯାଉଛି। ଉଭୟ ପରିବାର ପକ୍ଷରୁ କୌଣସି ସ୍ପଷ୍ଟ ବୟାନ ନଆସିବା ପର୍ଯ୍ୟନ୍ତ ଏହି ଚର୍ଚ୍ଚା ଉପରେ ଭରସା କରିବା ଠିକ୍ ହେବ ନାହିଁ।

ପୁରୁଷଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ପାଞ୍ଚଟି ସ୍ୱାସ୍ଥ୍ୟ ପରୀକ୍ଷା

ଉତ୍ତମ ସ୍ୱାସ୍ଥ୍ୟ ପାଇଁ କେବଳ ଭଲ ଖାଦ୍ୟ ଖାଇବା ଏବଂ ନିୟମିତ ବ୍ୟାୟାମ କରିବା ଯଥେଷ୍ଟ ନୁହେଁ। ଏଥିପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ମଧ୍ୟ ଅତ୍ୟନ୍ତ ଆବଶ୍ୟକ। ଅନେକ ରୋଗର ପ୍ରାରମ୍ଭିକ ଲକ୍ଷଣ ଦେଖାଯାଏ ନାହିଁ ଏବଂ ଯେତେବେଳେ ସମସ୍ୟା ବିଷୟରେ ଜଣାପଡ଼େ, ସେତେବେଳକୁ ରୋଗ ବହୁତ ବଢ଼ିସାରିଥାଏ। ପୁରୁଷମାନଙ୍କ କ୍ଷେତ୍ରରେ, ବୟସ ବୃଦ୍ଧି ଏବଂ ଜୀବନଶୈଳୀ ଜନିତ କାରଣରୁ ଉଚ୍ଚ ରକ୍ତଚାପ, ମଧୁମେହ, ହୃଦରୋଗ ତଥା ଯକୃତ କିମ୍ବା ବୃକ୍କ ସମ୍ବନ୍ଧୀୟ ସମସ୍ୟାର ଆଶଙ୍କା ବଢ଼ିଯାଏ। ଏଭଳି ପରିସ୍ଥିତିରେ, କିଛି ନିର୍ଦ୍ଦିଷ୍ଟ ଡାକ୍ତରୀ ପରୀକ୍ଷା ମାଧ୍ୟମରେ ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଜାଣିହେବ।

ରକ୍ତଚାପ ପରୀକ୍ଷା ଦ୍ୱାରା ଉଚ୍ଚ ରକ୍ତଚାପ ଚିହ୍ନଟ ହୋଇପାରିବ: ପୁରୁଷମାନଙ୍କ ପାଇଁ ରକ୍ତଚାପ ଉପରେ ନଜର ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉଚ୍ଚ ରକ୍ତଚାପର ଏକ ମୁଖ୍ୟ ବିଶେଷତ୍ୱ ହେଉଛି ଯେ, ଏହାର ପ୍ରାୟତଃ କୌଣସି ସ୍ପଷ୍ଟ ଲକ୍ଷଣ ଦେଖାଯାଏ ନାହିଁ ଜଣେ ବ୍ୟକ୍ତି ନିଜକୁ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରୁଥିଲେ ମଧ୍ୟ ତାଙ୍କର ରକ୍ତଚାପ ଅଧିକ ରହିପାରେ। ଦୀର୍ଘ ଦିନ ଧରି ରକ୍ତଚାପ ଅଧିକ ରହିଲେ ଏହା ହୃଦରୋଗ, ଷ୍ଟ୍ରୋକ୍ (ପକ୍ଷାଘାତ) ଏବଂ ବୃକ୍କ ସମ୍ବନ୍ଧୀୟ ଜଟିଳତା ସୃଷ୍ଟି କରିପାରେ। ତେଣୁ, ନିୟମିତ ବ୍ୟବଧାନରେ ରକ୍ତଚାପ ଯାଞ୍ଚ କରାଇବା ଉଚିତ। ବିଶେଷକରି ସେହି ବ୍ୟକ୍ତିମାନଙ୍କ ପାଇଁ, ଯେଉଁମାନଙ୍କ ପରିବାରରେ ଉଚ୍ଚ ରକ୍ତଚାପ କିମ୍ବା ହୃଦରୋଗର ଇତିହାସ ରହିଛି।

ରକ୍ତ ଶର୍କରା ଏବଂ ୧ ପରୀକ୍ଷା ଶରୀରରେ ଶର୍କରାର ମାତ୍ରା ବିଷୟରେ ସୂଚନା ଦେଇଥାଏ। ଏହି ପରୀକ୍ଷାଗୁଡ଼ିକ ପ୍ରି-ଡାଇବେଟିସ୍ ଏବଂ ମଧୁମେହକୁ ଚିହ୍ନଟ କରିବାରେ ସାହାଯ୍ୟ କରେ। ପ୍ରି-ଡାଇବେଟିସ୍ର ଅର୍ଥ ହେଉଛି ଶରୀରରେ ଶର୍କରାର ମାତ୍ରା ସ୍ୱାଭାବିକ ଠାରୁ ଅଧିକ, କିନ୍ତୁ ଏହା ଏପର୍ଯ୍ୟନ୍ତ ମଧୁମେହ ଅବସ୍ଥାରେ ପହଞ୍ଚି ନାହିଁ। ଖାଦ୍ୟପେୟ ଏବଂ ଦୈନନ୍ଦିନ ଅଭ୍ୟାସରେ ଠିକ୍ ସମୟରେ ପରିବର୍ତ୍ତନ ଆଣିଲେ ଏହାକୁ ନିୟନ୍ତ୍ରଣରେ ରଖାଯାଇପାରିବ। ଅନ୍ୟ ପକ୍ଷରେ, ଶର୍କରାର ମାତ୍ରା ଦୀର୍ଘ ସମୟ ଧରି ଅଧିକ ରହିଲେ ତାହା ଆଖି, ସ୍ନାୟୁ, ହୃଦୟ ଏବଂ ବୃକ୍କ (କିଡନି)ର କ୍ଷତି ଘଟାଇପାରେ।



ଲିପିଡ୍ ପ୍ରୋଫାଇଲ୍ , କେଏଫଟି ଏବଂ ଏଲଏଫଟି ମଧ୍ୟ ଗୁରୁତ୍ୱପୂର୍ଣ୍ଣ: ଲିପିଡ୍ ପ୍ରୋଫାଇଲ୍ ପରୀକ୍ଷା ମାଧ୍ୟମରେ ରକ୍ତରେ କୋଲେଷ୍ଟ୍ରଲ୍ ଏବଂ ଟ୍ରାଇଗ୍ଲିସେରାଇଡ୍ର ମାତ୍ରା ଜଣାପଡ଼େ। ଏଗୁଡ଼ିକର ମାତ୍ରା ଅଧିକ ହେଲେ ହୃଦ୍‌ରୋଗ ଏବଂ ହୃଦ୍‌ଘାତର ଆଶଙ୍କା ବୃଦ୍ଧି ପାଇଥାଏ। ଏହା ବ୍ୟତୀତ, କିଡନି ଫଙ୍କସନ୍ ଟେଷ୍ଟ ଦ୍ୱାରା ବୃକ୍କଗୁଡ଼ିକ ଠିକ୍ ଭାବରେ କାମ କରୁଛନ୍ତି କି ନାହିଁ ତାହା ନିର୍ଦ୍ଧାରଣ କରାଯାଏ ଏଥିରେ କ୍ରିଏଟିନାଇନ୍ ଏବଂ ୟୁରିଆ ଭଳି ପଦାର୍ଥର ମାତ୍ରା ଯାଞ୍ଚ କରାଯାଏ। ସେହିପରି, ଲିଭର ଫଙ୍କସନ୍ ଟେଷ୍ଟ ଯକୃତର ସ୍ଥିତି ଆକଳନ କରିବାରେ ସାହାଯ୍ୟ କରେ ଏବଂ ଯକୃତ ସମ୍ବନ୍ଧୀୟ ସମ୍ଭାବ୍ୟ ସମସ୍ୟା ବିଷୟରେ ସୂଚିତ କରିପାରେ। ବୟସ, ସାମଗ୍ରିକ ସ୍ୱାସ୍ଥ୍ୟାବସ୍ଥା ଏବଂ ଡାକ୍ତରଙ୍କ ପରାମର୍ଶ ଭଳି ବିଭିନ୍ନ କାରଣ ଉପରେ ଆଧାର କରି ଏହି ପରୀକ୍ଷାଗୁଡ଼ିକର ଆବଶ୍ୟକତା ସ୍ଥିର କରାଯାଏ।

ଭାରତୀୟ ପୁରୁଷ କ'ଣ ପ୍ରକୃତରେ ସୁସ୍ଥ

ଧୀରେ ଧୀରେ ପୁରୁଷଙ୍କ ମଧ୍ୟରେ ଜିମ୍ ଯିବା, ଫିଟ୍‌ନେସ୍ ଟ୍ରାକ୍ କରିବା ସ ପ୍ରୋଟିନ୍ ସପ୍ଲିମେଣ୍ଟ୍ ନେବାର ପ୍ରବଣତା ଖୁବ୍ ବଢ଼ିଛି। ଶରୀରକୁ ସୁନ୍ଦର ଓ ମାଂସପେଶୀଯୁକ୍ତ କରିବା ପାଇଁ ସେମାନେ ବହୁତ ପରିଶ୍ରମ କରୁଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି କେତେ ଓଜନ ଉଠାଉଛନ୍ତି ବା କେତେ ପାଦ ଚାଲୁଛନ୍ତି, ତା'ଠାରୁ ବଡ଼ କଥା ହେଲା ସେମାନେ କ'ଣ ପ୍ରକୃତରେ ସୁସ୍ଥ ଅଛନ୍ତି?

ଜିମ୍, ୱାର୍କଆଉଟ୍ ରୁଟିନ୍, ପ୍ରୋଟିନ୍ ପାଉଡର ଏବଂ ସ୍ମାର୍ଟ ଫିଟନେସ୍ ୱାଚ୍ ଆଜି ଆଧୁନିକ ପୁରୁଷଙ୍କ ଜୀବନଶୈଳୀର ଅଂଶ ପାଲଟିଛି। ମାଂସପେଶୀ ଗଠନ ଓ ଶାରୀରିକ ଗଠନକୁ ନେଇ ସଚେତନତା ବଢ଼ିଛି ସତ, କିନ୍ତୁ ଏହା ସହିତ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପ୍ରତି ସେତିକି ଧ୍ୟାନ ଦିଆଯାଉନାହିଁ। ବାହାରୁ ଦେଖିବାକୁ ଖୁବ୍ ଫିଟ୍ ଦେଖାଯାଉଥିବା ଜଣେ ବ୍ୟକ୍ତିଙ୍କର ମଧ୍ୟ ଉଚ୍ଚ ରକ୍ତଚାପ, ବଢ଼ିଥିବା ରକ୍ତ ଶର୍କରା (ବ୍ଲଡ୍ ସୁଗାର), ଅସ୍ୱାସ୍ଥ୍ୟକର କୋଲେଷ୍ଟ୍ରଲ୍, ଫ୍ୟାଟି ଲିଭର୍ କିମ୍ବା ପ୍ରୋଷ୍ଟେଟ୍ ସମସ୍ୟା ଥାଇପାରେ। ଏଭଳି ଅନେକ ରୋଗ ବିନା କୌଣସି ପ୍ରାଥମିକ ଲକ୍ଷଣରେ ଶରୀର ଭିତରେ ବଢ଼ିପାରେ।

ଡାକ୍ତରମାନଙ୍କ ମତରେ, ବାହାରୁ ଫିଟ୍ ଦେଖାଯିବା ଏକ କଥା, କିନ୍ତୁ ଭିତରୁ ମେଡିକାଲି ସୁସ୍ଥ ରହିବା ପାଇଁ ମେଟାବଲିକ୍ ସ୍ୱାସ୍ଥ୍ୟ, ହରମୋନ୍ ସନ୍ତୁଳନ, ଭଲ ନିଦ, ମାନସିକ ଶାନ୍ତି ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକତା ରହିଛି।



ଫିଟ୍ ଦେଖାଯିବା ମାନେ ସୁସ୍ଥ ରହିବା ନୁହେଁ: ଭାରତୀୟ ପୁରୁଷଙ୍କ ଫିଟନେସ୍ ପ୍ରତି ଆଗ୍ରହ ନିଶ୍ଚିତ ଭାବେ ଏକ ଭଲ କଥା, କିନ୍ତୁ କେବଳ ଶାରୀରିକ ଗଠନକୁ ଦେଖି ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଆକଳନ କରିବା ଉଚିତ ନୁହେଁ ବୋଲି ବିଶେଷଜ୍ଞମାନେ ସତର୍କ କରାନ୍ତି। ନୋଏଡାର ଫୋର୍ଟିସ୍ ହସ୍ପିଟାଲର ଏଣ୍ଡୋକ୍ରିନୋଲୋଜି ବିଭାଗର ସିନିୟର କନସଲଟାଣ୍ଟ ଡା. ଅନୁପମ ବିଶ୍ୱାସ କୁହନ୍ତି ଯେ ଫିଟନେସ୍ ସଂସ୍କୃତି ଏବଂ ପ୍ରକୃତ ସ୍ୱାସ୍ଥ୍ୟ ଫଳାଫଳ ମଧ୍ୟରେ ଏକ ଦୂରତା ଦେଖାଦେଉଛି। ତାଙ୍କ କହିବା ଅନୁଯାୟୀ, ''ଆଜିର ପୁରୁଷମାନେ ଫିଟନେସ୍ ପ୍ରତି ସଚେତନ ହେଉଛନ୍ତି, ଜିମ୍‌ରେ ଭିଡ଼ ରହୁଛି, ସପ୍ଲିମେଣ୍ଟ ଟ୍ରେଣ୍ଡ୍ ଚାଲିଛି। କିନ୍ତୁ ମେଟାବଲିକ୍ ଭାବେ ସୁସ୍ଥ ରହିବା ଆଉ ଫିଟ୍ ଦେଖାଯିବାଦୁଇଟି ଭିନ୍ନ କଥା।'' ମେଦବହୁଳତା, ଟାଇପ୍-୨ ଡାଇବେଟିସ୍, ହାଇପରଟେନସନ୍, ଫ୍ୟାଟି ଲିଭର୍ ଏବଂ ଡିସଲିପିଡେମିଆ (ରକ୍ତରେ ଚର୍ବିର ଅସନ୍ତୁଳନ) ଭଳି ସମସ୍ୟା ଭାରତରେ ଏକ ବଡ଼ ଆହ୍ୱାନ ହୋଇ ରହିଛି, ଯାହା ସକ୍ରିୟ ଦେଖାଯାଉଥିବା ଲୋକଙ୍କଠାରେ ମଧ୍ୟ ଧରାପଡ଼ିପାରେ।ଦିଲ୍ଲୀର ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲ୍ର ଇଣ୍ଟରନାଲ୍ ମେଡିସିନ୍ର ସିନିୟର କନସଲଟାଣ୍ଟ ଡା. ରାକେଶ ଗୁପ୍ତା ମଧ୍ୟ ସମାନ କଥା କୁହନ୍ତି। ନିୟମିତ ବ୍ୟାୟାମ, ଓଜନ ନିୟନ୍ତ୍ରଣ ଏବଂ ପ୍ରୋଟିନ୍ ସପ୍ଲିମେଣ୍ଟ ସତ୍ତ୍ୱେ ଇନସୁଲିନ୍ ରେଜିଷ୍ଟାନ୍ସ, ଉଚ୍ଚ କୋଲେଷ୍ଟ୍ରଲ୍, ଫ୍ୟାଟି ଲିଭର୍ କିମ୍ବା ଉଚ୍ଚ ରକ୍ତଚାପ ରହିପାରେ, କାରଣ ପ୍ରାରମ୍ଭିକ ଅବସ୍ଥାରେ ଏହାର କୌଣସି ଲକ୍ଷଣ ନ ଥାଇପାରେ।

ପ୍ରୋଟିନ୍ ସପ୍ଲିମେଣ୍ଟକୁ ନେଇ ଧାରଣା: ଭାରତର ଫିଟନେସ୍ ଦୁନିଆରେ ପ୍ରୋଟିନ୍ ପାଉଡର ଓ ମାଂସପେଶୀ ବଢ଼ାଉଥିବା ସପ୍ଲିମେଣ୍ଟର ଲୋକପ୍ରିୟତା ଖୁବ୍ ବଢ଼ିଛି। ପ୍ରୋଟିନ୍ ଶରୀର ପାଇଁ ନିହାତି ଜରୁରୀ ସତ, କିନ୍ତୁ ''ଅଧିକ ଖାଇଲେ ଅଧିକ ଭଲ'' ଧାରଣା ସବୁବେଳେ ଠିକ୍ ନୁହେଁ। ବ୍ୟକ୍ତିର ଓଜନ, ବୟସ, କାମ ଓ ବ୍ୟାୟାମର ତୀବ୍ରତା ଏବଂ ସ୍ୱାସ୍ଥ୍ୟ ଅବସ୍ଥା ଅନୁସାରେ ଏହାର ପରିମାଣ ଭିନ୍ନ ହୁଏ। ଯେଉଁମାନେ ନିୟମିତ ଷ୍ଟ୍ରେଙ୍ଥ ଟ୍ରେନିଂ ଓ ମାଂସପେଶୀ ବଢ଼ାଇବା ଉପରେ ଧ୍ୟାନ ଦିଅନ୍ତି, ସେମାନଙ୍କ ପାଇଁ ଏହା ପ୍ରତି କିଲୋଗ୍ରାମ ଓଜନ ପିଛା ପ୍ରାୟ ୧.୫ ରୁ ୨ ଗ୍ରାମ ପର୍ଯ୍ୟନ୍ତ ହୋଇପାରେ। ତେବେ ସଭିଙ୍କ ପାଇଁ ଗୋଟିଏ ନିୟମ ଲାଗୁ ହୁଏ ନାହିଁ ନିଜର ସ୍ୱାସ୍ଥ୍ୟ ଓ ଆବଶ୍ୟକତା ଅନୁସାରେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ।

ନିଦ, ମାନସିକ ଚାପ: ଫିଟନେସ୍ର ଅଣଦେଖା ଦିଗ : ମାଂସପେଶୀ ଓ ବ୍ୟାୟାମର ତୀବ୍ରତା ଉପରେ ଧ୍ୟାନ ଦେବା ଭିତରେ ଶରୀରର ବିଶ୍ରାମ ଓ ପୁନରୁଦ୍ଧାର କଥା ଅନେକେ ଭୁଲି ଯାଆନ୍ତି।ଡା. ଭଟନାଗରଙ୍କ ମତରେ, ସୁସ୍ଥ ଜୀବନଶୈଳୀ ପାଇଁ ମାନସିକ ସ୍ୱାସ୍ଥ୍ୟ, ଚାପ ପରିଚାଳନା ଏବଂ ପର୍ଯ୍ୟାପ୍ତ ବିଶ୍ରାମ ଅତ୍ୟନ୍ତ ଜରୁରୀ। ଅଧିକ ସମୟ କାମ କରିବା, ଚାପ, ଅନିୟମିତ ଖାଦ୍ୟ ଏବଂ କମ୍ ନିଦ ଭଲ ୱାର୍କଆଉଟ୍ର ପ୍ରଭାବକୁ ମଧ୍ୟ କମାଇ ଦେଇପାରେ। ଡା. ବିଶ୍ୱାସ ମଧ୍ୟ କୁହନ୍ତି ଯେ ଖରାପ ନିଦ, ନିରନ୍ତର ଚାପ, ଅଳସୁଆ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଅଧିକ ମଦ୍ୟପାନ ମେଟାବଲିକ୍ ସ୍ୱାସ୍ଥ୍ୟ, ଯୌନ ସ୍ୱାସ୍ଥ୍ୟ ଏବଂ ହରମୋନ୍ ସନ୍ତୁଳନ ଉପରେ କୁପ୍ରଭାବ ପକାଇପାରେ।

କିପରି କଟିବ ଆଜିର ଦିନ

୨୨ ନଭେମ୍ବର ୨୦୨୬

ମେଷ: ପାରିବାରିକ ଜୀବନରେ କେତୋଟି ଘଟଣାକୁ ବାଦ୍‌ଦେଲେ ପ୍ରାୟତଃ ଅସୁବିଧା ରହିବନି। ଅନ୍ୟ କଥାକୁ ଗୁରୁତ୍ୱ ନଦେଇ ଆତ୍ମନିର୍ଭରଶୀଳ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

ବୃଷ: କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିବେ। ବୃହସ୍ପତିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଶତ୍ରୁ ହ୍ରାସ ପାଇବେ। ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

ମିଥୁନ: ସାମାଜିକ ସ୍ତରରେ ପ୍ରତିଷ୍ଠାଲାଭ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କଠୋର ପରିଶ୍ରମ ଜନିତ କାରଣରୁ ଶାରୀରିକ ଅସୁସ୍ଥତା ହୋଇପାରେ। ମହିଳାମାନେ କର୍ମତତ୍ପର ହେବେ।

କର୍କଟ: କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଅପରାହ୍ଣ ସମୟରେ ଟେନସନ୍ କିଛି ମାତ୍ରାରେ କମିଯିବ। ପର ଉପରେ ନିର୍ଭର ହେବା ପାଇଁ ବାଧ ହେବାକୁ ପଡ଼ିପାରେ।

ସିଂହ: ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ

ବାଲିଯାତ୍ରା ପ୍ରସ୍ତୁତି ଜୋରଦାର
ରାଷ୍ଟ୍ରପତିଙ୍କ ପାଇଁ ନିର୍ମାଣ ହେଉଛି 'କଳିଙ୍ଗ ତରଙ୍ଗିଣୀ' ବୋଟ୍



କଟକ,୨୧।୧୧(ନି.ପ୍ର): ଆସନ୍ତା ୨୪ରେ କଟକର ଐତିହାସିକ ବାଲିଯାତ୍ରା ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ବୋଟ୍ 'କଳିଙ୍ଗ ତରଙ୍ଗିଣୀ'ରେ ମହାନଦୀରେ ଆସି ବାଲିଯାତ୍ରାରେ ପହଞ୍ଚିବେ। ଏହି ବୋଟ୍‌ର ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାଯାଇଛି।

ଏହି ବୋଟ୍‌ରେ ରାଷ୍ଟ୍ରପତିଙ୍କ ପାଇଁ ରହିଛି ସ୍ୱତନ୍ତ୍ର ଆସନ। ବୋଟ୍‌ରେ ୧୫ ଜଣ ବସିପାରିବାର ବ୍ୟବସ୍ଥା ରହିଛି। ରାଷ୍ଟ୍ରପତିଙ୍କ ବୋଟ୍‌କୁ ଏସ୍‌କର୍ଟ କରିବ ନେଭିର ବୋଟ୍। ଏହି ବୋଟ୍ ସହ ଚାରି ପାଞ୍ଚଟି ବୋଟ୍ ମଧ୍ୟ ରହିବ, ଏଥିରୁ ନେଭିର ଦୁଇଟି ବୋଟ୍। ବାଲିଯାତ୍ରା ଇତିହାସରେ ଏହା ହେବ ପ୍ରଥମ ଘଟଣା। ରାଷ୍ଟ୍ରପତିଙ୍କ ସହ ଉପସ୍ଥିତ ରହିବେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ। ବାତ୍ୟା ପ୍ରଭାବରେ ହୋଇଥିବା ବର୍ଷାରେ ବାଲିଯାତ୍ରାର ତଳ ଓ ଉପର ପଡ଼ିଆରେ ପାଣି ଓ କାଦୁଅ ଜମି ଯାଇଥିବାରୁ ଏହାକୁ ସଜାଡ଼ିବାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି। ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚ ଏବଂ କଟକ ଇନ୍ କଟକ କାର୍ଯ୍ୟ ମଧ୍ୟ ଜୋରସୋର ଚାଲିଛି। ୨୩ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ସରିବାକୁ ପ୍ରଶାସନର ଟାର୍ଗେଟ୍ ରହିଛି।

୯ ଲକ୍ଷ ଚଲୁ, ପୂର୍ବତନ ପିଇଓ ଗିରଫ

ଜୟପୁର,୨୧।୧୧(ନି.ପ୍ର): ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଆତ୍ମସାତ ଅଭିଯୋଗରେ କୋରାପୁଟ ଜିଲ୍ଲାର ଜଣେ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଆଦିତ୍ୟ ଚୋପାଡ଼ିଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେ ନନ୍ଦପୁର ବ୍ଲକ ଅନ୍ତର୍ଗତ ଖୁର୍ଜି ଗ୍ରାମପଞ୍ଚାୟତର ପୂର୍ବତନ ପିଇଓ। ସେ ପ୍ରାୟ ୯ ଲକ୍ଷ ଟଙ୍କାର ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ସେ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ ପାଇଁ ଆସିଥିବା ସରକାରୀ ଅର୍ଥକୁ ନିଜସ୍ୱ ସ୍ୱାର୍ଥରେ ବ୍ୟବହାର କରିଥିଲେ। ୨୦୨୩–୨୪ ଏବଂ ୨୦୨୪–୨୫ ଆର୍ଥିକ ବର୍ଷ ମଧ୍ୟରେ ସେ ଚଲୁ କରିଦେଇଥିଲେ ପ୍ରାୟ ୯ ଲକ୍ଷ ଟଙ୍କା।



ଆନ୍ତଃରାଜ୍ୟ ଚୋରା ବନ୍ଧୁକ କାରବାର, ୨ ଗିରଫ

ଭୁବନେଶ୍ୱର,୨୧।୧୧(ନି.ପ୍ର): ଆନ୍ତଃରାଜ୍ୟ ଚୋରା ଅସ୍ତ୍ରଶସ୍ତ୍ର କାରବାର ନେଟ୍‌ୱାର୍କ ଠାବ କରିଛି ଓଡ଼ିଶା ଏସ୍‌ଟିଏଫ୍। ବିହାରର ମୁଙ୍ଗେରରୁ ଚୋରା ବନ୍ଧୁକ କାରବାର କରୁଥିବା ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଆକାଶ ସିଂହ ଓ ରାଜେଶ ଶର୍ମା ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ୬ ବନ୍ଧୁକ ସହ ଅଫୁଟା ଗୁଳି, ବିମାନ ଟିକେଟ, ମୋବାଇଲ ଫୋନ୍, ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି। ଜବତ ବନ୍ଧୁକ ମଧ୍ୟରେ ରହିଛି ଦୁଇଟି ୭–ଏମ୍‌ଏମ୍ ପିସ୍ତଲ। କିଛିଦିନ ହେବ ଏସ୍‌ଟିଏଫ୍ ପକ୍ଷରୁ ଏହି ଅପରେସନ ଜାରି ରହିଥିଲା। ଏବେ କାରବାର ପଛରେ ଲିଙ୍କ୍ ଖୋଜୁଛି ଏସ୍‌ଟିଏଫ୍। କ୍ରାଇମ୍‌ବ୍ରାଞ୍ଚ ଆଇଜି ହିମାଂଶୁ ଲାଲ୍ କହିଛନ୍ତି, ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ। ସେମାନଙ୍କୁ ପଚରାଉଚରା ପରେ ଅଧିକ ତଥ୍ୟ ସାମ୍ନାକୁ ଆସିବ।

ଆଇଆଇଟିଏଫ୍ ୨୦୨୬

ଓଡ଼ିଶୀ, ପାଇକ ଓ ଧାପ ନୃତ୍ୟର ଚମତ୍କାର ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଲା

ଭାରତ ମଣ୍ଡପମରେ ଓଡ଼ିଶାର ଶାସ୍ତ୍ରୀୟ ଗରିମା, ବୀରତାର ପରମ୍ପରା, ଲୋକ ସଂସ୍କୃତିର ଆକର୍ଷଣୀୟ ପ୍ରଦର୍ଶନ







ନୂଆଦିଲ୍ଲୀ,୨୧।୧୧(ବିଜୟ ସୁଦ୍): ୪୫ତମ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଟ୍ରେଡ୍ ଫେୟାର (ଆଇଆଇଟିଏଫ୍) ୨୦୨୬ ଅବସରରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, କଳାତ୍ମକ ଉତ୍କୃଷ୍ଟତା ଓ ଜୀବନ୍ତ ପରମ୍ପରା ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆୟୋଜିତ ଓଡ଼ିଶା ଷ୍ଟେଟ୍ ଡେ ସମାରୋହରେ ଜୀବନ୍ତ ହୋଇଛି। ଏହି ଅବସରରେ ଓଡ଼ିଶୀ, ପାଇକ ଯୁଦ୍ଧକଳା ଏବଂ ଧାପ ନୃତ୍ୟର ଆକର୍ଷଣୀୟ ପ୍ରଦର୍ଶନ ମନ୍ତ୍ରମୁଗ୍ଧ କରିଦେଇଛି ଦର୍ଶକଙ୍କୁ। ଏହି ପ୍ରଦର୍ଶନ ଜରିଆରେ ରାଷ୍ଟ୍ରୀୟ ମଞ୍ଚରେ ଓଡ଼ିଶାର ଶାସ୍ତ୍ରୀୟ ଗରିମା, ବୀରତାର ପରମ୍ପରା, ଲୋକ ସଂସ୍କୃତିର ଆକର୍ଷଣୀୟ ସଙ୍ଗମ ଦେଖିବାକୁ ମିଳିଛି।

ସମାରୋହରେ ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀ ସ୍ଥିତ ବିଶେଷ ଆବସୀୟ ଆୟୁକ୍ତ ସୁଶ୍ରୀ ରିତୁ ଅରୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ମଧ୍ୟ ଅପର୍ ଆବାସୀୟ ଆୟୁକ୍ତ ସୁଶ୍ରୀ ସୁଚରିତା ଷଡ଼ଙ୍ଗୀ, ସୂଚନା ଓ ଲୋକସଂପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁଶ୍ରୀ ସୁଚେତା ପ୍ରିୟଦର୍ଶିନୀ ଏବଂ ନିର୍ଦ୍ଦେଶକ–ସହପାଭେଲିୟନ ନୋଡାଲ ଅଧିକାରୀ ସୁଶ୍ରୀ ଅଶ୍ୱିନୀ ଭୋଇ ମଧ୍ୟ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଅଧିକାରୀ, ବିଶିଷ୍ଟ ଅତିଥି, ଦିଲ୍ଲୀ ଏବଂ ଅନ୍ୟ ରାଜ୍ୟର ପ୍ରବାସୀ ଓଡ଼ିଆ ସମୁଦାୟର ସଦସ୍ୟ, ନିମନ୍ତ୍ରିତ ଅତିଥି ଏବଂ ଟ୍ରେଡ୍ ଫେୟାରକୁ ଆସିଥିବା ଦର୍ଶକ ମଧ୍ୟ ସାମିଲ ହୋଇଥିଲେ ଏହି ସମାରୋହରେ।

ଆଙ୍କରଙ୍କ ଦ୍ୱାରା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ସ୍ୱାଗତ ଏବଂ ପରିଚୟ ପ୍ରଦାନ ସହ। ଏହା ପରେ ମଞ୍ଚକୁ ଅତିଥିଙ୍କ ଆଗମନ ହୋଇଥିଲା। ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ଅନ୍ୟ ଦେବଦେବୀଙ୍କୁ ପୁଷ୍ପ ଅର୍ପଣ କରାଯାଇ ଓଡ଼ିଶା ଷ୍ଟେଟ ଡେ ସମାରୋହର ବିଧିବଦ୍ଧ ଉଦ୍‌ଘାଟନ ହୋଇଥିଲା। ଏହି ଅବସରରେ ଭାରତ ମଣ୍ଡପମରେ ସ୍ଥାପିତ ଓଡ଼ିଶା ପାଭେଲିୟନ ମଧ୍ୟ ଆଗନ୍ତୁକ, ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ରାଜ୍ୟର ପ୍ରତିନିଧି ମଣ୍ଡଳ ତଥା ଅନ୍ତଃରାଷ୍ଟ୍ରୀୟ ପର୍ଯ୍ୟଟକଙ୍କ ଉପସ୍ଥିତିରେ ଉଚ୍ଛୁଳି ଉଠିଥିଲା। ଫ୍ରାନ୍ସ, ଆଫଗାନିସ୍ତାନ ଓ ଶ୍ରୀଲଙ୍କା ସମେତ ବିଭିନ୍ନ ରାଷ୍ଟ୍ରର ପ୍ରତିନିଧି ଓ ପର୍ଯ୍ୟଟକ ଓଡ଼ିଶା ପାଭେଲିୟନକୁ ଅବଲୋକନ କରି ଏହାର ଖୁବ୍ ପ୍ରଶଂସା କରିଥିଲେ।

ଏପର୍ଯ୍ୟନ୍ତ ଓଡ଼ିଶା ପାଭେଲିୟନରେ ୮୦,୦୦୦ ରୁ ଅଧିକ ବ୍ୟକ୍ତିଙ୍କର ଆଗମନ ହୋଇସାରିଛି। ବିକ୍ରିବଟା ମଧ୍ୟ ୨୭ଲକ୍ଷରୁ ଅଧିକ ହୋଇଛି। ପାଭେଲିୟନରେ ହସ୍ତଶିଳ୍ପ, ହାତବୁଣା, ପଟ୍ଟଚିତ୍ର, ଢୋକରା ଶିଳ୍ପ, ଚାନ୍ଦିର ତାରକସି ଭଳି ପାରମ୍ପରିକ କଳାର ସଜୀବ ପ୍ରଦର୍ଶନ ମଧ୍ୟ ଆଗନ୍ତୁକ ଓ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି।

କ୍ଷତିପୂରଣ ଓ ଋଣ ଛାଡ଼ ଦାବି କଲେ ଶତାଧିକ ଚାଷୀ



ବୋଲଗଡ଼,୨୧।୧୧(ନି.ପ୍ର): ବୋଲଗଡ ବ୍ଲକରେ ବାତ୍ୟା ଅକଣ୍ଡ୍ୟାନ ଦ୍ୱାରା ଚାଷ କ୍ଷତିଗ୍ରସ୍ତ ହୋଇଛି। ବିଗତ ବାତ୍ୟା ଅର୍ଣ୍ଣବ କ୍ଷତି କରିଥିଲା। ଅବଶିଷ୍ଟ ଅକଣ୍ଡ୍ୟାନ ନଷ୍ଟ କରିଦେଲା। ଫଳରେ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ଅମଳ ହେବାକୁ ଯାଉଥିବା ଫସଲ ପାଣିରେ ଭାସୁଛି। କେତେକ ଗଜା ହୋଇଗଲାଣି। ଏପରି ସ୍ଥଳେ ସରକାର ଚାଷୀଙ୍କୁ କ୍ଷତିପୂରଣ ଦେବା ସହ କୃଷି ଋଣ ଛାଡ଼ କରିବାକୁ ଦାବି କରିଛନ୍ତି। ଚାଷୀ ପ୍ରମୁଖ ପ୍ରକାଶ ରାଉତରାୟ, ରଞ୍ଜନ ଲେଙ୍କା ଓ ଜ୍ୟୋତିରଞ୍ଜନ ଅଜ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଚାଷୀ ତହସିଲଦାର ବିଜୟ କୁମାର ସେଠିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ବ୍ଲକ କୃଷି ଅଧିକାରୀ ସନ୍ତୋଷ ପରିଡ଼ାଙ୍କୁ ମଧ୍ୟ ଦାବି ପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି।

ପାଣି ଖଲାସ ନହେଲେ ବିଲରେ ପଚିବ ପାଚିଲା ଧାନ



ନୟାଗଡ଼,୨୧।୧୧(ନି.ପ୍ର): ବାତ୍ୟା 'ଆକଭାନ' ପ୍ରଭାବରେ ନୟାଗଡ଼ ଜିଲ୍ଲାରେ ଦୁଇ ଦିନ ଧରି ହୋଇଥିବା ତୁହାକୁ ତୁହା ପ୍ରବଳ ବର୍ଷା ଯୋଗୁଁ ଅମଳକ୍ଷମ ଧାନ ଓ କେଣ୍ଡା ଧରିଥିବା ଧାନ ଫସଲ ପାଣି ବିଲରେ ପଡ଼ିଯିବାରୁ ଧାନ ବହୁ ପରିମାଣରେ କ୍ଷୟକ୍ଷତି ହେବାର ସମ୍ଭାବନା ଦେଖାଯାଇଛି। ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡିଛି। କେଉଁଠାରେ ଚାଷୀ ପାଣିରୁ ଧାନ ଛାଣୁଛି ତ ଆଉ କେଉଁଠି ପାଣିରେ ଧାନ ଭାସୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ବ୍ଲକର ହେକ୍ଟର ହେକ୍ଟର ଧାନ କ୍ଷେତ ବର୍ଷା ଯୋଗୁଁ ଏଭଳି କ୍ଷତି ହୋଇଛି। ଯାହାକୁ ନେଇ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଯେଉଁ ଭଳି କ୍ଷତି ହୋଇଛି ପରିବାର ଚଳାଇବା କାଠିକର ପାଠ ହେବ ବୋଲି ଚାଷୀମାନେ କହିଛନ୍ତି। ଅନ୍ୟପକ୍ଷରେ ବିରି, ମୁଗ, ବାଇଗଣ, କୋବି, ଭେଣ୍ଡି, ମକା, ଫୁଲକୋବି ଆଦି ବ୍ୟାପକ ଫସଲ ନଷ୍ଟ ହୋଇଯାଇଛି। ଧାରକରଜ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି ଯେଉଁ ସୁନାର ଚାଷୀ ଫସଲ ଫଳାଇଥିଲା ବାତ୍ୟା ଆକଭାନ ସେସବୁକୁ ଛଡ଼ାଇ ନେଇଛି ବୋଲି କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ କହିଛନ୍ତି।

ନୟାଗଡ଼ ଜିଲ୍ଲାରେ ବାତ୍ୟା ପ୍ରଭାବରେ ଦୁଇ ଦିନ ଧରି ବର୍ଷା ହୋଇଥିଲା। ପ୍ରଥମ ଦିନରେ ଝିପିଝିପି ବର୍ଷା ହୋଇଥିବାବେଳେ ଦ୍ୱିତୀୟ ଦିନରେ ବର୍ଷା ଲାଗି ରହିଥିଲା। ସରକାରୀ ଭାବେ ମିଳିଥିବା ସୂଚନାରୁ ପ୍ରକାଶ ରଣପୁର ବ୍ଲକରେ ସର୍ବାଧିକ ୪୬.୮ ମି.ମି., ନୂଆଗାଁ ବ୍ଲକରେ ସର୍ବନିମ୍ନ ୨୧.୪ମି.ମି. ବର୍ଷା ହୋଇଛି। ସେହିଭଳି ଭାପୁର ବ୍ଲକରେ ୪୫.୩ମି.ମି., ଦଶପଲ୍ଲା ବ୍ଲକରେ ୨୨.୭ମି.ମି., ଗଣିଆ ବ୍ଲକରେ ୨୨.୧ ମି.ମି., ଖଣ୍ଡପଡ଼ା ବ୍ଲକରେ ୩୮.୫ମି.ମି., ନୟାଗଡ଼ ବ୍ଲକରେ ୩୫.୫ମି.ମି. ଏବଂ ଓଡ଼ଗାଁ ବ୍ଲକରେ ୩୮.୨ମି.ମି. ବର୍ଷା ହୋଇଥିବା ସରକାରୀ ଭାବେ ରେକର୍ଡ କରାଯାଇଛି। ଜିଲ୍ଲାରେ ହାରାହାରି ୩୩.୭୫ ମି.ମି. ବର୍ଷା ହୋଇଛି। ଖାଲଜମିର ପାଚିଲା ଧାନ ବିଲରେ ଦୁଇଦିନ ଧରି ପାଣି ଜମି ରହିଛି। ଯଦି ଜମିରୁ ପାଣି ଖାଲି ନହୁଏ ତେବେ ଖାଲଜମିରେ ଥିବା ଧାନ ଗଜା ଧରିବ ବୋଲି ଚାଷୀ ନେତା ରଣଜିତ ଦଳବେହେରା ପ୍ରକାଶ କରିଛନ୍ତି। ସୂଚନାରୁ ପ୍ରକାଶ, ଜିଲ୍ଲାରେ ୮୫ ହଜାର ୪୭୯ ହେକ୍ଟର ଜମିରେ ଧାନ ଚାଷ ହୋଇଥିବାବେଳେ ସେଥି ମଧ୍ୟରୁ ୨୬ ପ୍ରତିଶତ ଖାଲଜମି ରହିଛି।



ପାଦଚିହ୍ନ ଦେଶ କୌଣସି ଚୋର, ଡକାୟତଙ୍କ କର୍ତ୍ତୃତ୍ୱରୁ ବରବାଦ୍ ହୁଏ ନାହିଁ କିନ୍ତୁ ଭଲ ଲୋକଙ୍କ ଡରୁଆ ଏବଂ ନିଷ୍କ୍ରମାପଣ ଯୋଗୁଁ ବରବାଦ୍ ହୋଇଥାଏ ।

ସମ୍ପାଦକୀୟ

ଜୀବନ୍ତ ଉଦାହରଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, 'ମୋର ବିଶ୍ୱାସ ଯେ ସମାଜର ଅସଲି ତାକତ ସେତେବେଳେ ଦେଖିବାକୁ ମିଳିଥାଏ ଯେତେବେଳେ ସମାଜ ତା'ର କନ୍ୟାମାନଙ୍କ ଦାୟିତ୍ୱ ସାମୂହିକ ଭାବେ ନିର୍ବାହ କରିଥାଏ । ଯେତେବେଳେ ଗରିବ ଓ ବଞ୍ଚିତ ପରିବାରଙ୍କ କନ୍ୟାମାନଙ୍କ ବିବାହରେ ପୂରା ସମାଜ ସହଯୋଗ କରିଥାଏ ଓ ସହଭାଗୀ ହୋଇଥାଏ, ତାହା କେବଳ ଏକ ସଂସ୍କାର ହୋଇ ରହିନଥାଏ, ବରଂ ସାମାଜିକ ଦାୟିତ୍ୱ ଓ ମାନବୀୟ ସମ୍ବେଦନାର ଜୀବନ୍ତ ଉଦାହରଣ ପାଲଟି ଯାଇଥାଏ । ଏଭଳି ପ୍ରୟାସ ମଜଭୁତ କରିଥାଏ ଦେଶକୁ ।' ଦେଶର ଏକ ଗ୍ରାମର କଥା ଉଲ୍ଲେଖ କରିବା। ଏହି ଗ୍ରାମରେ ସାମୂହିକ ସଂକଳ୍ପ ଫଳରେ ନିର୍ଧନ କନ୍ୟାମାନଙ୍କ ଘର ସଂସାର ସ୍ୱପ୍ନ ସାକାର ହୋଇଥାଏ । ଏହି ଗ୍ରାମଟିର ନାମ ବଘେରା । ଛତିଶଗଡ଼ ରାଜ୍ୟର ରାଜନନ୍ଦଗାଓଁ ଜିଲ୍ଲାର ଏହି ଗ୍ରାମରେ ରହିଛି ବାବା ମରସକୋଟା ଧାମ । ସେଠାରେ ନିର୍ଧନ କନ୍ୟାମାନଙ୍କର ବିବାହ ସମସ୍ତଙ୍କ ସହଯୋଗରେ ଓ ଉପସ୍ଥିତିରେ ଧୁମଧାମରେ କରାଯାଇଥାଏ। ୨୦୧୮ରୁ ଏହି ମହତ କାର୍ଯ୍ୟ ଜାରି ରହିଛି । ଏଯାବତ୍ ସେଠାରେ ୩୮ଜଣ ନିର୍ଧନ କନ୍ୟାଙ୍କର ବିବାହ ହୋଇଛି। ମା କାଳୀ ମନ୍ଦିର ପରିସରରେ ହୋଇଥାଏ ଏହି ବିବାହ କାର୍ଯ୍ୟ । ହଳଦୀ, ମେହନ୍ଦୀ, ବରଯାତ୍ରୀ, ବରଣମାଳା, ସାତ୍ ଫେରେ, ଭୋଜିଭାତ ଆଦି ସମସ୍ତ ପରମ୍ପରା ଗର୍ବ ଓ ଗୌରବର ସହ ପାଳିତ ହୋଇଥାଏ । ଆଖପାଖର ଗ୍ରାମବାସୀ ଓ କୃଷକ ମିଳିତ ଭାବେ ପ୍ରତ୍ୟେକ କନ୍ୟାଙ୍କ ବିବାହରେ ପ୍ରାୟ ୧ ଲକ୍ଷ ଟଙ୍କା ବା ତା'ଠାରୁ ଅଧିକ ଖର୍ଚ୍ଚ କରିଥାନ୍ତି । ଏହି ଖର୍ଚ୍ଚ ସେମାନେ ନିଜେ ବହନ କରିଥାନ୍ତି। କନ୍ୟା ବିବାହ ଦିନ କନ୍ୟାଙ୍କ ସ୍ୱଜନ, ସାଙ୍ଗସାଥି, ବନ୍ଧୁବାନ୍ଧବଙ୍କୁ ନେବା ଆଣିବାର ଦାୟିତ୍ୱ ତୁଲାଇଥାଏ ମନ୍ଦିର କମିଟି । ଏହି ବିବାହରେ ନିଃସନ୍ତାନ ଦମ୍ପତିଙ୍କୁ ମଧ୍ୟ କନ୍ୟାଦାନର ସୁଯୋଗ ଦିଆଯାଇ ସେମାନଙ୍କ ଇଚ୍ଛା ପୂରଣ କରାଯାଇଥାଏ। ମନ୍ଦିରରେ ଶ୍ରଦ୍ଧାଳୁମାନେ ଅର୍ପଣ କରୁଥିବା ଶାଢ଼ି, କପଡ଼ା ଓ ଅନ୍ୟାନ୍ୟ ସାମଗ୍ରୀ କନ୍ୟାଙ୍କ ବିଦାୟ ବେଳେ ଅତିଥିମାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥାଏ । ଧନ ଅଭାବରୁ ବିବାହ କରିବାର ସ୍ୱପ୍ନରୁ ନିର୍ଧନ କନ୍ୟା ବଞ୍ଚିତ ନହେବା ପାଇଁ ଏହି ମହତ କାର୍ଯ୍ୟର ନାମ ଦିଆଯାଇଛି କନ୍ୟା ବିବାହ ଯୋଜନା ।



ଅତି ମହତ କାର୍ଯ୍ୟ

ଗତ ୪ ବର୍ଷରେ କେହି ଦାବିଦାର ନଥିବା ପ୍ରାୟ ୯ଶହ ମୃତକଙ୍କ ସତ୍କାର କାର୍ଯ୍ୟ କରିଥିବା ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ମହତ କାର୍ଯ୍ୟ କଥା ଉଲ୍ଲେଖ କରିବା ନିହାତି ଆବଶ୍ୟକ । ସୁନ୍ଦରଗଡ଼ର ଏହି ୫୦ ବର୍ଷ ବୟସ୍କ ଫାର୍ମାସିଷ୍ଟ କରୋନା ସମୟରେ ହିଁ ୪୩୬ ଜଣ ମୃତ କୋଭିଡ଼ ଆକ୍ରାନ୍ତଙ୍କ ସତ୍କାର କାର୍ଯ୍ୟ କରିଥିଲେ । ପ୍ରଥମେ ସିଦ୍ଧାନ୍ତ ଏକୁଟିଆ ଆରମ୍ଭ କରିଥିଲେ ଏହି ମହତ କାର୍ଯ୍ୟ। ଏବେ ତାଙ୍କ ସହ ଅଛନ୍ତି ପାଞ୍ଚ ଜଣିଆ ଟିମ୍ । ଏହି ପାଞ୍ଚ ଜଣଙ୍କ ମଧ୍ୟରୁ ପ୍ରଥମେ ସିଦ୍ଧାନ୍ତଙ୍କ ସହ ଯୋଗ ଦେଇଥିଲେ ମନୋଜ ତ୍ରିପାଠୀ ଓ ଶିଶିର ବେହେରା । ତା'ପରେ ଯୋଗ ଦେଇଥିଲେ ଆଉ ତିନି ଜଣ କମଲେଶ ନାଥାନୀ, ଦେବେନ୍ଦ୍ର ସାହୁ ଓ ଚିଣ୍ଟୁ ରାକ୍ବା । କରୋନା ସମୟରେ ଏହି ଟିମ୍‌ର କାର୍ଯ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବା ବହୁ ବ୍ୟକ୍ତିଙ୍କ ମରଶରୀର ସେମାନଙ୍କ ପରିବାର ଲୋକ ଛୁଇଁନଥିବା ବେଳେ ଏହି ଟିମ୍ ସତ୍କାର କାର୍ଯ୍ୟ କରିଥିଲେ । ଏପରିକି କରୋନା ସମୟରେ ଲୋକେ ପଦାକୁ ବାହାରୁନଥିବା ବେଳେ ୧୦୦ କିମି ଦୂର ସମ୍ବଲପୁରର କୁଚିଣ୍ଡାକୁ ଯାଇ ଏହି ଟିମ୍ ଜଣେ କରୋନା ଆକ୍ରାନ୍ତଙ୍କ ଶବ ସତ୍କାର କରିଥିଲେ । କେବଳ ସେମାନେ ଶବ ସତ୍କାର କରୁନାହାନ୍ତି, ମୃତକମାନଙ୍କ ଅସ୍ଥି ଓ ପାଉଁଶ ମଧ୍ୟ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଗଣବିସର୍ଜନ କରୁଛନ୍ତି ଏବଂ ଗୟାରେ ଗଣପିଣ୍ଡଦାନ ବି ଦେଉଛନ୍ତି । ଅସ୍ଥି ଓ ପାଉଁଶ ସଂଗ୍ରହକରି ରଖିବା ପରେ ଏହି କାର୍ଯ୍ୟ କରୁଛନ୍ତି । କରୋନା ସମୟରେ ସିଦ୍ଧାନ୍ତ ମଧ୍ୟ ମୁମ୍ବାଇର ଜୁହୁର ପରିବାର ସହ ଯୋଗାଯୋଗ କରି କରୋନା ଆକ୍ରାନ୍ତଙ୍କୁ ମାଗଣା ଅକ୍ସିଜେନ ସିଲିଣ୍ଡର ଦେବାର ବ୍ୟବସ୍ଥା କରିଥିଲେ । ସେ ମଧ୍ୟ ଜଣେ ନିୟମିତ ରକ୍ତଦାତା । ୮୪ଥର ସେ ରକ୍ତଦାନ କରିଛନ୍ତି। ସିଦ୍ଧାନ୍ତ ଏକ ଫାର୍ମାସୀ ଚଳାଉଥିବା ବେଳେ ମନୋଜ ହୋଟଲ ବ୍ୟବସାୟ କରନ୍ତି । ଶିଶିରଙ୍କର ଅଛି ଏକ ଜେନେରାଲ ଷ୍ଟୋର । ଦେବେନ୍ଦ୍ରଙ୍କର ଏକ ରେଷ୍ଟୁରାଣ୍ଟ ଅଛି ଏବଂ ଚିଣ୍ଟୁ ଏକ ପ୍ରାଇଭେଟ କମ୍ପାନୀରେ ଜବ୍ କରନ୍ତି । କମଲେଶ ହୋଲସେଲ ବିଜିନେସରେ ଜଡ଼ିତ ।

ମହାମୌନ

ଦୂରବର୍ତ୍ତ ଗାଁରେ ଗୋଟିଏ ମଠ ଥିଲା। ଚାରିଜଣ ସାଙ୍ଗ ଏହି ମଠରେ ସତ୍ୟର ସନ୍ଧାନରେ ନିବାସ କରୁଥିଲେ। ସେମାନେ ଯୋଗ ଧ୍ୟାନରେ ଜୀବନ ବିତାଉଥିଲେ। କିନ୍ତୁ ସେମାନଙ୍କ ମନ ଅଶାନ୍ତ ରହୁଥିଲା। ଚାରିଜଣଙ୍କ ମଧ୍ୟରୁ ଜଣେ କହିଲା, ଆମେ ଅଧିକ କଥା ହେଉଛେ। ତେଣୁ ଆମର ସାଧନ। ଅପୂରଣୀୟ ରହିଯାଉଛି। ସେମାନେ ଚାରିଜଣ ମିଶି ସ୍ଥିର କଲେ ମୌନ ରହିବେ। ମଠଟି ଏଭଳି ଶାନ୍ତ ସ୍ଥାନରେ ଥିଲା ଯେ ପବନ ବହିଲେ ମଧ୍ୟ ଜଣାପଡୁଥିଲା। ସ୍ଥିର ହେଲା ୭ ଦିନ ପର୍ଯ୍ୟନ୍ତ ପ୍ରଳୟ ଆସିଲେ ମଧ୍ୟ କେହି କଥା କହିବେ ନାହିଁ। କେହି ଠାରରେ ହେଉ ଅବା ଲେଖି କଥା ହେବେ ନାହିଁ। ପ୍ରଥମ ଦିନ ସେମାନେ ଏକ ଘରେ ଚୁପଚାପ ବସିଲେ। ମଝିରେ ଏକ ଛୋଟ କାଠ ଟେବୁଲରେ ତେଲର ଏକ ବଡ଼ ଦୀପ ଜଳୁଥିଲା। ପ୍ରହର ପରେ ପ୍ରହର ବିତି ଚାଲିଲା। ପବନର ଦଲକାଏ ଛିଟାରେ ଦୀପ ଲିଭିଗଲା। ଦୀପ ଲିଭିଯିବା ପରେ ଜଣେ ଭିକ୍ଷୁ କହିଲା, ଆରେ ଦୀପତ ଲିଭିଗଲା। ଘର ଏତେ ଶାନ୍ତ ଥିଲା ଯେ ସେମାନଙ୍କ ନିଃଶ୍ୱାସ, ଆତ୍ମାର ସ୍ୱର ସେମାନେ ଶୁଣି ପାରୁଥିଲେ। ଦ୍ୱିତୀୟ ଭିକ୍ଷୁ କହିଲା, ଆରେ ତୁମେତ ନିୟମ ଭଙ୍ଗ କଲ। ଆମର ବ୍ରତ ଭାଙ୍ଗିଗଲା। ତୃତୀୟ ଭିକ୍ଷୁ କ୍ରୋଧିତ ହୋଇ କହିଲା, ତୁମେ ଦୁଇଜଣ ଏ କଣ କଲ! ଏଭଳି ଶାନ୍ତ ବାତାବରଣରେ ଚତୁର୍ଥ ଭିକ୍ଷୁ ହଠାତ ଗର୍ବର ସହିତ ଜୋରରେ ହସ ହସି କହିଲା, ମୁଁ ଜିତିଗଲି ତୁମେସବୁ ହାରିଗଲ। ଚାରିଜଣ ଭିକ୍ଷୁ ମୌନତ ଥିଲେ, କିନ୍ତୁ ସେମାନଙ୍କ ଭିତର ବଜାର ଭଳି ଅଶାନ୍ତ କୋଳାହଳରେ ପୂର୍ଣ୍ଣ ଥିଲା। ଚାରିଜଣ ନିଜ ଭିତରକୁ ଦେଖି ପାରୁ ନ ଥିଲେ। ସ୍ଥାନ ବଦଳାଇଦେଲେ ଆମେ ଶାନ୍ତି ପାଇଯିବାନି। ଶାନ୍ତି ଆମ ଭିତରେ ଅଛି। ପ୍ରକୃତରେ ଚାରିଜଣ ଭିକ୍ଷୁ ମୌନବ୍ରତ ଆରମ୍ଭ ହିଁ କରି ନ ଥିଲେ।



ସୀମାନ୍ତ ଅଞ୍ଚଳର ଗାଁ କାହିଁକି ଓଡ଼ିଶାରୁ ଧୀରେ ଧୀରେ ଚାଲିଯାଉଛି

ପ୍ରଦୀପ୍ତ କୁମାର କର

ଓଡ଼ିଶାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ଗ୍ରାମଗୁଡିକ କାହିଁକି ଓଡ଼ିଶାରୁ ଚାଲି ଯାଉଛି । ଓଡ଼ିଶାର ଚାରି ଦିଗରେ ସୀମାନ୍ତ ଅଞ୍ଚଳରେ ପ୍ରାୟ ୯୬ ରୁ ଅଧିକ ଗାଁ ଏବେ ପଡ଼ୋଶୀ ରାଜ୍ୟଗୁଡିକର ପ୍ରଶାସନିକ ଓ ସାଂସ୍କୃତିକ ପ୍ରଭାବ ମଧ୍ୟକୁ ଧୀରେ ଧୀରେ ଚାଲି ଯାଉଛି। ୧୯୩୬ ମସିହାରେ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଗଠନ ହେବା ସମୟରେ ଅସ୍ପଷ୍ଟ ସୀମା ନିର୍ଦ୍ଧାରଣ, ସାଂପ୍ରତିକ ବିକାଶମୂଳକ କାର୍ଯ୍ୟରେ ଅବହେଳା, ପଡ଼ୋଶୀ ରାଜ୍ୟଗୁଡ଼ିକର ଆକର୍ଷଣୀୟ ଜନ କଲ୍ୟାଣକାରୀ ଯୋଜନା ଏବଂ ଓଡ଼ିଆ ଭାଷା ଓ ଶିକ୍ଷାର ଘୋର ଅଭାବ ଯୋଗୁଁ ଏହି ସଙ୍କଟ ସୃଷ୍ଟି ହେଉଛି।

ଓଡ଼ିଶାର ୩୦ ଗୋଟି ଜିଲ୍ଲା ମଧ୍ୟରୁ ୧୪ ଟି ଜିଲ୍ଲା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶ ସୀମା ସହ ଜଡ଼ିତ ହୋଇ ରହିଛି। ବିଧାନସଭାରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଏହି ଚାରିଟି ପଡ଼ୋଶୀ ରାଜ୍ୟ ସହ ଓଡ଼ିଶାର ୮ ରୁ ୧୦ ଜିଲ୍ଲାର ପ୍ରାୟ ୯୬ ଟି ଗାଁ , ୭ ଟି ନଦୀ ଏବଂ ୮ ଟି ଜଙ୍ଗଲକୁ ନେଇ ବିବାଦ ଦେଖାଦେଇଛି। ସୀମାନ୍ତ ଗାଁଗୁଡ଼ିକ ଦୂରେଇ ଯିବାର ମୁଖ୍ୟ କାରଣଗୁଡ଼ିକ ହେଲା– ୧) ଐତିହାସିକ ଓ ପ୍ରଶାସନିକ ଅସ୍ପଷ୍ଟତା। ବ୍ରିଟିଶ ଅମଳରେ ହୋଇଥିବା ତ୍ରୁଟିପୂର୍ଣ୍ଣ ସୀମା ନିର୍ଦ୍ଧାରଣ ଏହାର ଏକ ପ୍ରମୁଖ କାରଣ। ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବା ସମୟରେ ଅନେକ ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସଠିକ୍ ସର୍ଭେ ହୋଇପାରି ନ ଥିଲା। ଉଦାହରଣ ସ୍ୱରୂପ କୋରାପୁଟ ଜିଲ୍ଲା କୋଟିଆ ଗ୍ରାମପଞ୍ଚାୟତର ୨୮ ଟି ଗ୍ରାମ ମଧ୍ୟରୁ ୭ ଟିର ରାଜସ୍ୱ ରେକର୍ଡ ଥିବାବେଳେ ଆଉ ୨୧ ଟିର ସଠିକ୍ ରେକର୍ଡ ନାହିଁ। ଫଳରେ ଏହା ଦୀର୍ଘ ଦଶନ୍ଧି ଧରି ବିବାଦ ଘେରରେ ରହିଛି।

୨) ନଦୀ ପଥ ପରିବର୍ତ୍ତନ– ଉତ୍ତର ଓ ପଶ୍ଚିମ ଓଡ଼ିଶାର ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ସୀମାରେ ଥିବା ବୈତରଣୀ ଏବଂ ସୁବର୍ଣ୍ଣରେଖା ଭଳି ନଦୀଗୁଡ଼ିକ ପ୍ରାକୃତିକ ଉପାୟରେ ବଦଳି ଯିବା ଫଳରେ ଭୌଗୋଳିକ ସୀମା ଅସ୍ପଷ୍ଟ ହୋଇ ଯାଇଛି । ଏହାର ସୁଯୋଗ ନେଇ ପଡ଼ୋଶୀ ରାଜ୍ୟଗୁଡ଼ିକ ଓଡ଼ିଶାର ଜମି ଓ ଗାଁ ଉପରେ ନିଜର ମାଲିକାନା ଜାହିର କରୁଛନ୍ତି।

ସୁପ୍ରିମ କୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶ ସତ୍ତ୍ୱେ ସୀମା ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ସ୍ତରର ଆନ୍ତରିକତାର ଅଭାବ ଯୋଗୁଁ ହିଁ ସୀମା ବିବାଦ ସମାଧାନ ହୋଇ ପାରୁନାହିଁ । ଓଡ଼ିଶାର ସୀମାନ୍ତରେ ଥିବା ଅଧିକାଂଶ ଗାଁଗୁଡ଼ିକ ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ। ଯାହାର ପ୍ରମୁଖ ଅସୁବିଧା ଗମନାଗମନ ଓ ଯୋଗାଯୋଗ ବିଚ୍ଛିନ୍ନତା। ନିଜ ବ୍ଲକ ଏବଂ ସଦରମହକୁମାକୁ ଯିବା ପାଇଁ ଭଲ ରାସ୍ତା ବା ଉତ୍ତମ ପରିବହନ ସେବା ନ ଥିବାରୁ ଲୋକମାନେ ପଡ଼ୋଶୀ ରାଜ୍ୟର ସହର ଉପରେ ନିର୍ଭର କରନ୍ତି। ଫଳରେ ପଡ଼ୋଶୀ ରାଜ୍ୟ ପ୍ରଶାସନ ଲୋକମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବାକୁ ସୁବିଧା ପାଆନ୍ତି ।

ସ୍ୱାସ୍ଥ୍ୟ ଓ ବିଜୁଳି ସେବାର ସାଂଘାତିକ ଅଭାବକୁ ସୀମା ନିକଟବର୍ତ୍ତୀ ଗ୍ରାମର ଲୋକମାନେ ଅନୁଭବ କରନ୍ତି। ଜରୁରୀକାଳୀନ ଚିକିତ୍ସା ପାଇଁ ସୀମାନ୍ତବର୍ତ୍ତୀ ବାସିନ୍ଦାମାନଙ୍କୁ ଓଡ଼ିଶାର ଡାକ୍ତରଖାନା ଅପେକ୍ଷା ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗର ଡାକ୍ତରଖାନା ଅଧିକ ପାଖ ଓ ସୁବିଧାଜନକ ହୁଏ। ସରକାରଙ୍କ ପକ୍ଷରୁ ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ ସେବା ଉପଲବ୍ଧ ହୁଏ ନାହିଁ ବା ଅନେକ ଜାଗାରେ ଗାଁଗୁଡିକୁ ବିଦ୍ୟୁତ ସଂଯୋଗ ନାହିଁ । କିନ୍ତୁ ପଡ଼ୋଶୀ ରାଜ୍ୟଗୁଡ଼ିକ ଆମ ରାଜ୍ୟର ସୀମା ମଧ୍ୟରେ ବିନା ଅନୁମତିରେ ପ୍ରବେଶ କରି ସେ ସବୁ ସୁବିଧା ଦେଇ ଲୋକମାନଙ୍କ ପ୍ରିୟ ବନ୍ଧୁ ହୋଇ ପାରୁଛନ୍ତି ।

ସୀମାନ୍ତ ଅଞ୍ଚଳର ଚାଷୀ ଓ ଅଧିବାସୀମାନଙ୍କୁ ସେମାନଙ୍କ ଜଙ୍ଗଲଜାତ ଦ୍ରବ୍ୟ ଓ କୃଷି ଉତ୍ପାଦକୁ ବିକ୍ରି କରିବା ପାଇଁ ଆମ ରାଜ୍ୟ ଅପେକ୍ଷା ପଡ଼ୋଶୀ ରାଜ୍ୟରେ ଅଧିକ ସୁଯୋଗ ମିଳୁଛି। ଲୋକମାନେ ସୁନ୍ଦର ସମ୍ପର୍କ ସୃଷ୍ଟି କରୁଛନ୍ତି । ଆନ୍ଧ୍ର ପ୍ରଦେଶ ସରକାର କୋଟିଆ ଏବଂ ଗଜପତି, ଗଞ୍ଜାମ ଓ ରାୟଗଡ଼ା ଜିଲ୍ଲାର ସୀମାନ୍ତ ଗାଁଗୁଡିକୁ ଆକୃଷ୍ଟ କରିବା ପାଇଁ ସେମାନଙ୍କୁ ଅଧିକ ପରିମାଣରେ ବର୍ଦ୍ଧକ ଭତ୍ତା ଓ ବିଧବା ଭତ୍ତା ପ୍ରଦାନ କରୁଛନ୍ତି । ଅନ୍ୟ ପକ୍ଷରେ ଓଡ଼ିଶାର ଭତ୍ତା ପରିମାଣ ତୁଳନାତ୍ମକ ଭାବେ କମ୍ ଥିବାରୁ ଲୋକେ ପଡ଼ୋଶୀ ରାଜ୍ୟ ଆଡ଼କୁ ଢଳୁଛନ୍ତି। ପଡ଼ୋଶୀ ରାଜ୍ୟର ପ୍ରଶାସନିକ ଅଧିକାରୀମାନେ ଓଡ଼ିଶା ସୀମା ଭିତରକୁ ପଶି ଲୋକମାନଙ୍କୁ ସେମାନଙ୍କ ରାଜ୍ୟର ଆଧାର କାର୍ଡ, ରାସନ କାର୍ଡ, ଜମି ପଟ୍ଟା, ସ୍ୱାସ୍ଥ୍ୟ କାର୍ଡ ବାଣ୍ଟୁଛନ୍ତି। ଯଦ୍ଦ୍ୱାରା ଗୋଟିଏ ଗାଁର ଲୋକେ ଉଭୟ ରାଜ୍ୟର ନିର୍ବାଚନରେ ଭୋଟ ଦେଉଛନ୍ତି ଓ କେବେ କେବେ ଉଭୟ ରାଜ୍ୟର ସୁବିଧା ଉପଭୋଗ କରୁଛନ୍ତି। ଆନ୍ଧ୍ର ଓ ପଶ୍ଚିମବଙ୍ଗ ସରକାରୀ ଅଧିକାରୀ ବିବାଦୀୟ ଗାଁଗୁଡ଼ିକରେ ପ୍ରବେଶ କରି ରାସ୍ତା ନିର୍ମାଣ, ଅଙ୍ଗନବାଡି କେନ୍ଦ୍ର ସ୍ଥାପନ ଓ ପଞ୍ଚାୟତ ନିର୍ବାଚନରେ ଭାଗୀଦାର କରିବାକୁ ସର୍ବଦା ଚେଷ୍ଟା ଚଳାଇଛନ୍ତି । ଓଡ଼ିଶା ସୀମାନ୍ତବର୍ତ୍ତୀ ଓଡ଼ିଆ ଗାଁଗୁଡ଼ିକର ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ଅଭାବ ରହିଛି। ଗଜପତି, କୋରାପୁଟ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଗାଁଗୁଡ଼ିକର ବିଦ୍ୟାଳୟ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଓଡ଼ିଆ ବହି ଠିକ୍ ସମୟରେ ନ ମିଳିବାରୁ ଅଭିଭାବକମାନେ ପିଲାମାନଙ୍କୁ ପଡ଼ୋଶୀ ରାଜ୍ୟର ସ୍କୁଲରେ ପାଠ ପଢ଼ାଉଛନ୍ତି । ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ସୀମାନ୍ତ ଅଞ୍ଚଳରେ ଅତ୍ୟନ୍ତ ଦୁର୍ବଳ। ତେଣୁ ଲୋକମାନେ ହିନ୍ଦୀ, ବଙ୍ଗଳା, ତେଲୁଗୁ ଓ ଛତିଶଗଢ଼ି ଭାଷାକୁ ଆପଣେଇ ନେଉଛନ୍ତି। କୋଟିଆ ଭଳି ଅଞ୍ଚଳରେ ବକ୍ସାଇଟ, ଚୁନ ପଥର, ମାଙ୍ଗାନିଜ ଭଳି ମୂଲ୍ୟବାନ ଖଣିଜ ସମ୍ପଦ ଭରି ରହିଛି। ଯାହା ଉପରେ ପଡ଼ୋଶୀ ରାଜ୍ୟର ଲୋଲୁପ ଦୃଷ୍ଟି ରହିଛି। ସେମାନେ ଏହାକୁ ହାତେଇବା ପାଇଁ ସୀମାନ୍ତ ଗାଁଗୁଡିକୁ ଅକ୍ତିଆର କରିବାକୁ ଚାହୁଁଛନ୍ତି । ସୀମାନ୍ତ ଗାଁଗୁଡ଼ିକର ଲୋକମାନଙ୍କ ସହିତ ପଡ଼ୋଶୀ ରାଜ୍ୟର ଲୋକଙ୍କର ବୈବାହିକ, ବ୍ୟବସାୟିକ ସମ୍ପର୍କ ଅଧିକ ନିବିଡ ହୋଇଥିବାରୁ ପରସ୍ପର ରାଜ୍ୟର ଲୋକମାନେ ମିଶି ଯାଉଛନ୍ତି । ଏହାର ସମାଧାନ ପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଗୁଡ଼ିକ ସହ ମିଶି ଐତିହାସିକ ନକ୍ସା ଅନୁଯାୟୀ ସୀମା ନିର୍ଦ୍ଧାରଣ କରିବା ଉଚିତ। ଅନ୍ୟଥା ଓଡ଼ିଶାରୁ ଧୀରେ ଧୀରେ ଅନେକ ସୀମାନ୍ତବର୍ତ୍ତୀ ଗାଁ ପଡ଼ୋଶୀ ରାଜ୍ୟକୁ ଚାଲିଯିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପ୍ରତି ସୀମାନ୍ତବର୍ତ୍ତୀ ଗାଁର ଉନ୍ନତି କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଯଦି ମିଳିତ ଭାବେ ଆନ୍ତରିକତା ସହ କରିବା ଆବଶ୍ୟକ। ନ ହେଲେ ସମସ୍ୟାର ସମାଧାନ କେବେ ବି ହୋଇ ପାରିବ ନାହିଁ ।

ମୋ: ୯୮୬୧୦୭୫୪୦୪

ନିଜଠାରୁ ସମାଜ ପର୍ଯ୍ୟନ୍ତ : ପରିବର୍ତ୍ତନର ପ୍ରଥମ ପାହାଚ

ସନ୍ଥ ରାମ ଦାସଜୀ ମହାରାଜ

ଆମେ ସମସ୍ତେ ନିଜ ଜୀବନରେ କିଛି ନା କିଛି ବଦଳାଇବାକୁ ଚାହୁଁ। କେହି ନିଜର ଅଭ୍ୟାସ ସୁଧାରିବାକୁ ଚାହେଁ, କେହି ନିଜ ସମ୍ପର୍କକୁ ଅଧିକ ଭଲ କରିବାକୁ ଚାହେଁ ତ ଆଉ କେହି ଭୟରୁ ମୁକ୍ତ ହୋଇ ଆଗକୁ ବଢ଼ିବାକୁ ଚାହେଁ। ଅନେକ ସମୟରେ ଆମେ ଏହା ମଧ୍ୟ ଚୁଝିଥାଉ ଯେ ଆମ ଜୀବନରେ କ'ଣ ଭୁଲ୍ ହେଉଛି ଏବଂ ତାହାକୁ ଠିକ୍ କରିବା ପାଇଁ ଆମକୁ କ'ଣ କରିବା ଉଚିତ୍। ଏହା ସତ୍ତ୍ୱେ ମଧ୍ୟ ଆମେ ସେହି ପୁରୁଣା ଢାଞ୍ଚାରେ ଚାଲିଥାଉ। ଆମେ ପରିବର୍ତ୍ତନ ବିଷୟରେ ଚିନ୍ତା କରୁ, କିନ୍ତୁ କୌଣସି ନା କୌଣସି ବାହାନା କରି ପଛକୁ ହଟିଯାଉ। ପରିବର୍ତ୍ତନ ପ୍ରତି ବିରୋଧ ଅନେକ ସମୟରେ ଆମର ନିଜସ୍ୱ ଚିନ୍ତାଧାରା ଏବଂ ସେହି ବିଶ୍ୱାସଗୁଡ଼ିକରୁ ସୃଷ୍ଟି ହୋଇଥାଏ, ଯାହାକୁ ଆମେ ଦୀର୍ଘ ସମୟ ଧରି ଆମ ଭିତରେ ସ୍ଥାନ ଦେଇଛୁ। ଆମେ ପ୍ରାୟତଃ ମାନିନେଉ ଯେ ଏବେ ଆଉ କିଛି ବଦଳାଯାଇପାରିବ ନାହିଁ। ଧୀରେ ଧୀରେ ଏହି ଚିନ୍ତାଧାରା ଆମ ଆଚରଣର ଏକ ଅଂଶ ହୋଇଯାଏ ଏବଂ ଆମେ ନିଜେ ତିଆରି କରିଥିବା ସୀମା ମଧ୍ୟରେ ସୀମିତ ହୋଇ ରହିଯାଉ।

ଏଠାରେ ବିରୋଧ ସବୁବେଳେ ସିଧାସଳଖ ଦେଖାଯାଏ ନାହିଁ। ଅନେକ ସମୟରେ ଏହାର ସଙ୍କେତ ଆମର ଦୈନନ୍ଦିନ ଅଭ୍ୟାସରେ ଲୁଚି ରହିଥାଏ। ଜରୁରୀ କାମକୁ ବାରମ୍ବାର ଟାଳିବା କିମ୍ବା କାମ ଆରମ୍ଭ କରିବା ପରିବର୍ତ୍ତେ ଅନ୍ୟ କାମରେ ବ୍ୟସ୍ତ ରହିବା ମଧ୍ୟ ପରିବର୍ତ୍ତନରୁ ବଞ୍ଚିବାର ଉପାୟ ହୋଇପାରେ। ଆମେ ନିଜ ବ୍ୟବହାରକୁ ଠିକ୍ ବୋଲି ପ୍ରମାଣିତ କରିବା ପାଇଁ ଭିନ୍ନ ଭିନ୍ନ ପ୍ରକାର ଯୁକ୍ତି ତିଆରି କରୁଛୁ। ଆଉ ନିଜ ପରିବାର, ବନ୍ଧୁ, ପରିସ୍ଥିତି କିମ୍ବା ସମାଜକୁ ଦାୟୀ କରିଥାଉ। ଏହିପରି ଭାବରେ ପରିବର୍ତ୍ତନର ଦାୟିତ୍ୱ ନିଜ ହାତକୁ ନେବା ପରିବର୍ତ୍ତେ ଆମେ ତାହା ପାଇଁ ବାହାରେ କୌଣସି କାରଣ ଖୋଜିବାକୁ ଲାଗୁ। ପରିବର୍ତ୍ତନର ପଥରେ ସବୁଠାରୁ ବଡ଼ ବାଧା ମଧ୍

ଗ୍ରାଉଣ୍ଡ ଜିରୋରେ ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ

ଭିତ୍ତିଭୂମିର ପୁନରୁଦ୍ଧାର ସହ ଜଳସେଚନ ସୁରକ୍ଷାକୁ ପ୍ରାଥମିକତା



ବ୍ରହ୍ମପୁର,୨୧।୧୧(ନିପ୍ର): ବାତ୍ୟା ଅକଓ୍ୱାନର ପ୍ରଭାବ ଓ ପରବର୍ତ୍ତୀ ସ୍ଥିତିର ସମୀକ୍ଷା, ଅର୍ଣ୍ଣବ ଯୋଗୁଁ କ୍ଷତିଗ୍ରସ୍ତ ଜଳସେଚନ ଭିତ୍ତିଭୂମିର ପୁନରୁଦ୍ଧାର ଏବଂ ଚାଷୀଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଜଳସେଚନ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା।। ଶନିବାର ସେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ଓ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପ୍ରମୁଖ ଶାସନ ସଚିବ ଘାଟକେଶ୍ୱର ବହୁମୁଖୀ ପ୍ରକଳ୍ପ ପରିଦର୍ଶନ କରି ଜଳ ସଂରକ୍ଷଣ, ଜଳ ପ୍ରବେଶ ଓ ନିଷ୍କାସନ ସ୍ଥିତି ସମୀକ୍ଷା କରିଥିଲେ । ଏଥି ସହ ହେଡ୍ ରେଗୁଲେଟର, ସ୍ପିଲୱେ, ଯାନ୍ତ୍ରିକ ଉପକରଣ ଓ ଜଳଭଣ୍ଡାରର ଜଳସ୍ତର ଏବଂ ଗେଟ୍ ପରିଚାଳନା ସମ୍ପର୍କିତ ରେକର୍ଡ଼ ଯାଞ୍ଚ କରିଥିଲେ । ଜଳଭଣ୍ଡାରର ସୁବ୍ୟବସ୍ଥିତ ପରିଚାଳନା ସହ ଯାନ୍ତ୍ରିକ ଉପକରଣଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ଓ ଯାଞ୍ଚ ନିମନ୍ତେ ବ୍ରହ୍ମପୁରସ୍ଥିତ ଯାନ୍ତ୍ରିକ ବିଭାଗକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅର୍ଣ୍ଣବ ଯୋଗୁଁ କ୍ଷତିଗ୍ରସ୍ତ ଜଳସେଚନ ଭିତ୍ତିଭୂମିର ପୁନରୁଦ୍ଧାର ସମୀକ୍ଷା କରିବା ପାଇଁ ସେ ବୋଗୀ ନଦୀ ପରିଦର୍ଶନ କରିଥିଲେ । ଏହି ଅବସରରେ ଚିକିଟି ବିଧାୟକ ଏବଂ ପଞ୍ଚାୟତରାଜ ଅନୁଷ୍ଠାନର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ବୋଗୀ ନଦୀର ପୁନରୁଦ୍ଧାର ଏବଂ ବାଘଲଟି ଜଳସେଚନ ପ୍ରକଳ୍ପର କ୍ଷତିଗ୍ରସ୍ତ କେନାଲ୍ ନେଟ୍‌ୱର୍କର ମରାମତି ନେଇ ସମୀକ୍ଷା କରିଥିଲେ। ଜଳସେଚନ ବ୍ୟବସ୍ଥାର ଶୀଘ୍ର ପୁନରୁଦ୍ଧାର ଓ ଆବଶ୍ୟକ ମରାମତି ତୁରନ୍ତ ଆରମ୍ଭ କରିବାକୁ ଅଧିକାରୀମାନଙ୍କୁ କହିଥିଲେ। ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା କୃଷି କ୍ଷେତ୍ର ମଧ୍ୟ ପରିଦର୍ଶନ କରିଥିଲେ। କମାଣ୍ଡ ଏରିଆ ଡେ଼ଭଲପମେଣ୍ଟ ବ୍ୟବସ୍ଥାର ଉନ୍ନତିକରଣ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ । ପାଣି ପଞ୍ଚାୟତଗୁଡ଼ିକର ସକ୍ରିୟ ସହଭାଗିତା ସୁନିଶ୍ଚିତ କରି ଜଳ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଦକ୍ଷ କରିବା ସହିତ ଜଳର ସୁବିନିଯୋଗ ପାଇଁ ପରାମର୍ଶ ଦେଇଥିଲେ । ବୋଗୀ ନଦୀର ଡାହାଣ ପାର୍ଶ୍ୱ ବନ୍ଧରେ ସୃଷ୍ଟି ହୋଇଥିବା ଘାଇ ପରିଦର୍ଶନ କରିଥିଲେ ସଚିବ। ବିଭାଗର ତ୍ୱରିତ୍ ପଦକ୍ଷେପ ଧାନ ଫସଲକୁ ସୁରକ୍ଷା ଦେବାରେ ସହାୟକ ହୋଇଥିବା ଚାଷୀମାନେ ମତବ୍ୟକ୍ତ କରିଥିଲେ ।

ରିଲିଫ ହଡ଼ପ କାରସାଦି: ଦାୟିତ୍ୱରୁ ହଟିଲେ ପିଇଓ



ହିଞ୍ଜିଳିକା।ଟୁ/ଶେରଗଡ, ୨୧।୧୧(ନିପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ ବ୍ଲକ ପିତଳ ପଞ୍ଚାୟତରୁ ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ବାତ୍ୟା ଅକଓ୍ୱାନର ସଫଳ ପରିଚାଳନା ପାଇଁ ପ୍ରଶାସନ ସତର୍କ ଓ ସଜାଗ ରହି ରିଲିଫ କାର୍ଯ୍ୟ ତଦାରଖ କରୁଥିବା ବେଳେ ପଞ୍ଚାୟତରେ ରନ୍ଧା ଖାଦ୍ୟ ଯୋଗାଣ ବାବଦରେ ପିଇଓଙ୍କ ମିଛ ରିପୋର୍ଟକୁ ଧରିଛି ବ୍ଲକ ପ୍ରଶାସନ। ଗ୍ରାମବାସୀଙ୍କ ଅଭିଯୋଗ ପରେ ପିଇଓଙ୍କ ରିଲିଫ ସାମଗ୍ରୀ ହଡ଼ପ କାରସାଦି ପଦାରେ ପଡିଛି। ଏଭଳି ସମ୍ବେଦନଶୀଳ ଘଟଣା ପରେ ସମ୍ପୃକ୍ତ ଅସାଧୁ ପିଇଓଙ୍କୁ ରିଲିଫ ବଣ୍ଟନ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଶେରଗଡ ବିଡିଓ ତୃପ୍ତିମୟୀ ଜେନା ପିତଳ ପଞ୍ଚାୟତରେ ଅକଓ୍ୱାନ ପ୍ରଭାବିତଙ୍କୁ ରନ୍ଧା ଖାଦ୍ୟ ଯୋଗାଣ ପାଇଁ ଆବଶ୍ୟକ ବ୍ୟବସ୍ଥା କରିଥିଲେ।ବାତ୍ୟା ଆଶ୍ରୟସ୍ଥଳୀରେ ତିନି ହଜାର ଗରିବ, ଅସହାୟ ଲୋକଙ୍କୁ ଦୁଇ ଓଳି ରନ୍ଧା ଖାଦ୍ୟ ଦେବା ପାଇଁ ପିତଳ ପଞ୍ଚାୟତର ପିଇଓ କାଳୁ ଚରଣ ସ୍ୱାଇଁଙ୍କୁ ଦାୟିତ୍ୱ ଦିଆ ଯାଇଥିଲା। ଗୁରୁବାର ପଞ୍ଚାୟତ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଣ ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ବାତ୍ୟା ଆଶ୍ରୟସ୍ଥଳୀରେ ଜଣେ ବି ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଇ ନ ଥିଲା। ବରଂ ବାତ୍ୟା ଆଶ୍ରୟସ୍ଥଳୀରେ ତାଲା ପଡ଼ିଥିବା ଜଣାପଡ଼ିଥିଲା। ମାତ୍ର ପିଇଓ ତଞ୍ଚକତା କରି କାଗଜପତ୍ରରେ ରନ୍ଧା ଖାଦ୍ୟ ଯୋଗାଣ ହୋଇଛି ବୋଲି ବ୍ଲକ ପ୍ରଶାସନକୁ ମିଛ ରିପୋର୍ଟ ପ୍ରଦାନ କରିଥିଲେ। ଏ ବିଷୟରେ ଗ୍ରାମର ପିଙ୍କୁ ପରିଡ଼ା, କାଳୁ ଚରଣ ମଲ୍ଲିକ, ଦିଲ୍ଲୀପ ବେହେରା, ସଞ୍ଜୟ ପ୍ରଧାନ, ରୁଦ୍ର ନାଥ ପ୍ରଧାନଙ୍କ ସମେତ କିଛି ଗ୍ରାମବାସୀ ବିଡିଓଙ୍କୁ ଅଭିଯୋଗ କରିଥିଲେ। ରାତି ପ୍ରାୟ ୧୦ଟାରେ ବିଡିଓଙ୍କ ସହ ତହସିଲଦାର ତ୍ରିଦେବ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର ଓ ଯୋଗାଣ ନିରୀକ୍ଷକ ବିଭୁ ପ୍ରସାଦ ସାହୁ ଗ୍ରାମବାସୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପିଇଓ କାଳୁ ଚରଣ ସ୍ୱାଇଁଙ୍କୁ ଡାକି ଅନୁସନ୍ଧାନ କରିଥିଲେ। ମିଛ ରିପୋର୍ଟ ଦେଇଥିବା ନେଇ ବ୍ଲକ ପ୍ରଶାସନ ସମ୍ମୁଖରେ ସେ ସ୍ୱୀକାର କରିଥିଲେ। ଏହି ଘଟଣା ପରେ ପିଇଓଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ନୋଡାଲ ଅଧିକାରୀ ତଥା କନିଷ୍ଠ ଯନ୍ତ୍ରୀ ସଙ୍ଗୀତା ମହାପାତ୍ରଙ୍କୁ ରିଲିଫ୍ ବଣ୍ଟନ ଦାୟିତ୍ୱ ଦେଇ ବିଡିଓ ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ମାତ୍ର ଛଅ ମାସ ତଳେ ଦାୟିତ୍ୱ ଗ୍ରହଣ କରିଥିବା ପିଇଓଙ୍କ ଅର୍ଣ୍ଣବ ଓ ଅକଓ୍ୱାନ ବିପର୍ଯ୍ୟୟ ପରିଚାଳନାରେ ଉପରେ ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

କଳିଙ୍ଗା ଘାଟିରେ ବ୍ୟାରକେଡ୍ ଭାଙ୍ଗି ଗାଡ଼ି ଚଳାଚଳ: ଅଟକାଇଲା ପୋଲିସ



ଭଞ୍ଜନଗର,୨୧।୧୧(ନିପ୍ର): ଗଞ୍ଜାମ କନ୍ଧମାଳ ସୀମା କଳିଙ୍ଗା ଘାଟିରେ ଭୂସ୍ଖଳନ ଆଶଙ୍କା କରି ଉଭୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୧୯ ତାରିଖରୁ ଏହି ଘାଟି ରାସ୍ତାରେ ଯାତାୟତ ବନ୍ଦ କରାଯାଇଛି। ଘାଟିରେ ବାରମ୍ବାର ଭୂସ୍ଖଳନ ହେଉଥିବାରୁ ଦୁର୍ଘଟଣା ଆଶଙ୍କା ରହିଛି। ତେବେ ପ୍ରଶାସନ ପକ୍ଷରୁ ଜାରି କଟକଣା ହଟାଯାଇ ନ ଥିଲେ ବି ଶନିବାର ପୂର୍ବାହ୍ନରେ କିଛି ଗାଡି ବ୍ୟାରିକେଡ୍ ଭାଙ୍ଗି ଯିବାକୁ ଉଦ୍ୟମ କରୁଥିବା ବେଳେ ଭଞ୍ଜନଗର ସହର ଉପକଣ୍ଠରେ ଅଟାକାଇ ଥିଲା। ପୋଲିସ। ଗଞ୍ଜାମ ଜିଲ୍ଲାପାଳ ୨୧ ତାରିଖ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତି ନିର୍ଦ୍ଦେଶ ପର୍ଯ୍ୟନ୍ତ ଘାଟି ରାସ୍ତାକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ବାତ୍ୟା ଅକଓ୍ୱାନର ପ୍ରକୋପ କମିବା ପରେ ପାଗରେ ପରିବର୍ତ୍ତନ ଘଟିଛି। କିନ୍ତୁ ଘାଟି ରାସ୍ତା ସୁରକ୍ଷିତ କି ନାହିଁ ତାହା ସ୍ପଷ୍ଟ କରାଯାଇ ନ ଥିବାରୁ ଯାନବାହନକୁ ଅନୁମତି ଦିଆଯାଉନି।

ହେଲେ କେତେକ ଯାନବାହନ ଘାଟି ରାସ୍ତା ଦେଇ ଆସିବାରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘାଟି ତଳେ ରହିଥିବା ଦୁର୍ଗାପ୍ରସାଦ ନିକଟରେ ଭଞ୍ଜନଗର ପୁଲିସ ପକ୍ଷରୁ ରାସ୍ତା ବନ୍ଦ କରାଯାଇ ଥିଲା। ସେଠାରେ ପୁଲିସ କର୍ମଚାରୀ ମୁତୟନ ରହିଥିଲେ। ଏହି ସମୟରେ ଘାଟି ଉପରୁ କେତେକ କାର ଓ ବସ ଆସିବାରୁ ପୋଲିସ ଛାଡ଼ି ନ ଥିଲେ। ସେମାନେ ଘାଟି ଉପରୁ ଆସି ଥିବାରୁ ନ ଫେରି ସେହି ରାସ୍ତାରେ ହିଁ ଯିବାକୁ ଅଡି ବସିଥିଲେ। ଦୀର୍ଘ ସମୟ ଏଭଳି ପରିସ୍ଥିତି ଲାଗି ରହିଥିଲା। କିଛି ଗାଡି ଚାଳକ ବ୍ୟାରିକେଡ୍ ଭାଙ୍ଗି ଗାଡି ନେଇ ଆସିଥିଲେ। ସେମାନଙ୍କ ପଛରେ ଥିବା ଅନ୍ୟ ଗାଡିଗୁଡିକ ମଧ୍ୟ ଚାଲି ଆସିଥିଲେ। ଏହି ଖବର ପାଇ ପୁଲିସ ଘାଟିରୁ ଆସିଥିବା ଗାଡିଗୁଡିକୁ ସହର ନିକଟ ଶ୍ରୀରାମ ନଗର ସ୍ପିଲ୍ ୱେ ଗେଟ୍ ନିକଟରେ ଅଟକାଇବାରୁ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘାଟିର ଉପର ଭାଗରେ କୌଣସି ବ୍ୟାରିକେଡିଂ ନ ଥିବାରୁ ସେମାନେ ଚାଲି ଆସିଥିବା କହିଥିଲେ। ପାଗ ସୁଖିଲା ରହିଥିବା ବେଳେ ଲୋକଙ୍କ ପାଇଁ ପ୍ରଶାସନ କୋହଳ ମନୋଭାବ ଦେଖାଇବାକୁ ଯୁକ୍ତି କରିଥିଲେ। ଏହାପରେ ଏସ୍‌ଡିପିଓ ଡ.ଦୀପକ କୁମାର ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନା ଅନ୍ୟ ପୋଲିସ କର୍ମଚାରୀ ଆଲୋଚନା କରିଥିଲେ। ପରିବହନ ବିଭାଗ ପକ୍ଷରୁ କିଛି ଗାଡିକୁ ଜରିମାନା କରାଯାଇ ଛଡାଯାଇଥିଲା। ପରେ ଘାଟିକୁ ଉଭୟ ପଟୁ କଡାକଡି ସିଲ୍ କରାଯାଇଥିବା ଜଣାପଡିଛି ।

ଅକ୍ଓ୍ୱାନ୍ ପ୍ରଭାବରେ ଧାନ ଫସଲ କ୍ଷତିଗ୍ରସ୍ତ ସ୍ଥିତି ଅନୁଧ୍ୟାନ କଲା ପ୍ରଶାସନ



ବୁଗୁଡା ୨୧/୧୧(ନିପ୍ର): ବାତ୍ୟା ଅକଭାନ୍ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ବୁଗୁଡା ବ୍ଲକର କେତେକ ଗ୍ରାମାଞ୍ଚଳ ସାଙ୍ଗକୁ ଚାଷଜମି ଜଳମଗ୍ନ ହୋଇଥିବାରୁ ବ୍ୟାପକ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ଗତକାଲି ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାପାଳ ଭି.କିର୍ତ୍ତୀ ଭାସନ ଅଚାନକ ଗସ୍ତକରି ବର୍ଷା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ସହ ବାଘୁଆ ଜଳଭଣ୍ଡାରର ସ୍ଥିତି ଅନୁଧ୍ୟାନ କରି ଫେରିଥିଲା ବେଳେ ଆଜି ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରବୁଲି, ବିରଞ୍ଚିପୁର, ଉଦୟପୁର ଆଦି ଅଞ୍ଚଳ ପରିଦର୍ଶନ କରି ଜଳମଗ୍ନ ଏବଂ କ୍ଷତିଗ୍ରସ୍ତ ଧାନ ଫସଲ ଜମିର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ସେ ପ୍ରଭାବିତ ଚାଷୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଫସଲ କ୍ଷୟକ୍ଷତି ସମ୍ପର୍କେ ପଚାରି ବୁଝିଥିଲେ ଏବଂ କ୍ଷତିଗ୍ରସ୍ତ ଚାଷଜମିର ତୁରନ୍ତ ଆକଳନ କରି ଆବଶ୍ୟକୀୟ ରିପୋର୍ଟ ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହି କ୍ଷେତ୍ର ପରିଦର୍ଶନ କାଳରେ ବୁଗୁଡା ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ତହସିଲଦାର ତାପସ ରାଉତ ଓ ବିଡିଓ ଦୁତିକୃଷ୍ଣ ପାତ୍ରଙ୍କ ସମେତ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହିଲେ ଓଡ୍ରାଫ୍ ଦଳ



ପାରଳାଖେମୁଣ୍ଡି ,୨୧।୧୧ (ନି.ପ୍ର) : ବାତ୍ୟା ଆକବନ ସମୟରେ ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ମହିଳାଙ୍କୁ ୮ କିମି ଷ୍ଟ୍ରେଚରେ ବୋହି ବୋହି ଆଶ୍ରୟସ୍ଥଳୀ ସ୍ଥଳୀରେ ପହଞ୍ଚାଇଛନ୍ତି ଓଡ୍ରାଫ ଦଳ । ମୋହନା ବ୍ଲକ ଅନ୍ତର୍ଗତ ମାଣ୍ଡିମେରା ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଆଗାମୀ ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମ୍ବେଦନଶୀଳ ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନ ସ୍ଥାନାନ୍ତରିତ କରାଯାଉଅଛି । ସେହି କାର୍ଯ୍ୟକ୍ରମରେ ଉକ୍ତ ପଞ୍ଚାୟତ ୟତ ଅଧିନ ମାଧପଙ୍କା ଗ୍ରାମର ଗର୍ଭବତୀ ମହିଳା ଲିକାମଣୀ ରଉତ(୨୧) ଙ୍କୁ ଷ୍ଟ୍ରେଚରରେ ଧରି ଦୀର୍ଘ ୮ କିମି ପାହାଡ଼ିଆ ପଥୁରିଆ ରାସ୍ତା ଅତିକ୍ରମ କରି ବୁଢ଼ାଗାଁ ପ୍ରାଥମିକ ବିଦ୍ୟାଳୟ(ଆଶ୍ରୟସ୍ଥଳୀ) କୁ ଅଣାଯାଇଛି। ସେଠାରେ ଚିକିତ୍ସା ପରେବର୍ତ୍ତମାନ ତାଙ୍କ ତାଙ୍କ ଅବସ୍ଥା ସୁସ୍ଥ ଥିବା ଜଣାପଡ଼ିଛି। ଏହି ସ୍ଥାନାନ୍ତର ଅଭିଯାନରେ ଓଡ୍ରାଫ ଟିମ ଲିଡର ନୀଳମଣି ଗୌଡ଼ଙ୍କ ସମେତ ୧୦ ଜଣ ସାମିଲ ଥିବା ସୂଚନା ମିଳିଛି।

ବାଇକ୍ ଡିକିରୁ ଲୁଟିଲେ ଦୁର୍ବୃତ୍ତ

ଖଲ୍ଲିକୋଟ, ୨୧।୧୨(ନିପ୍ର)ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନାରୁ ବାଇକ ଡିକିରୁ ୨ଲକ୍ଷ ଟଙ୍କା ଲୁଟ ଅଭିଯୋଗ। ଖଲ୍ଲିକୋଟ ଥାନା ଅନ୍ତର୍ଗତ ପିଟଣାପଲ୍ଲୀ ଗ୍ରାମର ଯୁବକ ଜିତେନ୍ଦ୍ର କୁମାର ଦାସ ଦିନ ୩ଟା ସମୟରେ ବ୍ୟାଙ୍କରୁ ଦୁଇଲକ୍ଷ ଉଠାଇ ନିଜ ବାଇକ ଡିକିରେ ରଖି ନିକଟସ୍ଥ ଖଲ୍ଲିକୋଟ ଜନଗହଳିପୂର୍ଣ୍ଣ ବସଷ୍ଟାଣ୍ଡ ନିକଟରେ ଥିବା ମେଡିକାଲ ମୁଖ୍ୟ ଫାଟକ ଆଗରେ ବାଇକ ରଖି ପଛ ପଟକୁ ବୁଲିବା ସମୟରେ ଦୃବୃତ ମାନେ ଚଞ୍ଚକତାର ସହ ଡିକିରୁ ଦୁଇଲକ୍ଷ ଟଙ୍କା ନେଇ ଚମ୍ପଟ ମାରିଥିଲେ। ଖବର ପାଇ ଖଲ୍ଲିକୋଟ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ତେବେ ଖଲ୍ଲିକୋଟରେ ଦିନକୁ ଦିନ ଚୋରୀ ବଢୁଥିବା ବେଳେ ପୋଲିସର ସୁରକ୍ଷା କଡାକଡି ପାଇଁ ଲୋକଙ୍କ ଦାବୀ।

ପାତିମାଙ୍କଡ଼ କାମୁଡ଼ାରେ ଯୁବତୀ ଆହତ

ବୁଗୁଡ଼ା, ୨୧।୧୧(ନିପ୍ର): ସମ୍ପ୍ରତି ବୁଗୁଡା ଅଞ୍ଚଳରେ ପାତିମାଙ୍କଡ଼ମାନଙ୍କ ପ୍ରାର୍ଦ୍ଭାବ ବୃଦ୍ଧି ପାଇଥିବା ବେଳେ ଏହାର ପ୍ରଭାବରେ ସହରାଞ୍ଚଳ ସାଙ୍ଗକୁ ଗ୍ରାମାଞ୍ଚଳର ଲୋକେ ମଧ୍ୟ ହଟହଟାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳର ବିଭିନ୍ନ ସ୍ଥାନକୁ ପାତିମାଙ୍କଡ ପଲ ଘୁରିବୁଲି ଅତର୍କିତ ଭାବେ ଲୋକଙ୍କୁ ଆକ୍ରମଣ କରି ଖଣ୍ଡିଆ ଖାବରା କରୁଛନ୍ତି। ଚଳିତ ମାସରେ ବୁଗୁଡା ବ୍ଲକର ଅନ୍ତରପଡା ଗ୍ରାମରେ ଅନେକ ମହିଳା ପାତିମାଙ୍କଡ଼ କାମୁଡ଼ାର ଶିକାର ହୋଇଥିବା ବେଳେ ଆଜି ଶନିବାର ସକାଳେ ଶାମିଲ ସ୍ୱାଇଁ (୨୦) ନାମ୍ନୀ ଜନୈକା ମହିଳା ପୂଜା ପାଇଁ ମନ୍ଦିରକୁ ଯାଉଥିବା ସମୟରେ ଏକ ମାଙ୍କଡ଼ ଅତର୍କିତ ଆକ୍ରମଣ କରି ତାଙ୍କର ବାମ ଗୋଡକୁ ପୁଲାଏ କାମୁଡି ଧରିଥିଲା । ଆଖପାଖରେ ଥିବା ଲୋକେ ଚିତ୍କାର କରିବାରୁ ମାଙ୍କଡ଼ଟି କାମୁଡା ଛାଡି ସେଠାରୁ ଚାଲିଯାଇଥିଲା। ଘଟଣାସ୍ଥଳରୁ ଆହତ ଯୁବତୀଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ମେଡିକାଲରେ ଚିକିତ୍ସା ପରେ ତାଙ୍କର ଅବସ୍ଥାରେ ସୁଧାର ଆସିଥିବା ବେଳେ ଏହି ଘଟଣାକୁ ନେଇ ଅନ୍ତରପଡା ଗ୍ରାମରେ ମାଙ୍କଡ ଭୟ ଘାରିଥିବା ଜଣାଯାଇଛି।

ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ସମ୍ବର୍ଦ୍ଧନା



ଛତ୍ରପୁର, ତା.୨୧ / ୧୧ (ନିପ୍ର):ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ଅବସ୍ଥାପିତ ହୋଇଥିବା ବିଜୟ ଅମୃତ। କୁଲାଙ୍ଗେଙ୍କୁ ଖଲ୍ଲିକୋଟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଡକ୍ଟର ଏପିଜେ ଅବଦୁଲ କଲାମ ଜନ କଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ଙ୍କ ନେତୃତ୍ୱରେ ସୌଜନ୍ୟମୂଳକ ସାକ୍ଷାତ କରିବା ପୂର୍ବକ ସ୍ୱାଗତ ସହ ଉଚ୍ଛସୀତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।ବରିଷ୍ଠ ଆଇଏଏସ ଅଫିସର୍? ଶ୍ରୀ କୁଲାଙ୍ଗେ ତହାଳୀନ ସମୟରେ ଗଞ୍ଜାମ ଜିଲ୍ଲାପାଳ ଥିବା ବେଳେ ବହୁ ଜନହିତକର ଯୋଜନା ଏବଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେଇ ଗଞ୍ଜାମ ଜିଲ୍ଲାର ବହୁବିଧ ଉନ୍ନତି କରିଥିବା ହେତୁ ତାଙ୍କରି ଭୂୟସୀ ପ୍ରଶଂସା କରିଥିଲେ ଏବଂ ତାହାଙ୍କ ଦୀର୍ଘଜୀବନ କାମନା କରି ପୁଷ୍ପଗୁଚ୍ଛ ଦେଇ ସାଧୁବାଦ ଜଣାଇଥିଲେ । ପୁଷ୍ପଗୁଚ୍ଛ ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିବା ପୂର୍ବକ ଶ୍ରୀ କୁଲାଙ୍ଗେ ଙ୍କ ହସ୍ତରେ ଶ୍ରୀମଦ୍ ଭଗବତ ଗୀତା ର ଓଡ଼ିଆ ସଂସ୍କରଣ ଓ ଅନୁଷ୍ଠାନ ର ପତ୍ରିକା ସ୍ମୃତିସୁଧା ଦେଇ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ଏପିଜେ ଅବଦୁଲ କଲାମ ଜନ କଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ ର ତିନିଜଣ ଉପଦେଷ୍ଟା ଯଥା. ଡ.ପ୍ରକାଶଚନ୍ଦ୍ର ପାଣିଗ୍ରାହୀ, ସ୍ୱାତକୋତ୍ତର ଓଡ଼ିଆ ଭାଷାସାହିତ୍ୟର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ପ୍ରାଚୀନ ସାହିତ୍ୟ ସଂସଦ ବ୍ରହ୍ମପୁର ଗଞ୍ଜାମ ର ପ୍ରତିଷ୍ଠାତା ବଂଶୀଧର ସେଠୀ, ଲନ୍ଥାବସର ବିଭାଗୀୟ ଅଧିକାରୀ ତଥା ସକ୍ରୀୟ ସଦସ୍ୟ ଚିନ୍ତାମଣି ବେହେରା, ଅନ୍ୟତମ ଟ୍ରଷ୍ଟି କେ.ଗୌରୀଶଙ୍କର ପାତ୍ର, ପ୍ରତିଭାବାନ ମୂର୍ତ୍ତି ଓ ଚିତ୍ରଶିଳ୍ପୀ ସନ୍ତୋଷ କୁମାର ବେହେରା, ଖଲ୍ଲିକୋଟ ଅଞ୍ଚଳର ଜଣେ ସୁନା ଝିଅ ଯେ କି ଟ୍ରେନିଂ ସାରି ଡେପୁଟୀ କଲେକ୍ଟର ଭାବେ ପାରଳାଖେମୁଣ୍ଡି ଜିଲ୍ଲା ପ୍ରଶାସନ ରେ ନିଯୁକ୍ତି ପାଇଥିବା କୁମାରୀ ଦିପ୍ସିତା ବେହେରା, (ଓଏଏସ) ପ୍ରମୁଖ ମିଳିତ ଭାବେ ଦକ୍ଷିଣାଞ୍ଚଳ ରାଜ

ରୋଗୀଙ୍କୁ ସେବା କରିବାର ମାନସିକତା ରହିବା ଆବଶ୍ୟକ: ଜିଲ୍ଲାପାଳ



ଯାଜପୁର,୨୧।୧୧(ନି.ପ୍ର):ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଓଡ଼ିଶା ରକ୍ତ ଭଣ୍ଡାରର ପରିଚାଳନା କମିଟି ବୈଠକ ଶୁକ୍ରବାର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା।ପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରକ୍ତ ଭଣ୍ଡାରର ସାମଗ୍ରିକ କାର୍ଯ୍ୟକାରିତା, କର୍ମଚାରୀ ସ୍ଥିତି, ରକ୍ତ ସଂଗ୍ରହ ଓ ବିତରଣ ଏବଂ ଆଗାମୀ ଦିନର ଭିତ୍ତିଭୂମି ବିକାଶ ସମ୍ପର୍କରେ ବିସ୍ତୃତ ଆଲୋ।ଚନା କରାଯାଇଥିଲା। ତଥ୍ୟ ଅନୁଯାୟୀ, ଯାଜପୁର ଜିଲ୍ଲାର ବାର୍ଷିକ ରକ୍ତ ଆବଶ୍ୟକତା ୧୦,୬୭୬ ୟୁନିଟ୍ ରହିଥିବା ବେଳେ ଜିଲ୍ଲାରେ ବାର୍ଷିକ ୧୪,୦୦୦ ରୁ ୧୫,୦୦୦ ୟୁନିଟ୍ ପର୍ଯ୍ୟନ୍ତ ରକ୍ତ ସଂଗ୍ରହ କରାଯାଉଛି। ଚଳିତ ୨୦୨୬ ବର୍ଷରେ ଏପର୍ଯ୍ୟନ୍ତ ୧୦୮ଟି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ରକ୍ତ ଭଣ୍ଡାର ପକ୍ଷରୁ ରୋଗୀଙ୍କୁ ମାଗଣାରେ ନିରାପଦ ରକ୍ତ ଯୋଗାଣ ସମେତ ବ୍ଲଡ୍ ଗ୍ରୁପିଂ, କ୍ରସ୍ ମ୍ୟାଚିଂ, ଏଲିସା ପରୀକ୍ଷା, ମ୍ୟାଲେରିଆ ଓ ସିଫିଲିସ୍ ପରୀକ୍ଷା ଏବଂ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବା ସୂଚନା ଦିଆଯାଇଥିଲା।

ଏହି ଅବସରରେ ଲୋକମାନେ ଯେପରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିବେ, ସେଥିପାଇଁ ସଠିକ୍ ବାର୍ତ୍ତା ପ୍ରଚାର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।ଏଥିସହ ୨୦୨୪ ଓ ୨୦୨୫ ବର୍ଷର ସ୍ୱେଚ୍ଛାକୃତ ବନାମ ରିପ୍ଲେସମେଣ୍ଟ ରକ୍ତ ସଂଗ୍ରହ, ରକ୍ତ ନଷ୍ଟ ହାର, ସରକାରୀ ଓ ବେସରକାରୀ ହସ୍ପିଟାଲକୁ ରକ୍ତ ଯୋଗାଣ ଏବଂ ବିଭିନ୍ନ ବର୍ଗର ରକ୍ତ ଆବଶ୍ୟକତା ଉପରେ ସମୀକ୍ଷା କରାଯାଇଥିଲା। ଜରୁରୀକାଳୀନ ପରିସ୍ଥିତି ପାଇଁ ପୂର୍ବ ପ୍ରସ୍ତୁତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିବା ସହ ବିରଳ ବର୍ଗର ରକ୍ତ ୟୁନିଟ୍ ଗୁଡ଼ିକର ସଠିକ୍ ତାଲିକା ପ୍ରସ୍ତୁତ କରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ରକ୍ତ ଭଣ୍ଡାରର ୨୦୨୪, ୨୦୨୫ ଏବଂ ୨୦୨୬ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଆୟ-ବ୍ୟୟର ହିସାବ ସମୀକ୍ଷା କରାଯାଇ ବଳକା ଅର୍ଥକୁ ଦୀର୍ଘକାଳୀନ ସ୍ଥାୟୀ ଜମା ଭାବେ ବିନିଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହାବ୍ୟତୀତ କଟକ କେନ୍ଦ୍ରୀୟ ରକ୍ତ ଭଣ୍ଡାରର ଦରକୁ ଦୃଷ୍ଟିରେ ରଖି ବେସରକାରୀ ରକ୍ତ ଭଣ୍ଡାର ଗୁଡ଼ିକ ପାଇଁ ୟୁନିଟ୍ ପିଛା ରକ୍ତର ମୂଲ୍ୟ ୫୦୦ ଟଙ୍କା ଧାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।ଶେଷରେ ଜିଲ୍ଲାପାଳ ଶ୍ରୀ କର ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ରୋଗୀଙ୍କୁ ସେବା କରିବାର ମାନସିକତା ରହିବା ନିହାତି ଆବଶ୍ୟକ। ଏହି ବୈଠକରେ କମିଟିର ଉପାଧ୍ୟକ୍ଷ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନାଗେନ୍ଦ୍ରନାଥ ମହାପାତ୍ରଙ୍କ ସମେତ ପରିଚାଳନା କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ମେଡିକାଲ କଲେଜ ସୁରକ୍ଷା ମଞ୍ଚ ପକ୍ଷରୁ ବିଧାନସଭା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା



ତାଳଚେର,୨୧।୧୧(ନି.ପ୍ର.):ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍ ସୁରକ୍ଷା ମଞ୍ଚ ପକ୍ଷରୁ ବିଧାନସଭା ସମ୍ମୁଖରେ ଶୁକ୍ରବାର ଦିନ ୧୨ ଘଂଟିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା । ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍‌ରେ ତୁରନ୍ତ ରୋଗୀ ସେବା ଆରମ୍ଭ କରିବା ଓ ତାଳଚେର ରେଳ ଷ୍ଟେସନକୁ ସମସ୍ତ ଯାତ୍ରୀବାହୀ ଟ୍ରେନ୍ ସଠିକ୍ ସମୟରେ ଚଳାଚଳ କରିବା ଦାବି ନେଇ ପୂର୍ବରୁ ବହୁବାର ଦାବି ଆପତି କରାଯାଇଥିଲେ ମଧ୍ୟ ରାଜ୍ୟ ଓ କେନ୍ଦ୍ର ସରକାର ତାଳଚେରବାସୀଙ୍କ ଦାବୀକୁ ଦୃଷ୍ଟି ଦେଇ ନାହାନ୍ତି । ଅନୁଷ୍ଠାନର ସଭାପତି ଅଭୟ ପାଣିଙ୍କ ନେତୃତ୍ୱରେ ତାଳଚେରର ବହୁ ଜନସାଧାରଣ ଏହି ଗଣଧାରଣାରେ ସାମିଲ୍ ହୋଇଥିଲେ । ଅପରାହ୍ଣରେ ଗଣଧାରଣା ସ୍ଥଳକୁ ପୋଲିସ୍ ପ୍ରଶାସନ ଆସି ଚୁଟାସୁଟା କରିଥିଲେ ଏବଂ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିଲେ । ସେଠାରେ ଉକ୍ତ ସମସ୍ୟା ବିଷୟରେ ରାଜ୍ୟ ସରକାରଙ୍କ ସଚିବଙ୍କ ସହ ଆଲୋଚନା କରି ପୁର୍ନବାର ଦାବୀପତ୍ରର ନକଲ ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଅଛି ଯେ, ତାଳଚେର ଠାରେ ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍ ତିଆରି ହେଲା କିନ୍ତୁ କଲେଜର ରୋଗୀ ସେବା ତାଳଚେର ପରିବର୍ତ୍ତେ ଅନୁଗୋଳ ଜିଲ୍ଲା ମେଡିକାଲ୍‌ରେ ଆରମ୍ଭ କରାଗଲା । ତାଳଚେରରୁ ସରକାର ଅଧିକ ରାଜସ୍ୱ ଆଦାୟ ପାଇଁ ଅଧିକ କୋଇଲା ଓ ବିଜୁଳି ଉତ୍ପାଦନ କରି ତାଳଚେରବାସୀଙ୍କୁ ଦେଶର ସବୁଠାରୁ ଅଧିକ ପ୍ରଦୂଷଣ ମଧ୍ୟକୁ ଠେଲି ଦେଇଛନ୍ତି । ଅତ୍ୟଧିକ ପ୍ରଦୂଷଣରେ ଜର୍ଜରିତ ହୋଇ ତାଳଚେରବାସୀ ବିଭିନ୍ନ ମାରାତ୍ମକ ରୋଗରେ ପୀଡିତ ହୋଇ ଆସନ୍ନ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ତାଳଚେର ମେଡିକାଲ୍ କଲେଜରେ ରୋଗୀସେବା ତାଳଚେର ପରିବର୍ତ୍ତେ ଅନୁଗୋଳରେ କରି ତାଳଚେରବାସୀଙ୍କୁ ସର୍ବନିମ୍ନ ରୋଗୀସେବାରୁ ବଂଚିତ କରାଯାଇଛି । ରାଜ୍ୟ ସରକାର ତୁରନ୍ତ ରୋଗୀ ସେବା ଆରମ୍ଭ ନକରନ୍ତି ତେବେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଳଚେର ବନ୍ଦ କରାଯିବ ବୋଲି ଜଣାଇ ଦିଆଯାଇଛି।

ସେହିପରିତାଳଚେର ରେଳ ଷ୍ଟେସନ୍‌କୁସମସ୍ତ ଯାତ୍ରାବାହୀ ଟ୍ରେନ୍ ଆସିବା ଦାବୀରେ ବାରମ୍ବାର କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ରେଳ କର୍ତ୍ତୃପକ୍ଷ କୌଣସି ପ୍ରକାର ପଦକ୍ଷେପ ନେଉ ନାହାନ୍ତି। ଯାହାକି ତାଳଚେର ରେଳ ୟୁଜର୍ସ କମିଟି ତରଫରୁ ଗତ ୪୫ ଦିନ ହେଲା ତାଳଚେର ରେଳ ଷ୍ଟେସନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଚାଲୁ ରଖିଛନ୍ତି ଏବଂ ଯେ ପର୍ଯ୍ୟନ୍ତ ଦାବି ପୂରଣ ନହେବ ସେ ପର୍ଯ୍ୟନ୍ତ ଏହି ଶାନ୍ତିପୂର୍ଣ୍ଣ ଗଣଧାରଣା ଚାଲୁ ରହିବ ବୋଲି କମିଟି ପକ୍ଷରୁ ଜଣାଇ ଦିଆଯାଇଛି । ଦାବି ପୂରଣ ନହେଲେ ଆଗାମୀ ଦିନରେ ତାଳଚେରରେ ଅର୍ଥନୈତିକ ଅବରୋଧ କରାଯିବ ବୋଲି କୁହାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହି ଦାବୀପତ୍ର ପ୍ରଦାନ ବେଳେ ସାଧାରଣ ସଂପାଦକ ସନ୍ତୋଷ କୁମାର ଦେୟୁରା, ଶୋଭାଗିନୀ ଦେବୀ, ପ୍ରେମାନନ୍ଦ ମହାନ୍ତି, ସୁରଥ ରଥ, ଗଗନ ବିହାରୀ ଦାସ, ଶରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଉତ୍କଳଗୌରବ ମଧୁସୂଦନ ଦାସ ବିଚାରମଞ୍ଚ କର୍ମକର୍ତ୍ତା ଚୟନ



କେନ୍ଦ୍ରାପଡ଼ା,୨୧।୧୧(ନି.ପ୍ର):କେନ୍ଦ୍ରାପଡା ସହରର ଶ୍ରୀଗୋବିନ୍ଦଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଉତ୍କଳ ଗୌରବ ମଧୁସୂଦନ ଦାସ ବିଚାର ମଞ୍ଚର ଏକ ବୈଠକ କେଦାରନାଥ ସାମନ୍ତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ମଞ୍ଚର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଜେନା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ବିଚାରମଞ୍ଚର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାପରେ ଜିଲ୍ଲା ବିଚାର ମଞ୍ଚର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା ଜିଲ୍ଲା ଉତ୍କଳ ଗୌରବ ମଧୁସୂଦନ ଦାସ ବିଚାର ମଞ୍ଚର ସଭାପତି ଭାବେ କେଦାରନାଥ ସାମନ୍ତରାୟ, ସାଧାରଣ ସମ୍ପାଦକ ଭାବେ ବୀରେନ ରାଉତ, କୋଷାଧ୍ୟକ୍ଷ ଭାବେ ଅମୂଲ୍ୟ କୁମାର ରାଉତ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଭରତ ଚନ୍ଦ୍ର ଜେନା, ଅଜୟ କୁମାର ଦାସ, ଅକ୍ଷୟ କୁମାର ପରିଡା, ନିରଞ୍ଜନ ପାତ୍ର, ସୀତାକାନ୍ତ ନାୟକ, ଭଞ୍ଜକିଶୋର ପରିଡା ଓ ହିଟଲର ସାମନ୍ତରାୟ (ନିଲୁବାବୁ) ପ୍ରମୁଖଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଆବାହକ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ ଆଗାମୀ ଦିନରେ ଏହି ମଞ୍ଚର ଏକ ବର୍ଦ୍ଧିତ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ। ଶେଷରେ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରାଯାଇଥିଲା।

ବେସାହାରାଙ୍କ ପାଇଁ ଆଶାର ଆଲୋକ ପାଲଟିଛନ୍ତି ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ



କନ୍ଧୁ ଜଙ୍ଗ,୨୧।୧୧(ନି.ପ୍ର):ଅସହାୟ, ମାନସିକ ଅନଗ୍ରସର ଓ ବେସାହାରା ବ୍ୟକ୍ତି ବିଶେଷଙ୍କ ପାଇଁ ଆଶାର ଆଲୋକ ପାଲଟିଛନ୍ତି ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ। ସମାଜରେ ଏମିତି ଅନେକ ଅସହାୟ ବେସାହାରା ମଣିଷ ଅଛନ୍ତି, ଯେଉଁମାନେ ପରିସ୍ଥିତିର ଚାପରେ ସମାଜ ଓ ପରିବାର ଠାରୁ ଦୂରେଇ ଯାଇ ଦୁଃସ୍ଥ ଜୀବନ ବିତାଇବା ସହ ପରିବାର ପାଇଁ ଅଦରକାରୀ ପାଲଟି ଯାଆନ୍ତି। ସମାଜ ଯେତେବେଳେ ଏମାନଙ୍କ ଠାରୁ ମୁଁହ ଫେରାଇ ନିଏ, ସେହି ଅସହାୟ ମାନଙ୍କୁ ରାସ୍ତା କଡରୁ, ଅଳିଆ ଗଦାରୁ କିମ୍ବା ଭଗ୍ନ ଜରାଜୀର୍ଣ୍ଣ ଘରୁ ଉଦ୍ଧାର କରି ସେମାନଙ୍କର ଚିକିତ୍ସା, ସେବାଯତ୍ନ ଓ ଥଇଥାନ ପାଇଁ ପ୍ରୟାସ କରି ସମାଜ ପାଇଁ ଏକ ଅନନ୍ୟ ଉଦାହରଣ ପାଲଟିଛନ୍ତି ସ୍ନେହମୟୀ। ବ୍ୟାସ ଦେବଙ୍କ ନାମରେ ନାମିତ ଏହି ନିଆରା ଅନୁଷ୍ଠାନ ବ୍ୟାସ ଫାଉଣ୍ଡେସନ ଏହି ସେବା ଯାତ୍ରାରେ ଏ ପର୍ଯ୍ୟନ୍ତ ୫୦୦ରୁ ଉର୍ଦ୍ଧ୍ୱ ଅସହାୟ ମଣିଷକୁ ଉଦ୍ଧାର କରି ଅନେକ ସମ୍ମାନର ଅଧିକାରୀ ହେବା ସହ ଅନେକ ପ୍ରଶଂସା ପାଇଛନ୍ତି। ଏହି ସେବା କାର୍ଯ୍ୟ ପାଇଁ ବିଭିନ୍ନ ସମୟରେ ତାଙ୍କୁ ମିଳିଛି ପ୍ରଶଂସା ସହ ଅନେକ ସମ୍ମାନ ଜନକ ପୁରସ୍କାର। କଳିଙ୍ଗକନ୍ୟା ସମ୍ମାନ, ସେବା ଗୌରବ ସମ୍ମାନ, ଶ୍ରେଷ୍ଠ ସମାଜସେବୀ ସମ୍ମାନ, ୱମେନ ଆଚିବର ଆୱାଡ, ସେବା ଯଜ୍ଞ ଓ ଆଧ୍ୟାତ୍ମିକ ସମ୍ମାନରେ ସମ୍ମାନିତ ହୋଇ ମଧ୍ୟ ସେବା କ୍ଷେତ୍ରରେ ତାଙ୍କର ପ୍ରଚେଷ୍ଟା ଜାରି ରଖିଛନ୍ତି। ସ୍ନେହମୟୀ ପଙ୍କପାଳ ପଞ୍ଚାୟତ ଜନ୍ନାପାଳ ଗ୍ରାମର ସମାଜସେବୀ ତଥା ଉପଭୋକ୍ତା ଆନ୍ଦୋଳନର କର୍ଣ୍ଣଧାର ସ୍ୱର୍ଗତ ବଂଶିଧର ଆଚାର୍ଯ୍ୟଙ୍କ ସୁପୁତ୍ରୀ ଏବଂ ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡାଙ୍କ ସହଧର୍ମିଣୀ। ସ୍ନେହମୟୀ କହନ୍ତି ସେମାନଙ୍କ ପ୍ରେରଣା ପାଇ ମୁଁ ଏହି ଅସହାୟମାନଙ୍କ ସେବା କରି ନିଜକୁ ଧନ୍ୟ ମନେ କରୁଛି।

ଶ୍ରୀମଦ୍‌ଭଗବଦ୍‌ଗୀତା ଆହୁତି ଯଜ୍ଞ ଓ ପୁସ୍ତକ ଉନ୍ମୋଚନ



ଟାଙ୍ଗୀ–ଚୌଦ୍ୱାର,୨୧।୧୧(ନି.ପ୍ର.): ଆଗ୍ରାହାଟ ଗୀତାମଠ ଆଶ୍ରମସ୍ଥିତ ଶ୍ରୀ ଶ୍ରୀ ରାଧାମାଧବ ଜୀଉ ମନ୍ଦିରରେ ୬୪ତମ ବାର୍ଷିକ ଭଗବତ ଗୀତା ଆହୁତୀ ଯଜ୍ଞ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଗତ ଅଁଳା ନବମୀ ଦିନରୁ ଆରମ୍ଭ ହୋଇଥିବା ଏହି ପବିତ୍ର କାର୍ଯ୍ୟକ୍ରମରେ ପ୍ରତିଦିନ ସୂର୍ଯ୍ୟପୂଜା, ଗୋ ପୂଜା, ପାରାୟଣ, ଆହୁତି, ସଂଧ୍ୟା ଆରତୀ, ପ୍ରବଚନ ଓ ନାମ ସଂକୀର୍ତ୍ତନ ଆଦି ଆୟୋଜିତ ହେଉଛି । ଗୀତା ଯଜ୍ଞର ଚତୁର୍ଥ ଦିବସ ପବିତ୍ର ଏକାଦଶୀ ତିଥିରେ ହରିହାଟ ଆୟୋଜିତ ହେବା ସହିତ ମଠର ଦିବଙ୍ଗତ ମହନ୍ତ ବାବାଜୀ ଜଗନ୍ନାଥ ଦାସଙ୍କ ଆତ୍ମ ଜୀବନ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ମହନ୍ତ ବାବାଜୀ ମନମୋହନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିବ୍ୟ ଜୀବନ ସଂଘର ମୁଖ୍ୟ ଶିବ ଚିଦାନନ୍ଦ ଜୀ ଅତିଥି ଭାବେ ଯୋଗଦେଇ ମହନ୍ତଙ୍କ ଆତ୍ମଜୀବନ ପୁସ୍ତକ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସନ୍ଥ, ସନ୍ୟାସୀ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଚାଲିବ ବୋଲି ଗୀତାମଠ ଆଶ୍ରମ ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆ ଯାଇଛି ।

ପୋଲିସ ହେପାଜତରେ ଅଭିଯୁକ୍ତର ମୃତ୍ୟୁ ଅଭିଯୋଗ



ହିନ୍ଦୋଳ,୨୧।୧୧(ନି.ପ୍ର):ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ଓଡାପଡାବ୍ଲକ ଇନ୍ଦିପୁର ଅଂଚଳର ଜଣେ ବ୍ୟକ୍ତିଙ୍କ ସଦରଥାନା ପୋଲିସ ହେପାଜତରେ ଗତକାଲି ମୃତ୍ୟୁ ଘଟିଥିବା ଘଟଣାକୁ ନେଇ ଅଂଚଳରେ ଚର୍ଚ୍ଚା ଜୋର ଧରିଛି। ମୃତକ ହେଲେ ଓଡାପଡା ବ୍ଲକ ତଥା ସଦରଥାନା ଇନ୍ଦିପୁର ଜୁଆଙ୍ଗ ସାହିର ଜିତୁ ପ୍ରଧାନ (୩୪)। ଶିଶୁକନ୍ୟା ଅପହରଣ ଅଭିଯୋଗରେ ପୋଲିସ ତାଙ୍କୁ ଅଟକ ରଖିଥିଲା। ବୁଧବାର ସନ୍ଧ୍ୟାରେ ଜିତୁ ଜଣେ ଶିଶୁକନ୍ୟାକୁ ଅପହରଣ କରି ନେଇଥିଲା। ସାହି ଲୋକେ ଖୋଜାଖୋଜି କରି ପାଇନଥିଲେ। ପୋଲିସକୁ ଜଣାଇଥିଲେ ମଧ୍ୟ ସିଡବ୍ଲ୍ୟୁସିକୁ ଜଣାଇବାକୁ କହିଥିଲା ଏବଂ ରାତିରେ ଅଭିଯୁକ୍ତ ଜିତୁ ଶିଶୁଟିକୁ ଘରେ ଛାଡ଼ିଥିଲାବେଳେ ଗୁରୁବାର ଗ୍ରାମବାସୀ ତାକୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ଅପରାହ୍ଣରେ ପୋଲିସ ଜିତୁକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା ମାତ୍ର ସେଠାରେ ଡାକ୍ତର ଜିତୁ ପ୍ରଧାନଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ପୋଲିସ ମୃତଦେହ ମେଡିକାଲରେ ଛାଡ଼ି ପଳାଇଯାଇଥିବା ଅଭିଯୋଗ ସନ୍ଦେହ ସୃଷ୍ଟି ହୋଇଛି। ମୃତକଙ୍କ ଶରୀରରେ କୌଣସି କ୍ଷତଚିହ୍ନ ନାହିଁ ଏବଂ ଅତ୍ୟଧିକ ମଦ୍ୟପାନ ଯୋଗୁଁ ରକ୍ତଚାପ ହ୍ରାସରୁ ମୃତ୍ୟୁ ହୋଇଛି ବୋଲି ଡାକ୍ତର କହିଥିବା ଢେଙ୍କାନାଳ ଏସପି କହିଛନ୍ତି। ତେବେ ମୃତ ଜିତୁ ପ୍ରଧାନଙ୍କ ସ୍ତ୍ରୀ ଅପମୃତ୍ୟୁ ଏତଲା ଦେବା ସହିତ ଘଟଣାର ନିରପେକ୍ଷ ତଦନ୍ତ ସହ ସତ୍ୟାସତ୍ୟ ଉନ୍ମୋଚନ ଦାବି ହୋଇଛି।

ପ୍ରେସ୍ କ୍ଲବ୍‌ରେ ମହତାବ ଜୟନ୍ତୀ

ଟାଙ୍ଗୀ–ଚୌଦ୍ୱାର,୨୧।୧୧(ନି.ପ୍ର.): ମହାନ୍ ସଂଗ୍ରମୀ,ପ୍ରତିଷ୍ଠିତ ରାଜନେତା, ଐତିହାସିକ, ନବ ଉତ୍କଳର ନବ ନିର୍ମାତା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରଜାତନ୍ତ୍ର ପ୍ରଚାର ସମିତିର ପ୍ରତିଷ୍ଠାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି । ଚୌଦ୍ୱାର ପ୍ରେସ୍ କ୍ଲବ୍ ଆନୁକୁଲ୍ୟରେ କ୍ଲବ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଓ ବିଶିଷ୍ଟ ପାଲାକାର ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ ଆତିଥି ଭାବେ ଯୋଗଦେଇ ଡ. ମହତାବଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଓଡ଼ିଶାର ସର୍ବାଙ୍ଗୀନ ବିକାଶରେ ମହତାବଙ୍କ ମହତ୍ ଅବଦାନ ତାଙ୍କୁ ଚୀର ସ୍ମରଣୀୟ କରି ରଖିବ ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାମ୍ବାଦିକ ତଥା ହିନ୍ଦ୍ ସେବକ ସଂଘର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ବରିଷ୍ଠ ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ସାମ୍ବାଦିକ ଆଶୁତୋଷ ଦାସ, ପ୍ରକାଶ କୁମାର ନାୟକ, ଅଜିତ୍ କୁମାର ସ୍ୱାଇଁ, ବିଶ୍ୱଜିତ୍ ଭଞ୍ଜ, ସୁଧାକର ସାମନ୍ତରାୟ, ବିମଳ କୁମାର ବେଉରା, ବିଭୁ ପ୍ରସାଦ ମହାନ୍ତି,ଶିକ୍ଷାବିତ୍ ଶିବ ପ୍ରସାଦ ପତି,କଳିଙ୍ଗ ବଜାର ପୂଜା କମିଟିର ସଦସ୍ୟ ରମେଶ ଚନ୍ଦ୍ର ନାୟକ, ସ୍ମୃତି ରଞ୍ଜନ ମହାପାତ୍ର, ମାନସ କୁମାର ସାହୁ,ସେକ୍ ଗୁଲଫାମ୍, ସେକ୍ ମୁଜାମେଲ, ପ୍ରମୁଖ ଡ. ମହତାବଙ୍କ ଜୀବନୀ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶିଶୁ ସଦନରେ ଆୟୋଜିତ ଜୟନ୍ତୀ କାର୍ଯ୍ୟକ୍ରମରେ ଶିଶୁ ସଦନର ମୁଖ୍ୟ ଦାମୋଦର ସାହୁ ରାଷ୍ଟ୍ର ଗଠନ ଓ ସାହିତ୍ୟ, ସଂସ୍କୃତି, ସାମାଜିକ ଜୀବନଧାରା,ଇତିହାସ, ସାମାଜିକ ଆଦି କ୍ଷେତ୍ରରେ ଉତ୍କଳ କେଶରୀଙ୍କ ଅବଦାନ ଓ କୃତି ସମ୍ପର୍କରେ ଶିଶୁ ସଦନ ଅନ୍ତେବାସୀ ମାନଙ୍କୁ ବୁଝାଇବା ସହିତ ତାଙ୍କ ପଦାଙ୍କ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପିଲା ମାନଙ୍କଦ୍ୱାରା ସମୂହ ବେଦ ଆବୃତ୍ତି, ଗାତାପାଠ, ସର୍ବଧର୍ମ ପ୍ରାର୍ଥନା, ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ସବୁଜ ସାଥିଙ୍କର ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଆଠମଲ୍ଲିକ,୨୧।୧୧(ନି.ପ୍ର):ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଲୁହାପୁଣ୍ଡା ବିଦ୍ୟାଳୟ ସଭାଗୃହ ଠାରେ ଦିଲ

ଝରକାର ଆରପାଖେ

ହରେରାମ ପଣ୍ଡା

ରହିରହି ଚୋରା ଚଇତାଳି ବାଆ ଛୁଇଁ ଯାଉଛି ଦେହ ଆଉ ମନକୁ। ଫୁଲେଇଫଗୁଣର ଶୀହରଣ, ଏସନ କୁଆଡ଼େ ଉଭାନ୍ ହେଇଗଲାଣି ଚଇତ ଆସୁଆସୁ। ସଜବାଜ ହେଇ ନିଦାଘ ବାହାରି ଆସିଲାଣି ତା'ର ବଳ ଦେଖେଇବାକୁ ଦୁନିଆଁରେ। ଚଇତ ବା ମାଡୁଛି କେତେକେ? ତମାମ୍ ଦିନଟା ତତଲାପବନରେ ସିଜୁଛି ଗଛଲତା, ବଣଭୂଇଁ ଆଉ ଗାଆଁଗଣ୍ଡା। ସଞ୍ଜୁଆ ପବନରେ କିନ୍ତୁ ଫଗୁଣର ମାୟା। ଅସ୍ତବ୍ୟସ୍ତ ମଣିଷ ମାନଙ୍କପାଇଁ ଟିକିଏ ଆଶ୍ୱାସନା, ଟିକିଏ ଶାନ୍ତି ଆଉ ନାହିଁନଥିବା ଖୁସି। ପ୍ରକୃତି ରାଣୀର ଅଚିନ୍ତନୀୟ ମାୟା, ସତରେ କେତେ ମନଛୁଆଁ! ଆଗକୁ ମାଡ଼ି ଆସୁଥିବା ନିଷ୍ଠୁର ନିଦାଘର ନିର୍ମମ ଯନ୍ତ୍ରଣାର ଆଘାତ ପାଇବା ଆଗରୁ ଶେଷଥର ପାଇଁ ଚଇତିପବନର ହାଲୁକାସ୍ପର୍ଶରେ ଥରେ ଭିଜିଯିବାକୁ ବ୍ୟାକୁଳ ସମସ୍ତଙ୍କର ମନପ୍ରାଣ। କିଏ କେଉଁଠି ମାୟାବିନୀ ଚଇତିପବନରେ ଭିଜିଭିଜି ଅପାଶୋରା ଅତୀତକୁ ଖୋଜିବାରେ ଲାଗିଛି ,ଆକାଶର ଫିକାଫିକା ଜହ୍ନ ଆଲୁଅରେ ତ ଆଉ କିଏ ଛାଇଛାଇକା ବଉଳଗଛକୁ ଘେରିଥିବା ପଙ୍କା ଚାନ୍ଦିନୀ ଉପରେ ବସି ଜୀବନର ଅଛିଣ୍ଡା ଗଣିତକୁ କଷିବାରେ ଲାଗିଛି। ଜୀବନରେ ପାଇଛି କେତେ, ହରେଇଛି କେତେ? ନୂଆନୂଆ ଜୀବନ ଯମୁନାରେ ଜୁଆର ଆସିଥିବା ମନଭିତରେ ଅଜସ୍ର ବ୍ୟାକୁଳତା ଆଉ ଅସୁମାରୀ ଆବେଗ। ଯେତେ ପାଖକୁ ଯିବାକୁ ମନ ଚାହିଁଲେ ବି ଯାଇପାରୁଛି କେଉଁଠି ନା ଥୟ ହେଇପାରୁଛି କେଉଁଠି? ନିଶିଗନ୍ଧା, ନାଆଁଟି ଯେମିତି ମିଠା, ତା'ଠାରୁ ରୂପଟି ବେଶ୍ ମନଲୋଭା। ନିମ୍ନମଧ୍ୟବିତ୍ତ ପରିବାରରେ ଜନ୍ମ ତା'ର। ଢଙ୍ଗଢାଙ୍ଗରେ ମନକୁ ଛୁଇଁଲା ଭଳି ଶାଳୀନତା। ବାପା ଜଣେ ପ୍ରାଥମିକସ୍କୁଲର ଶିକ୍ଷକ, ମାଆ ଜଣେ ସୁଗୃହିଣୀ। ବାପା ଦିଗମ୍ବରବାବୁ ନିଜର ସାଧ୍ୟମତେ ଲାଗିଛନ୍ତି ଝିଅ ନିଶି ଆଉ ପୁଅ ରୋହନ୍ ଦୁହିଁଙ୍କୁ ମଣିଷକରି ଠିଆ କରାଇବାକୁ ଦୁନିଆଁ ଦାଣ୍ଡରେ। ସୀମିତ ସମ୍ବଳଭିତରେ ନିଜର ସମସ୍ତ ଅଭାବ ଅସୁବିଧାକୁ ପଛକରି ପିଲା ଦୁହିଁଙ୍କର ସମସ୍ତ ଆବଶ୍ୟକତାକୁ ପୂରଣ କରିବାକୁ ଆପ୍ରାଣ ଉଦ୍ୟମ କରିଚାଲିଛନ୍ତି। ସେଥିରେ ପତ୍ନୀ ସୁରମାଙ୍କର ସହଯୋଗିତା ଓ ସହଭାଗିତା କିଛି କମ୍‌ନାହିଁ, ଯାହା ଦିଗମ୍ବରବାବୁ ନିଜେ କହନ୍ତି। ସମୟ କିନ୍ତୁ ସବୁଠୁଁ ବଳବାନ୍। କେତେବେଳେ କ'ଣ ଆଣି ହାତରେ ଧରେଇଦିଏ ତ ପୁଣି କେତେବେଳେ ପୁଣି ପାଖରେ ଥିବା ଜିନିଷତକ କ୍ଷଣିକେ ଛଡ଼େଇ ନିଏ। ଚଲାବାଟରେ କେବେ ଫୁଲ ବିଛେଇଦିଏ ତ ପୁଣି କେତେବେଳେ କଣ୍ଟା।

ଗାଆଁପାଖ କଲେଜରୁ ବି.ଏ.ପାଶ୍ କଲାପରେ ଘରେ ରହିଛି ନିଶି। ଆଗକୁ କ'ଣ କରିବ ଏଯାଏଁ କିଛି ସ୍ଥିର କରିପାରୁନି ସେ। ସାନଭାଇ ରୋହନ୍ ହାଇସ୍କୁଲରୁ ପଢ଼ା ଶେଷକରି ନୂଆନୂଆ କଲେଜରେ ପାଦଦେଇଛି ଏଥର। ସଞ୍ଜ ନଇଁଗଲାଣି କେତେବେଳୁ। ନୀରବି ଗଲାଣି ନୀଡ଼ ଫେରନ୍ତା ପକ୍ଷୀମାନଙ୍କର କିଚିରି ମିଚିରି କଳରବ। ଧୂମାଆଲୁଅ ତଳେ ଏକାଏକା ବସି ନିଜ ଭିତରେ ନିଜେ ଖୋଜିଚାଲିଛି ହଜିଲା ଦିନର ଅବ୍ୟକ୍ତ ଅନୁଭବ ଆଉ ବେଦନାସିକ୍ତ ଅନୁଭୂତିକୁ। କଲେଜପଢ଼ା ଶେଷହେଇଯିବା ପରେ ଯେଉଁଥିପାଇଁ କୌଣସି ନିର୍ଣ୍ଣାୟକ ସିଦ୍ଧାନ୍ତରେ ପହଞ୍ଚି ପାରୁନି ସେ। ଯଦିଓ ବାପାଙ୍କର ଝିଅର ସିଦ୍ଧାନ୍ତ ଉପରେ ସାମାନ୍ୟ ଦ୍ୱିଧା କେବେ ଅନୁଭବ କରିନି ସେ। ଖାଲି ସନ୍ଧୁଳି ହେଉଛି ମନସ୍ତାପରେ। ଅଚିନ୍ତନୀୟ ମାନସିକ ଯନ୍ତ୍ରଣାର ଜୁଇରେ କେବଳ ଡହଳବିକଳ ହେଉଛି ଯାହା। ସୁନାପଞ୍ଜୁରୀର ଶାରୀଟିଏପରି ଘରର ଚାରିକାନ୍ଥଭିତରେ ଆବଦ୍ଧହୋଇ ଗୁମୁରିଗୁମୁରି କାନ୍ଦୁଛି ସେ।

ଝରକାର ଆରପାଖରେ ଚୋରା ଚଇତିପବନର ବେଫିକର କରାମତି, ଆକାଶରେ ଫିକାଫିକା ଜହ୍ନଆଲୁଅରେ ମତୁଆଲା ହେଇଯାଉଛି ତନୁମନ। ଭଲିକିଭଳି ଫୁଲର ବାସ୍ନାରେ ବାସ୍ନାୟିତ ସଞ୍ଜୁଆଲସ୍ନା ହିସାବ କରି ବସିଲେ କେତେ ତଫାତ୍ ଝରକା ଏପାଖ ଆଉ ସେପାଖ ଭିତରେ? କେତେ ସୁଧୀର, କେତେ ସୁଶୀଳ ସମୀର! ଖୁବ୍ ବଡ଼ ଲୋକ ଘରେ ଜନ୍ମ ତାଙ୍କର, ପାଟିରେ ସୁନାଚାମଚ ନେଇ। ଜୀବନରେ ଅଭାବ କ'ଣ ଯିଏ ଜାଣିନାହାନ୍ତି କେବେ। ପରକୁ ନିଜର କରିବାର ସମସ୍ତକଳା ଯେମିତି ଠୁଳ ହେଇଥାଏ ତାଙ୍କ ହୃଦୟ ଭିତରେ। ସିଏ ପୁଣି...ଆଉ ଆଗକୁ ଭାବିବାକୁ ସାହସ ଜୁଟେଇ ପାରୁନଥିଲା ନିଶିଗନ୍ଧା।

ନୂଆନୂଆ କଲେଜରେ ପାଦଦେଉଥାଏ ସେ। ଚଞ୍ଚଳ ମନ, ଅସ୍ଥିର ପାଦ, ଅଜଣା ଭୟ, ପୁଣି ମନଭିତରେ ଆଗକୁ ଯିବାର ଅଦମ୍ୟ ଅଭିଳାଷ। କେମିତି କେଜାଣି, କେଉଁ ଏକ ଖିଆଲି ମୁହୂର୍ତ୍ତରେ ସମୀରଙ୍କର ଆଚରଣ ଆଉ ଉଚ୍ଚାରଣ ଛୁଇଁଯାଇଛି ନିଶିଗନ୍ଧାର ନୀରବ ମନକୁ। ମହମ କଣ୍ଢେଇଟିଏପରି ତରଳିଯାଇଛି ମନକୁ ତା'ର। ଦୁହେଁଦୁହିଁଙ୍କୁ ବୁଝିବାରେ ସାମାନ୍ୟ ବିଳମ୍ବ ହେଇନି। ଏମିତିଏମିତି ଗଢ଼ିଉଠିଛି ଗୋଟାଏ ନିଆରା ସମ୍ପର୍କ ଦୁହିଁଙ୍କ ଭିତରେ, ଯାହା ଦୂରରୁ ସାମାନ୍ୟ ମନେ ହେଉଥିଲେ ବି ବାସ୍ତବ ଛବି ଥିଲା ତା'ର ଅସାମାନ୍ୟ। ନଥିଲା ବାଧା କି ବନ୍ଧନ, ନଥିଲା ଛଳନା କି ପ୍ରତାରଣା। ଥିଲା କେବଳ ପ୍ରେମ, ଖାଲି ନିରୁତା ପ୍ରେମ। କେହି କାହାକୁ ଥରୁଟେ କହି ନାହାନ୍ତି ମୁହଁଖୋଲି, କେହି ଥରେ ଛୁଇଁ ନାହାନ୍ତି ଅନ୍ୟକୁ, ତଥାପି ଆଖିର ଭାଷାରୁ, ଓଠର ମିଠାମିଠା ଭାବରୁ ଦୁହେଁ ବେଶ୍ ବୁଝିପାରିଥିଲେ ପରସ୍ପରକୁ ଖୁବ୍ ମନଦେଇ। ପରସ୍ପରକୁ ଦୁହେଁ ବେଶ୍ ପ୍ରେମପଖଳା ନଜରରେ ଦେଖୁଥିଲେ, କେବେ ଖୁବ୍ ନିକଟରୁ ତ କେବେ ଖୁବ୍ ଦୂରରୁ। ମନରେ ଦୁହେଁଦୁହିଁଙ୍କୁ ଖୋଜୁଥିଲେ, ଯେବେ ଭେଟୁଥିଲେ ପରସ୍ପରକୁ ଖୁବ୍ ଗପୁଥିଲେ, ଏମିତି କି ଯାହାର ଅର୍ଥ କିଛି ନଥାଏ, କିନ୍ତୁ ସେମାନେ ବୁଝି ଯାଉଥିଲେ ଆଉ ଭିଜି ଯାଉଥିଲେ ଭାବରେ ଭାବରେ। ମନ ପୂରି ଉଠୁଥିଲା ପୁଲକରେ, ଆଖିରେ ଆଣି ଦେଉଥିଲା ସ୍ୱପ୍ନ ଆଉ ଚଲାପଥରେ ଝଡ଼ିପଡୁଥିଲା ଫୁଲ ଖାଲି ଫୁଲ।

କିନ୍ତୁ ହଠାତ୍ ନୀରବ ଆକାଶରେ ମେଘ ଆସିଲା କେଉଁଠୁ? ଲୁଚିଗଲା ଆକାଶର ନୀଳିମା, ଭରିଗଲା କାଳିମା। ସୁଶ୍ରୀ, ନିଶିଗନ୍ଧାର ଖୁବ୍ ଭଲସାଙ୍ଗଟିଏ ସେହି ଗାଆଁର। ଦୁଇଜଣଙ୍କର ପାଠପଢ଼ା ବି ଏକା କଲେଜରେ। ସୁଶ୍ରୀ ଗୋଟାଏ ଧନୀ ପରିବାରର ଏକମାତ୍ର ଅଲିଅଳୀ କନ୍ୟା। କ୍ଷୀରନୀର ପରି ସମ୍ପର୍କ ଦୁହିଁଙ୍କର। କଥାରେ କଥାରେ ନାହିଁ ନଥିବା ଆବେଗ ଯେମିତି ଚମକୁ ଥିଲା ସେମାନଙ୍କର ସମ୍ପର୍କ ଭିତରେ। ନିଶିଗନ୍ଧାର ଅଜାଣତରେ ସୁଶ୍ରୀ କେବେଠୁଁ ଢଳିଯାଇଥିଲା ସମୀରଙ୍କ ଆଡ଼କୁ, ଯାହା ସମୀରଙ୍କୁ ବି ଅଜଣା।। ମନେମନେ ଖୁବ୍ ଭଲ ପାଉଥିଲା ସମୀରଙ୍କୁ , ସ୍ୱପ୍ନ ତିଆରି କରୁଥିଲା ତା'ର ମନଭିତରେ ତାଙ୍କୁନେଇ। ସମୀରଙ୍କୁ ସାଥିରେ ନେଇ ନୀଡ଼ଟିଏ ରଚନା କରିବାକୁ ସିଦ୍ଧାନ୍ତ ନେଇସାରିଥିଲା ସେ। କଥା ବାହାଘର ପର୍ଯ୍ୟନ୍ତ ଗଲାଣି, ଯାହାଏଯାଏଁ ଅଜଣା ନିଶିଗନ୍ଧାକୁ। ପିଲାବେଳର ଲୁଚକାଳି ଖେଳପରି ଏମିତି ଘଟି ଚାଲିଛି କେତେଦିନରୁ, ଯିଏ ଯାହାର ମନକୁମନ ସ୍ୱପ୍ନ ତିଆରିବାରେ ଲାଗିଛନ୍ତି।

ସେଦିନ ଘରେବସି ବାହାରକୁ ଅନେଇ ରହିଥାଏ ନିଶି। ଝରକା ସେପାଖରେ ଡେଇଁଡେଇଁ ତା'ଆଡ଼କୁ ମାଡ଼ି ଆସୁଥିଲା ସୁଶ୍ରୀ, ମନରେ ତା'ର ନାହିଁନଥିବା ଖୁସି ଯେମିତି ବାରି ହୋଇପଡୁଥାଏ। ବାହାରକୁ ବାହାରି ଆସିଲା ନିଶି। ଧଇଁସଇଁ ହେଇପଡୁଥାଏ ସୁଶ୍ରୀ, ଓଠରେ ତା'ର ଆଞ୍ଜୁଳାଏ ହସର ଝଲକ। ନିଶିକୁ ଦେଖୁଦେଖୁ ଲୁଣ୍ଢେଇଧରି ନାଚିଗଲା ସେ। ସୁଶ୍ରୀର ଏମିତି ଆଚରଣରେ ଆଶ୍ଚର୍ଯ୍ୟ ଚକିତ ନିଶି, ପଚାରୁଥାଏ ତାକୁ, ''ଆଲୋ ଫୁଲେଇ, କ'ଣ ହେଇଛି ତୋର? ଆଜି ଏତେ ଫୁଲୁଛୁ କାହିଁକିଲୋ? କାରଣଟା ଆଗ କହ!''

ଧଇଁସଇଁ ହେଇ କହୁଥାଏ ସୁଶ୍ରୀ, ''ଆଲୋ କହିବି ଲୋ କହିବି। ଏତେବଡ଼ ଖୁସି ଖବରଟା ପ୍ରଥମେ ତତେ ଜଣେଇବି ବୋଲି ପରା ଦଉଡ଼ି ଦଉଡ଼ି ଆସିଛି



ତୋ'ପାଖକୁ। ଆଜି ମୋ ଡାଡି ଆଉ ମମି ଦୁହେଁ ଯିବେ ମୋ'ପାଇଁ ବରଘର ଦେଖିବାକୁ। ଜାଣିଛୁ ସେ ବରଟା କିଏ?''

''କିଏ?'' ନିଶିଗନ୍ଧାର ପ୍ରଶ୍ନ।

''ଆଲୋ, ସମୀର, ଆମରି କ୍ଲାସ୍‌ମେଟ୍। ତାଙ୍କୁ ମୁଁ ଭଲ ପାଉଥିଲି କେବେଠୁଁ। ଡାଡିଙ୍କ ଡରରେ ଘରେ ଏକଥା କହିପାରୁନଥିଲି। ଏଇ କେତେଦିନହେବ ମମି ମତେ ବାହାଘର କଥା କିଛି ପଚାରିବାରୁ ମୁଁ ସମୀରଙ୍କ କଥା କହିଲି। ମୋଠାରୁ ଏକଥା ଜାଣିବା ପରେ ସେମାନେ ଯାଉଛନ୍ତି ତାଙ୍କଘରକୁ, ତାଙ୍କ ବାପାମାଆଙ୍କ ସହିତ କଥା ହେବାପାଇଁ। ଦେଖିବୁ ସମୀର ଏଥର ଚମକି ପଡ଼ିବେ ଏ ପ୍ରସ୍ତାବଟା ଶୁଣି। ଭଲ ପଢୁଛନ୍ତି ସିନା, ସେ କେବେ ବି ଭାବି ନଥିବେ ଏତେବଡ଼ ଗୋଟାଏ ଧନୀଘରର ଜ୍ୱାଇଁ ହେବେ ବୋଲି। ଆଚ୍ଛା କହିଲୁ, କଥାଟା ତୋ'ମନକୁ କେମିତି ଲାଗିଲା?''

''ଭଲ'' ମନଟା ଝାଉଁଳି ପଡୁଥିଲା ଭିତରେ ଭିତରେ।

ଯେମିତି ନାଚିନାଚି ଆସିଥିଲା ସେମିତି ଡେଇଁଡେଇଁ ଚାଲିଗଲା ସୁଶ୍ରୀ। କହିଦେଇ ଚାଲିଗଲା ସିନା, କିନ୍ତୁ ଅନେକ କିଛି ଛାଡ଼ିଦେଇଗଲା ନିଶିଗନ୍ଧାର ଛାତି ଭିତରେ। ବାରମ୍ବାର ସେଇ କଥା କେଇପଦ ପ୍ରତିଧ୍ୱନିତ ହେଉଥିଲା ତା'ର ମନରେ। ସାଙ୍ଗଟା ତା'ର ଚାହୁଁଛି ସମୀରଙ୍କୁ ନେଇ ସଂସାର ଗଢ଼ିବାକୁ ? ତାହେଲେ ସେ କାହିଁକି ଆଜିଯାଏଁ ଦିବାସ୍ୱପ୍ନ ଦେଖୁଥିଲା? ନିଜର ଏତେ ଘନିଷ୍ଠ ସାଙ୍ଗଟାପାଇଁ ଦରକାର ପଡ଼ିଲେ କିଛି ତ ତ୍ୟାଗ କରିବାକୁ ପଡ଼ିବ, ନିଜକୁ ଯେତେ କଷ୍ଟ ସହିବାକୁ ପଡୁପଛେ। ସେଇ ଦିନରୁ ନିଜ ପାଇଁ ଅଲଗା ବାଟଟିଏ ବାଛିନେଇଛି ନିଶିଗନ୍ଧା, ଯେଉଁ ବାଟରେ ସେ ଏକାଏକା, ନିହାତି ଏକା। ନାହିଁ କିଛି ସ୍ୱପ୍ନ ଅବା ଅବସୋସ, ନାହିଁ ଆଉ କାହାକୁ ମନଭିତରେ ଦେବାକୁ ଜାଗା। ଭେଟିନାହିଁ ସମୀରଙ୍କୁ, କଥା ହେଇନି ତାଙ୍କ ସହିତ କେତେଦିନ ହେଇଗଲାଣି। ଫୋନ୍ ବି କରିନି ଥରୁଟେ। ସମୀରଙ୍କ ଫୋନ୍‌କୁ କାଟିଛି ବାରମ୍ବାର।

ସେଦିନ ସେଇସଞ୍ଜରେ ନିଶିଗନ୍ଧାର ବେଡ୍‌ରୁମ୍‌ର ଝରକାର ଆରପାଖରେ ରଜତଜ୍ୟୋତ୍ସ୍ନାର ମାୟା। ପ୍ରକୃତି ଯେମିତି ପରଶି ଯାଉଥିଲା ପୁଲକଭରା ଅନୁଭବ। ନିଶିଗନ୍ଧାର ମନଭିତରେ କିନ୍ତୁ ଅହେତୁକ ବିଡ଼ମ୍ବନାର ସ୍ୱର। ହୃଦୟଭିତରେ ଅସହ୍ୟ ଜ୍ୱଳନ। ସମୀରଙ୍କୁ ତାଙ୍କ ରାସ୍ତାରେ ଯିବାକୁ ଛାଡ଼ିଦେବ? ତା'ର ସାଙ୍ଗଟାପାଇଁ ନିଜ ପ୍ରେମକୁ ସମାଧି ଦେଇଦେବ? ଆଗକୁ ଚାଲିବ ଏକାଏକା ସାଥିହରା ହେଇ। କେବେ ବି ପଛକୁ ଫେରି ଚାହିଁବନି ।

ହଠାତ୍ ଚିହିଁକି ଉଠିଲା ନିଶିଗନ୍ଧା। ଝରକାର ଆରପାଖରେ ବାସ୍ନାୟିତ ଚଇତିସଞ୍ଜର ମଧୁରଲସ୍ନରେ ଦେଖୁଥିଲା ସମୀରଙ୍କୁ। ନିଜଆଖିକୁ ବିଶ୍ୱାସ କରିପାରୁନଥିଲା ସେ। ଏଯାଏ ମନ ଭିତରେ ସାଇତାହୋଇ ରହିଥିବା ସବୁଯାକ ଅଭିମାନ ଆଉ ଅଭିଯୋଗ ଯେମିତି କୁଆଡ଼େ ମିଳେଇ ଯାଉଥିଲା ଘଡ଼ିକରେ। କାହିଁକି ବା ଅଭିମାନ କରିବ? କାହାଉପରେ ଅଭିମାନ କରିବ? ଭାରାକ୍ରାନ୍ତ ମନକୁନେଇ କବାଟ ଖୋଲିଲା। ମନଭିତରେ ପ୍ରସ୍ତୁତ ନଥିଲା ସେ ସମୀରଙ୍କୁ ସାମନା କରିବାକୁ। ଚାହୁଁନଥିଲା ସେ ତା'ର ସାଙ୍ଗ ସୁଶ୍ରୀର କଳ୍ପନାର ସୌଧକୁ ଭାଙ୍ଗିଦେବାକୁ। ଘରକୁ ଆସିଲେ ସମୀର, ପଛେପଛେ ସୁଶ୍ରୀ। ସୁଶ୍ରୀର ଉପସ୍ଥିତି ଜଣାନଥିଲା ତାକୁ। କେଉଁଠିଥିଲା କେଜାଣି ଲୁଚିଲୁଚି ଆସି ଚମକାଇ ଦେଲା ତାକୁ, ଆଉ କହୁଥିଲା ହସିହସି, ''ଆଲୋ ଫୁଲେଇ, ତୁ ଏତେ ପୋତାମୁହିଁଲୋ। ସମୀରଙ୍କୁ ତୁ ଏତେ ଭଲପାଉ ବୋଲି ଥରେ ତ ମତେ କହି ପାରିଥାଆନ୍ତୁ। ନେ ତୋ'ବରକୁ ନେ, ମୁଁ ଜାଣିଥିଲେ କ'ଣ ତୋ'ବରଟାକୁ ଫସେଇ ନେଇ ଯାଇଥାଆନ୍ତି? ଦେଖ୍ ଯେମିତି ମୁଁ ଜାଣିଲି ଏକଥା ସାଙ୍ଗେସାଙ୍ଗେ ତୋ ବରକୁ ନେଇ ଆସିଲି ତୋ ପାଖକୁ। ଆଜିଯାଏ ମୁଁ ଭ୍ରମରେ ଥିଲି। ତୋ'ର ଏତେ ଆପଣାର ହେଇ ମୁଁ କ'ଣ କେବେ ତୁମ ଦୁଇଜଣଙ୍କର ସ୍ୱପ୍ନକୁ ଧୂଳିସାତ୍ ହେବାକୁ ଚାହିଁ ପାରିବି? ଠାକୁରେ ତୁମଦୁହିଁଙ୍କୁ ସୁଖରେ ରଖନ୍ତୁ।

ସେମିତି ଚାଲିଗଲା ସୁଶ୍ରୀ। ଘରେ ନିଶି ଆଉ ସମୀର। ଦୁହେଁ ଚାହିଁ ଥାଆନ୍ତି ତା'ର ଯିବା ବାଟକୁ। ବଗିଚାରେ ଫୁଲଗଛ ଗୁଡ଼ାକ ପବନର ପ୍ରବାହରେ ଦୋଳି ଖେଳୁଥିଲେ ଝରକାର ଆରପାଖେ।

ମୋ: ୯୪୩୮୦୬୫୧୯୫


ଭୋକ

ଆଦିତ୍ୟ ମହାପାତ୍ର

ରେକ ଷ୍ଟେସନ ବାହାରେ ଥିବା ଫୁଟପାଥ୍ ଉପରେ ବସି ରହିଥିଲା ରାଜୁ,ଦଶ ବର୍ଷର ପିଲାଟିଏ।ଗତକାଲି ରାତିରୁ ପେଟରେ ଦାନାଟିଏ ପଡ଼ିନିଛ ପେଟ ଭିତରେ ଯେମିତି ନିଆଁ ଜଳୁଥିଲା। ସାମ୍ନା ହୋଟେଲରୁ ଆସୁଥିବା ତତଲା ପୁରି ଆଉ ତରକାରୀର ମହକ ରାଜୁର ନାକରେ ବାରମ୍ବାର ବାଜୁଥିଲା। ସେ ବେଳେବେଳେ ଜିଭ ଚୁଲାଇ ଶୁଖିଲା ଓଠକୁ ତାର ଓଦା କରୁଥିଲା ଯାହା ।

କିଛି ସମୟ ପରେ ଜଣେ ଭଦ୍ରଲୋକ ସେଇ ହୋଟେଲ ଭିତରୁ ବାହାରିଲେ ତ ତାଙ୍କ ନଜର ପଡିଲା ରାଜୁ ଉପରେ। ତାଙ୍କ ହାତରେ ଗୋଟିଏ ବଡ଼ ସୁଟକେସ୍ ଟିଏ ଥିଲା। ସେ ରାଜୁ ପାଖରେ ଅଟକିଯାଇ ପଚାରିଲେ,–ଏ ସୁଟକେଶଟାକୁ ତିନି ନମ୍ବର ପ୍ଲାଟଫର୍ମ ଯାଏଁ ନେଇ ପାରିବୁ? କୋଡ଼ିଏ ଟଙ୍କା ଦେବି।

'କୋଡ଼ିଏ ଟଙ୍କା' ଶବ୍ଦଟି ଶୁଣି ରାଜୁର ଆଖି ଚମକି ଉଠିଲା। ସେହି କୋଡ଼ିଏ ଟଙ୍କାରେ ପୁରି ତରକାରୀ ମିଳିଯିବ ଭାବନାରେ ସେ ଯେମିତି ଖୁସିରେ କୁରୁଳି ଉଠିଲା। କିଛି ସମୟ ପାଇଁ ଭୁଲିଗଲା ପେଟରେ ହାବୁକା ମାରୁଥିବା ଭୋକର ଜ୍ୱାଳାକୁ। ଦୁର୍ବଳ ଶରୀରରେ ଯେମିତି କେଉଁଠୁ ହଠାତ୍ ବଳ ଆସିଗଲା।। ସେ ସଙ୍ଗେ ସଙ୍ଗେ ସୁଟକେଶଟିକୁ କାନ୍ଧ ଉପରେ ଟେକିନେଲା।



ସୁଟକେଶ ଭାରରେ ରାଜୁର ନହକା ଗୋଡ଼ ଦୁଇଟା ଥରୁଥିଲା। ପାଦେ ପାଦେ ଚାଲିବା ବେଳେ ମୁଣ୍ଡ ଘୁରେଇ ହେଉଥିଲା, କିନ୍ତୁ ଆଖି ଆଗରେ ଥିଲା କେବଳ ଖାଦ୍ୟର ଛବି। ସିଡ଼ି ଚଢ଼ିବା ବେଳେ ଛାତି ଧଡ଼ଧଡ଼ ହେଉଥିଲା, ତଥାପି ସେ ପଛଘୁଞ୍ଚା ଦେଲାନି। ଶେଷରେ ଟ୍ରେନ୍ ପାଖରେ ପହଞ୍ଚି ବ୍ୟାଗ୍‌ଟିକୁ ତଳେ ରଖିଲା। ବାବୁଜଣକ ଖୁସି ହୋଇ ତା' ହାତକୁ ଗୋଟିଏ କୋଡ଼ିଏ ଟଙ୍କିଆ ନୋଟ ଖଣ୍ଡେ ବଢ଼େଇ ଦେଲେ।

ଝାଳ ନିଗିଡ଼ି ପଡୁଥିବା ଦେହରେ ନୋଟିକୁ ଧରି ରାଜୁ ସିଧା ଦୌଡ଼ିଲା ହୋଟେଲ ଆଡ଼କୁ। ହୋଟେଲ ପାଖରେ ପହଞ୍ଚି ଦେଖିଲା, ରାସ୍ତା କଡ଼ରେ ଗୋଟିଏ ଛୋଟ କୁକୁର ଛୁଆଟେ ପଡ଼ି ଜୁଁ ଜୁଁ ହୋଇ କାନ୍ଦୁଛି। ଛୁଆଟି ଭୋକରେ ଏମିତି ଶବ୍ଦ କରୁଛି ବୋଲି ବୁଝି ପାରିଲା ରାଜୁ।

ରାଜୁ ଟିକେ ଅଟକିଗଲା। ସେ କୋଡ଼ିଏ ଟଙ୍କାରେ ଚାରିଟା ବିସ୍କୁଟ୍ ପ୍ୟାକେଟ୍ କିଣି, ଦୁଇଟା ବିସ୍କୁଟ୍ ପ୍ୟାକେଟ୍ ଖୋଲି ସେଇ କୁକୁର ଛୁଆ ଆଗରେ ରଖିଦେଲା। ଛୁଆଟି ତରବର ହୋଇ ଖାଇବାକୁ ଲାଗିଲା।

ନିଜ ହାତରେ ଥିବା ବିସ୍କୁଟ ଚୋବାଉ ଚୋବାଉ ରାଜୁ ସେଇ ଛୁଆଟିକୁ ଚାହିଁ ହସିଦେଲା।

ମୋ:୭୮୫୩୯୨୧୬୧୨

ବିଷାଦ ଋତୁ

ମିଲନ କୁମାର ମିଶ୍ର (ଭରଦ୍ୱାଜ)

ଏବେ ମୋ ଭିତରେ ବସନ୍ତ ଆସେନା,
ଫୁଲମାନେ ବି ବାସ୍ନା ଭୁଲିଗଲେଣି ।

ଯେଉଁଠି ଦିନେ ସ୍ୱପ୍ନମାନେ
ପ୍ରଜାପତି ହୋଇ ଉଡୁଥିଲେ,
ସେଠି ଏବେ ଶୁଭୁଚି କେବଳ
ନିରବତାର କରୁଣ ରାଗିଣୀ ।

କିଛି ସ୍ମୃତି
ଝରାପତ୍ର ପରି ମନର ଅଗଣାରେ
ଜମା ହୋଇ ରହିଛନ୍ତି,
କିଛି ଅପ୍ରାପ୍ତି
ମେଘ ହୋଇ
ଆକାଶକୁ ଢାଙ୍କି ରଖିଛନ୍ତି ।

ହସିବାର ଅଭିନୟ ତ ଜାଣିଗଲି,
ହେଲେ ମନର ଋତୁ ବଦଳିଲାନି ।
ସମୟ ଅନେକ ବସନ୍ତ ନେଇ ଆସିଲା,
କିନ୍ତୁ ମୋ ଭିତରର ବିଷାଦ କେବେ
ଶରତ ଦେଖିଲାନି ।

ବୋଧହୁଏ ଜୀବନରେ
ସବୁ ଋତୁର ଅବଧି ଥାଏ,
କେବଳ ବିଷାଦ ଋତୁର
କୌଣସି ଉପସଂହାର ନଥାଏ ।

ମୋ: ୭୦୦୮୨୪୧୨୮୭

ଶୀତ ଆସିଲାଣି ଫେରି

ସୁହଂସ ଭୋଇ

କାନେ କାନେ କହେ କାକର ପବନ
ଶୀତ ଆସିଲାଣି ଫେରି
ମାଟିରେ ଲାଗିଛି ପାଦ ଦାଗ ତାର
ଶିଶିର କଣିକା ଝରି।

ସରିତର ଗତି ମନ୍ଥର ଧରୁଛି
ସରସୀ ଚାହିଁଛି ବସି
ଶିଶାର ଚାଦର ପରି ଅବିକଳ
ଦିଶେ ନୀଳ ଜଳରାଶି।

ଆକାଶକୁ ଚାହେଁ କୁମାରୀ କୁମୁଦ
ପତର ପଣତ ଚିରି
ସତରେ ଯେମିତି ଭାରି ଚୁଲୁଚୁଳି
ଝିଅଟିଏ ଲାଜକୁରୀ।

ସେ ଦିନେ ବରଷା ଦଉଥିଲା ବାଧା
ସବିତା ନ ପାରେ ଉଇଁ
ଆଜି ଯେନ ତେନ ଓହ୍ଲେଇ ପଡୁଛି
କୁହୁଡ଼ିର ହିତ ଡେଇଁ।

ନିତି ସକାଳକୁ ଆସୁଛି ବଗିଚା
ଫୁଲର ପସରା ବୋହି
ଚତୁର ଭ୍ରମର ବାଟ ଓଗାଳୁଛି
ମିଠା ମିଠା କଥା କହି
ଦୂରରୁ ଶୁଭୁଛି ଶୀତର ଗର୍ଜନ
ଥୋକେ ତ ଗଲେଣି ଡରି
ସାଥୀରେ ଆଣିଛି ଆମ ପାଇଁ କେତେ
ନୂଆଁ ଆଶା ଅସୁମାରି ।

ମୋ:୯୪୩୭୫୨୨୪୫୫





କୁହୁଡ଼ିର ସହରରେ ମନ ଖୋଜେ ଉଷ୍ମତା

ତପନ ରଥ

ଲଣ୍ଡନରେ ଶୀତ ଆସୁଛି,
ଆକାଶର ରଙ୍ଗ ବଦଳୁଛି,
କୁହୁଡ଼ିର ଚାଦର ଘୋଡ଼ି
ସହରଟା ଧୀରେ ଧୀରେ ଶୋଇପଡୁଛି।

ଥେମ୍ସ ନଦୀର ଶୀତଳ ପବନରେ
ମୁଁ ଖୋଜୁଛି ନୂଆ ଋତୁର ସ୍ପର୍ଶ,
ଶୀତର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରୁଛି,
ହେଲେ କାହିଁକି କେଜାଣି
ମନଟା ମୋ ଦେଶକୁ ଫେରିଯାଉଛି ବାରମ୍ବାର।

ଏଠିର ଶୀତ ଭାରି ସୁନ୍ଦର,
ରାସ୍ତାକଡ଼େ ଝରାପତ୍ରର ରଙ୍ଗିନ ଗାଲିଚା,
କଫି କପ୍‌ରୁ ଉଠୁଥିବା ଧୂଆଁ,
ଆଲୋକରେ ଝଲମଲ ସନ୍ଧ୍ୟା,
ଆଉ କୁହୁଡ଼ି ଭିତରେ ହଜିଯାଉଥିବା
ଦୂରର ଘରମାନଙ୍କ ଝାପ୍ସା ଛବି
ସବୁକିଛି ମନକୁ ମୋହିନିଏ!

ମୁଁ ଶୀତକୁ ଭଲ ପାଉଛି,
ତା'ର ଶୀତଳତାକୁ ଅନୁଭବ କରୁଛି,
ଝରାପତ୍ରର ନିରବ କବିତା ପଢୁଛି,
ପ୍ରକୃତିର ଏହି ନୂଆ ରୂପରେ
ନି

ସ୍ୱାଧୀନତାର ୭୯ ବର୍ଷ ପରେ ପରମାନନ୍ଦପୁର ପକ୍କା ସଡ଼କରୁ ବଞ୍ଚିତ

ରାସ୍ତା ନାଁରେ ଲାଗିଛି ଫଳକ, ଗାଁକୁ ରାସ୍ତା ନାହିଁ

ହାଟଡିହି,୨୧।୧୧(ନି.ପ୍ର):ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଗାଁକୁ ନାହିଁ ପକ୍କା ସଡ଼କ। ରାସ୍ତା ନିର୍ମାଣ ପାଇଁ ଫଳକ ଲାଗିଛି, ହେଲେ ଗାଁକୁ ରାସ୍ତାର ଚିହ୍ନବର୍ତ୍ତ ନାହିଁ। କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଇଞ୍ଚୋଳ ପଂଚାୟତ ଅନ୍ତର୍ଗତ ପରମାନନ୍ଦପୁର ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଇଶଳା ଛକ ନିକଟରେ ଆର.ଡି. ରୋଡ୍‌ରୁ ପରମାନନ୍ଦପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସଂପର୍କିତ ଫଳକ ଲାଗିଛି। ହେଲେ ଆଜି ପର୍ଯ୍ୟନ୍ତ ପରମାନନ୍ଦପୁରକୁ ପକ୍କା ସଡ଼କ ନିର୍ମାଣ ହୋଇନାହିଁ। ଫଳକରେ ଗାଁର ନାଁ ଥିବାବେଳେ ବାସ୍ତବରେ ରାସ୍ତା ଅନ୍ୟ ଗାଁକୁ ଚାଲିଯାଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୨୦୦ରୁ ଅଧିକ ଲୋକ ବସବାସ କରୁଥିବାବେଳେ ଯାତାୟାତ ପାଇଁ ଆଜି ପର୍ଯ୍ୟନ୍ତ ଏକ ଭଲ ରାସ୍ତା ନାହିଁ। ଗାଁର ପୂର୍ବ ପଟେ ଏମାଙ୍ଗମେଣ୍ଟ ଠାରୁ ଗାଁ ଭିତରକୁ ଏକ ମାଟି ରାସ୍ତା ରହିଛି। ସେହିପରି ପଶ୍ଚିମ ପଟେ ଷଡ଼ଙ୍ଗା ଗାଁରୁ ଏବଂ ଅନ୍ୟ ଏକ ରାସ୍ତା ଇଶଳା



ଠାରୁ ଧାନଘର ଦେଇ ଗାଁକୁ ସଂଯୋଗ କରିଛି। ମାତ୍ର ସମସ୍ତ ରାସ୍ତା ମାଟିର ହୋଇଥିବାରୁ ବର୍ଷାଦିନେ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ଏପରିକି ଗାଁ ଭିତରକୁ ଆମ୍ବୁଲାନ୍ସ କିୟା ଅଗ୍ନିଶମ ଗାଡ଼ି ପହଁଚିବା ସମ୍ଭବ ହେଉନାହିଁ। କୌଣସି ବ୍ୟକ୍ତି ଅସୁସ୍ଥ ହେଲେ ତାଙ୍କୁ ଖଟିଆରେ ବୋହି ପ୍ରାୟ ୧ରୁ ୨ କିଲୋମିଟର ଦୂରକୁ ଆଣିବା ପରେ ଗାଡ଼ିରେ ଡାକ୍ତରଖାନା ନେବାକୁ ପଡୁଛି।

ପାଞ୍ଚ ବର୍ଷ ପୂର୍ବରୁ ଇଶଳା ଠାରୁ ଧାନଘର ଦେଇ କିଛି ଦୂର ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ହୋଇଥିଲା। ମାତ୍ର ତାହା ମଧ୍ୟ ଏବେ ନଷ୍ଟ ହୋଇଗଲାଣି। ଗତବର୍ଷ ଇଶଳା ଠାରୁ ପରମାନନ୍ଦପୁର ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଅନୁଦାନ ମିଳିଥିବା ଜାଣି ଦୀର୍ଘଦିନର ଦାବି ପୂରଣ ହେବ ଏବଂ ଗାଁକୁ ପକ୍କା ସଡ଼କ ମିଳିବ ବୋଲି ସେମାନେ ଆଶା ବାନ୍ଧିଥିଲେ। କିନ୍ତୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଏହା ପରମାନନ୍ଦପୁର ପରିବର୍ତ୍ତେ ଇଞ୍ଚୋଳ ଗାଁକୁ ସଂଯୋଗ କରିଥିବା ଜାଣିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଫଳକରେ ପରମାନନ୍ଦପୁର ନାଁ ଥିବା ସତ୍ତ୍ୱେ ରାସ୍ତା ଅନ୍ୟ ଗାଁକୁ ଗଲା କିପରି ? ଆମ ଗାଁ ପାଇଁ ଆସିଥିବା ରାସ୍ତା କୁଆଡେ ଉଭାନ ହୋଇଗଲା ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ଏହା ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗର ଏପରି ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ସେମାନେ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଲିଖିତ ଅଭିଯୋଗ କରିବା ସହ ତୁରନ୍ତ ତଦନ୍ତ ଓ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ ଦାବି କରିଛନ୍ତି।

ଥାନାରେ ଅଭିଯୋଗର ୧୨ ଘଣ୍ଟା ମଧ୍ୟରେ ୨ ନାବାଳକ ଉଦ୍ଧାର

କେନ୍ଦୁଝର,୨୧।୧୧(ନି.ପ୍ର): କେନ୍ଦୁଝର କାଳିପଡିଆରୁ ପୋଲିସ ୨ ନାବାଳକକୁ ଉଦ୍ଧାର କରିଛି। କେନ୍ଦୁଝର ସଦର ଥାନା ଅନ୍ତର୍ଗତ କଇଁସୀ ସ୍ଥିତ ପଦ୍ମଶ୍ରୀ ଡକ୍ଟର ତୁଳସୀ ମୁଣ୍ଡା ଆଦିବାସୀ ଶିକ୍ଷା ବିକାଶ ସମିତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗତ ୧୮ତାରିଖ ସନ୍ଧ୍ୟାରେ ଛାତ୍ରାବାସରେ ଥିବା ୨ ଜଣ ଅଷ୍ଟମ ଶ୍ରେଣୀ ଛାତ୍ର ସ୍କୁଲ ପାଚେରୀ ଡେଇଁ କୁଆଡେ ପଳାଇଥିଲେ। ପରିବାର ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଖୋଜ ଛାତ୍ରଙ୍କୁ ଖୋଜାଖୋଜି କରି ପାଇନଥିଲେ। ଫକୀର ମୋହନ ମହାନ୍ତ(୧୪) ଏବଂ ଦେବକାନ୍ତ ମହାନ୍ତଙ୍କୁ ନ ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପାତ୍ର ୨୦ ତାରିଖ ସନ୍ଧ୍ୟାରେ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ କେସ ନମ୍ବର ୬୩୭/୨୦୨୬ ଭାରତୀୟ ନ୍ୟାୟ ସଂହିତାର ଧାରା ମାମଲା ରୁଜୁ କରିଥିଲା। ମାମଲା ରୁଜୁ ହେବା ପରେ ସଦର ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁଙ୍କ ନେତୃତ୍ୱରେ ୨ଟି ଟିମ୍ ଗଠନ ହୋଇ କେନ୍ଦୁଝର ସହର ଏବଂ ଆଖପାଖ ଅଂଚଳରେ ନିଖୋଜ ଶିଶୁଙ୍କ ଉଦ୍ଧାର ପାଇଁ ତ୍ୱରିତ ପଦକ୍ଷେପ ନିଆଯାଇଥିଲା। ଏତଲା ହେବାର ୧୨ ଘଣ୍ଟା ମଧ୍ୟରେ ଉଭୟ ଶିଶୁଙ୍କୁ କେନ୍ଦୁଝର ସହର କାଳିପଡିଆ ନିକଟରୁ ପୋଲିସ ଉଦ୍ଧାର କରିଥିଲା। ଉଦ୍ଧାର ଶିଶୁଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଜିଲ୍ଲା ମଙ୍ଗଳ ସମିତି ନିକଟରେ ହାଜର କରାଯାଇଥିଲା। ଏହା ପରେ ଜିଲ୍ଲା ମଙ୍ଗଳ ସମିତି ଆଦେଶକ୍ରମେ ସେମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସନ୍ଦିଗ୍ଧ ବସ୍ତୁକୁ ନେଇ ପୋଲିସ ନାକେଦମ୍

ଖୋଲିବାରୁ ବାହାରିଲା ମଲାକୁକୁର

ହାଟଡିହି,୨୧।୧୧(ନି.ପ୍ର): ସଙ୍ଗମ ଗ୍ରାମ ନିକଟସ୍ଥ କୁକୁଡ଼ା ଫାର୍ମ ନିକଟରେ ଏକ ବସ୍ତା ପଡ଼ିଥିବା ଦେଖିବାକୁ ମିଳିଥିଲା। ବସ୍ତା ଭିତରେ କୌଣସି ମୃତଦେହ ଥିବା ନେଇ ଖବର ପ୍ରଚାର ହେବା ପରେ ଅଂଚଳରେ ନାନା ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ବସ୍ତା ଭିତରେ କଣ ଅଛି ତାହାକୁ ନେଇ ଲୋକ ବିଭିନ୍ନ କଥା କହୁଥିବା ବେଳେ ଖବର ପାଇ ସୋସୋ ଥାନା ଆଇଆଇସି ପୋଲିସ ବଳକୁ ଧରି ଘଟଣା ସ୍ଥଳରେ ପହଞ୍ଚିଲା । ବସ୍ତା ଭିତର ଖୋଲିବା ପାଇଁ ପୋଲିସ ଅଗ୍ନିଶମ ବାହିନୀକୁ ଡାକିଲା। ଅଗ୍ନିଶମ ବାହିନୀ ପହଁଚି ବସ୍ତା ଖୋଲିବା ପରେ ଯାହା ସାମ୍ନାକୁ ଆସିଲା, ତାହା ଦେଖି ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଥିଲେ। ବସ୍ତା ଭିତରେ କୌଣସି ମଣିଷର ମୃତଦେହ ନୁହେଁ, ବରଂ ରହିଥିଲା ଏକ ପୋଷା କୁକୁରର ମୃତଦେହ। ଏହା ଜାଣିବା ପରେ ସେଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଥିଲା।

ମାଉସୀ ଘରୁ ନାବାଳିକା ନିଖୋଜ

ହାଟଡିହି,୨୧।୧୧(ନି.ପ୍ର): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅଞ୍ଚଳରେ ଜଣେ ୧୫ ବର୍ଷୀୟା ନାବାଳିକା ନିଜ ମାଉସୀ ଘରୁ ନିଖୋଜ ହୋଇଯାଇଛନ୍ତି। ମାଉସୀ ଘର ପକ୍ଷରୁ ଏ ନେଇ ନନ୍ଦିପଦା ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ନଂ ୪୧୯/୨୦୨୬ ପଞ୍ଜିକରଣ କରିଛି। ସୂଚନା ଯୋଗ୍ୟ, ନିଖୋଜ ନାବାଳିକା ଜଣକର ପ୍ରକୃତ ଘର ଘସିପୁରା ଅଞ୍ଚଳରେ ହୋଇଥିବା ବେଳେ ସେ ନିଜ ମାଉସୀ ଘର ହାଟଡିହି ବ୍ଲକ ଅଞ୍ଚଳକୁ ଚୁଲିବାକୁ ଆସିଥିଲେ। ପୁଲିସ ମାଉସୀ ଘର ଗ୍ରାମକୁ ଯାଇ ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣା ସମ୍ପର୍କରେ ଅନ୍ୟ ମାନଙ୍କୁ ପଚରାଉଚରା କରିଛି।

ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକଙ୍କ ପରଲୋକ

ତେଲକୋଇ,୨୧।୧୧(ନି.ପ୍ର): କେନ୍ଦୁଝର ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ(୬୬)ଙ୍କ ପରଲୋକ ଘଟିଛି । ସେ ତେଲକୋଇ ବ୍ଲକର ପୂର୍ବତନ ବିଜେଡି ସଭାପତି, ଲକ୍ଷ୍ମୀନାରାୟଣ



ବଣିକ ସଂଘର ପୂର୍ବତନ ସଭାପତି, ସମ୍ପାଦକ ରହିବା ସହ ବିଭିନ୍ନ ସାମାଜିକ ସଂଗଠନ ସହ ଜଡିତ ଥିଲେ । ସେ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ଅପରାହ୍ନରେ ତାଙ୍କର ମରଶରୀରକୁ ତେଲକୋଇ ଅଣାଯାଇଥିଲା । ଡାକ ବଙ୍ଗଳାଠାରୁ ଶୋଭାଯାତ୍ରାରେ ନିଆଯାଇଥିଲା । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶେଷ ସମ୍ମାନ ଦିଆଯିବା ସହିତ ତେଲକୋଇ ବଜାର ବନ୍ଦ ରହିଥିଲା। ତେଲକୋଇସ୍ଥିତ ବାସଭବନରେ ଜିଲ୍ଲା ବିଜେପି ସଭାପତି ଆଶିଷ ଚକ୍ରବର୍ତ୍ତି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଧନୁର୍ଜୟ ସିନ୍ଦୁ, ବ୍ଲକ ସଭାପତି ନାରାୟଣ ନାୟକ, ସମ୍ପାଦକ ସୁଦାମ ଚରଣ ସାହୁ, ଜିଲ୍ଲାପରିଷଦ ସଦସ୍ୟ କେଦାର ଚନ୍ଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ତେଲକୋଇ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁଶାନ୍ତ କୁମାର ଗିରି, ରକ୍ଷାକର ସାହୁ, ଲକ୍ଷ୍ମୀନାରାୟଣ ବଣିକ ସଂଘ ସଭାପତି କନୌଜ ବିଶ୍ୱାଳ, ସମ୍ପାଦକ ପ୍ରଭାତ କୁମାର ସାହୁ, ହୃଦୟ କୁମାର ସାହୁ, ସତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ।

ଫାଟିଲା ଟ୍ରକ୍ ଚକା ୨ ବାଇକ୍ ଆରୋହୀ ଗୁରୁତର

ରାମଚନ୍ଦ୍ରପୁର,୨୧।୧୧(ନିପ୍ର): ୨୦ ନମ୍ବର ଜାତୀୟ ରାଜପଥ ଘସିପୁରା ଥାନା ବିରଗୋବିନ୍ଦପୁର ଗ୍ରାମ ନିକଟରେ ଶନିବାର ଅଚାନକ ଏକ ୧୨ ଚକିଆ ଟ୍ରକ୍‌ର ଚକରେ ନିଆଁ ଲାଗିଯିବା ସହ ତାହା ପ୍ରଚଣ୍ଡ ଶବ୍ଦରେ ଫାଟି ଯାଇଥିଲା। ଏହି ସମୟରେ ରାସ୍ତାରେ ବାଇକ୍ ଯୋଗେ କେନ୍ଦୁଝରରୁ ନିଜ ଘରକୁ ଫେରୁଥିବା ଶାଳପଡ଼ା ଅଞ୍ଚଳର ଜିତୁ ସୋରେନ ଏବଂ ବାଟୁଲା ମୁର୍ମୁ ଗୁରୁତର ଆହତ ହୋଇଛନ୍ତି। ଚକ ଫାଟିବାର ତୀବ୍ର ପ୍ରଭାବରେ ଘଟଣାସ୍ଥଳରେ ଜଣଙ୍କର ଗୋଡ଼ କଟି ଯାଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଉଚ୍ଚତର ଚିକିତ୍ସା ନିମନ୍ତେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଆହତ ଦ୍ୱୟ ଅଟୋ ମେକାନିକ ଭାବେ କାର୍ଯ୍ୟ କରନ୍ତି। ସେମାନଙ୍କ ଚିକିତ୍ସା ଖର୍ଚ୍ଚ ସମ୍ପୃକ୍ତ ଟ୍ରକ୍ ମାଲିକ ବହନ କରନ୍ତୁ ବୋଲି ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି। ଖବର ପାଇ ଘସିପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

'ଆଇନା' ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ଦିବସ

ଖୋର୍ଦ୍ଧା୨୧।୧୧(ନିପ୍ର): ଖୋର୍ଦ୍ଧା ବ୍ଲକ ଡିଆଇଇଟି ଠାରେ ' ଆଇନା' ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଏକ ମଣ୍ଡଳ ସ୍ତରୀୟ ଶିଶୁ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଣ୍ଡଳସ୍ତରୀୟ ଦୀପ ଚିତ୍ରାଙ୍କନ, ପେପର ପିରାମିଡ଼, ମେମୋରି ଗେମ୍, ନାଚ ଆଦି ପ୍ରତିଯୋଗୀତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଡ଼ିଆଇଇଟିର ଅଧକ୍ଷ ତାପସ କୁମାର ନାୟକ, ବିଇଓ ସୋନାଲିକା ନାୟକ, ଖୋର୍ଦ୍ଧାର ବିଆରପି ସସ୍ମିତା ବଳିୟାରସିଂହ ଓ ତୃପ୍ତିଲତା ଦାସ ଜାଗୁଳେଇ ପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ବେହେରା 'ଆଇନା' ସମ୍ପାଦିକା ସ୍ନେହା ମିଶ୍ର, ସଭାପତି ଲଳିତା ମିଶାଲର ବୋର୍ଡ଼ ମେମ୍ବର ବିଶାଖା ଇଂଜ ଏବଂ 'ଆଇନା'ର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। 'ଆଇନା'ର କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଏହି ଦୁଇ ନିକିଆ କର୍ମଶାଳାକୁ 'ଆଇନା' ସଂସ୍ଥାର ଦୀପ୍ତିମୟୀ ସୁବୁଦ୍ଧି ପରିଚାଳନା କରିଥିଲେ।

ଜିଲ୍ଲାସ୍ତରୀୟ ନିବନ୍ଧ ଓ କୁଇଜ୍ ପ୍ରତିଯୋଗିତା



କେନ୍ଦୁଝର,୨୧।୧୧(ନି.ପ୍ର): ଯୁବପୀଢ଼ିଙ୍କ ମଧ୍ୟରେ ନିର୍ବାଚନୀ ସାକ୍ଷରତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ମତଦାନ ପ୍ରକ୍ରିୟା ସଂପର୍କରେ ସଚେତନତା ବୃଦ୍ଧି କରି ସଚେତନ ଓ ଦାୟିତ୍ୱବାନ ମତଦାତା ଗଠନ ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାରେ ଜିଲ୍ଲାସ୍ତରୀୟ ନିବନ୍ଧ ଓ କୁଇଜ୍ ପ୍ରତିଯୋଗିତା ସଂପନ୍ନ ହୋଇଯାଇଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଗଠିତ ଇଲେକ୍ଟୋରାଲ ଲିଟ୍ରେସି କ୍ଲବସ୍ (ଇଏଲ୍‌ସିଏସ୍) ମାଧ୍ୟମରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ତେଲକୋଇ, କେନ୍ଦୁଝର,ଘସିପୁରା, ଆନନ୍ଦପୁର, ପାଟଣା ଓ ଚଂପୁଆର ମୋଟ ୧୯୨ଟି ଶିକ୍ଷାନୁଷ୍ଠାନରେ ନିବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ନିବନ୍ଧ ପ୍ରତିଯୋଗିତାରେ ୩,୧୩୭ ଜଣ ଏବଂ କୁଇଜ୍ ପ୍ରତିଯୋଗିତାରେ ୪,୨୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ବିଧାନସଭାସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ସ୍ତରରେ ନିବନ୍ଧ ପ୍ରତିଯୋଗିତାରେ ୩୫୧ ଜଣ ଏବଂ କୁଇଜ୍ ପ୍ରତିଯୋଗିତାରେ ୩୭୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରୁ ନିବନ୍ଧ ଓ କୁଇଜ୍ ବିଭାଗରେ ଶ୍ରେଷ୍ଠ ୧୦ ଜଣ ଲେଖାଏଁ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଥିଲେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ନିବନ୍ଧ ଓ କୁଇଜ୍ ବିଭାଗରେ ୬୦ ଜଣ ଲେଖାଏଁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଫଳାଫଳ ଆଧାରରେ ଉଭୟ ବିଭାଗରେ ଶ୍ରେଷ୍ଠ ୧୦ ଜଣ ଲେଖାଏଁ ବିଜେତା ଚୟନ କରାଯାଇଥିଲା। ଏହି ପ୍ରତିଯୋଗିତା ଗୁଡ଼ିକ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ନିର୍ବାଚନୀ ପ୍ରକ୍ରିୟା, ମତଦାନର ଗୁରୁତ୍ୱ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ସଂପର୍କରେ ଅବଗତ କରାଯାଇଥିଲା। ଏହା ସେମାନଙ୍କ ମ୍ରୁଚ୍ଛାରେ ନିର୍ବାଚନୀ ସଚେତନତା ବୃଦ୍ଧି ସହ ଭବିଷ୍ୟତରେ ସକ୍ରିୟ ଓ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ଉଠିବାରେ ସହାୟକ ହେବ।

ବାୟାକୁମୁଟିଆରେ ଶିଶୁ ମହୋତ୍ସବ

କେନ୍ଦୁଝର,୨୧।୧୧(ନି.ପ୍ର): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ବାୟାକୁମୁଟିଆ ପଂଚାୟତ ବାୟାକୁମୁଟିଆ ଗ୍ରାମରେ ଭିଆରଓ ସଂସ୍ଥା ଦ୍ୱାରା ପଂଚାୟତ ସ୍ତରରେ କାର୍ଯ୍ୟରତ ଗ୍ରାମ ପୁନଃ ନିର୍ମାଣ ସଂସ୍ଥା ବାୟାକୁମୁଟିଆ ଦ୍ୱାରା ଏକ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜର୍ଜ ଆଣ୍ଟୋନି ଆଂଚଳିକ ନିର୍ଦ୍ଦେଶକ ଭିଆରଓ ଓଡିଶା, ସମ୍ମାନୀତ ଅତିଥି ଭାବେ କସ୍ତୁରୀ ପାତ୍ରୀ ଓ ଅନୁସ୍ମିତା ଦାସ ଏକ୍ସଆଇ ଏମ୍‌ବି ଛାତ୍ର ଭୁବନେଶ୍ୱର, ତ୍ରିଲୋଚନ ମହାକୁଡ କମିଟି ସଭାପତି ଏବଂ ସେବତୀ ବେହେରା ପୂର୍ବତନ କମିଟି ସଭାପତି ବାୟାକୁମୁଟିଆ ଯୋଗ ଦେଇଥିଲେ । ଏଥିରେ ସଂସ୍ଥାର ୮ଟି ଗ୍ରାମରୁ ସନ୍ଧ୍ୟାକାଳୀନ ବିଦ୍ୟାଳୟରୁ ୨୪୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଖେଳ ସହିତ ଗୀତ ନାଚ ଆଦି ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଏବଂ ସମ୍ମାନୀତ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ବାୟାକୁମୁଟିଆ ଯୁବ ଦକ୍ଷତା ବିକାଶ କେନ୍ଦ୍ରର ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ ସଭାର ଆୟୋଜନ ହୋଇଥିଲା । ଉକ୍ତ ସଭାରେ ଫାଦର ଜର୍ଜ ଯୋଗ ଦେଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଶେଷରେ କେନ୍ଦ୍ରର ପରିଚାଳିକା ମମତାରାଣୀ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

ଗୋରୁପଲ ପାଇଁ ବଢୁଛି ଟ୍ରାଫିକ ସମସ୍ୟା

ଦଶପଲ୍ଲା,୨୧।୧୧(ନି.ପ୍ର): ଦଶପଲ୍ଲା ଏନଏସିର ବିଭିନ୍ନ ସ୍ଥାନରେ ପାଣି ଜମି ଓ ଖାଲଖମା ହୋଇ ଦିନକୁ ଦିନ ସମସ୍ୟା ବଢୁଥିବା ବେଳେ ଏବେ ଗାଈ – ଗୋରୁଙ୍କ ଯୋଗୁଁ ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣିତ ହେବାରେ ଲାଗିଛି। ଶନିବାର ଦିନ ଗଣେଶ ବଜାର ଠାରେ ଅନେକ ଗାଈ–ଗୋରୁ ରାଜପଥ ଉପରେ ଦଳ ଦଳ ହୋଇ ଶୋଇ ରହିଥିବା ଦେଖାଯାଇଛି। ପ୍ରଭୁ ଶ୍ରୀ ମହାବୀର ମନ୍ଦିର ଓ ଶ୍ରୀ ଜଗନ୍ନାଥ ମନ୍ଦିରକୁ ଭକ୍ତ ଯିବା ସମୟରେ ନାହିଁ



ନ ଥିବା ସମସ୍ୟା ଭୋଗିବାକୁ ପଡୁଛି। ବେଳେ ବେଳେ ପରିସ୍ଥିତି ଏଭଳି ହେଉଛି ଯେ, ଗ

ପୋଲିସ କାର୍ଯ୍ୟରେ ପ୍ରତିବନ୍ଧକ କ୍ୟାମ୍ପ ଭଙ୍ଗା ଅଭିଯୋଗରେ ୨ କୋର୍ଟ ଚାଲାଣ



କୋରାପୁଟ, ୨୧/୧୧ (ନି.ପ୍ର.): କୋଟିଆ ସୀମାନ୍ତ ଅଞ୍ଚଳରେ ପୁଲିସ କାର୍ଯ୍ୟରେ ବାଧା ସୃଷ୍ଟି, ରାସ୍ତା ଅବରୋଧ ଏବଂ ପୁଲିସ କ୍ୟାମ୍ପ ଭଙ୍ଗା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି କୋଟିଆ ପୁଲିସ।ଗିରଫ ଦୁଇ ଜଣ ହେଲେ ଫଗୁଣସିନେରୀ ଗ୍ରାମର ବିସୁ ପାଙ୍ଗୀ ଓ ଲିବ୍ରି ହରେକା। ଏନେଇ ସୁନାବେଡ଼ା ଏସଡିପିଓ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଅତିରିକ୍ତ ଏସପି ମନୋଜ ପୂଜାରୀ ସୂଚନା ଦେଇଛନ୍ତି। ଉଭୟଙ୍କ ନାମରେ ପୂର୍ବରୁ ମଧ୍ୟ କୋଟିଆ ଥାନାରେ ଅନ୍ୟ ଦୁଇଟି ମାମଲା ରହିଥିବା ପୁଲିସ କହିଛି।ପୁଲିସର ସୂଚନା ଅନୁଯାୟୀ, ଗତ ନଭେମ୍ବର ୪ ତାରିଖରେ ନିର୍ବାଚନ ପୂର୍ବ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ଫାଟୁସେନେରୀ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ସହ ନାକା ଯାଞ୍ଚ କରୁଥିଲା। ଏହି ସମୟରେ କିଛି ସ୍ଥାନୀୟ ଲୋକ ମାଡ଼କର ଓ ଡୋଲିଆସ୍ତା ଗ୍ରାମ ନିକଟରେ ରାସ୍ତା ଉପରେ ଗଛ ଗଣ୍ଡି ପକାଇ ଯାତାୟାତ ବନ୍ଦ କରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ପୁଲିସ କ୍ୟାମ୍ପ ଭଙ୍ଗାଯିବା, ଟେଣ୍ଟ ଉପାଡ଼ିବା ଏବଂ ଓଡ଼ିଶା ସରକାରଙ୍କ ସାଇନ୍ ବୋର୍ଡ ନଷ୍ଟ କରାଯିବା ଭଳି ଘଟଣା ଘଟିଥିବା ନେଇ ମଧ୍ୟ ଅଭିଯୋଗ ଆସିଥିଲା।ଏହି ଘଟଣାର ତଦନ୍ତ କରି ପୁଲିସ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ନଭେମ୍ବର ୨୧ ତାରିଖ ସକାଳ ସାଢ଼େ ୫ଟାରେ ବିସୁ ଓ ଲିବ୍ରିଙ୍କୁ ଗିରଫ କରିଥିଲା। ଏହାବ୍ୟତୀତ କୋଟିଆ ଥାନାରେ ପୂର୍ବରୁ ରୁଜୁ ହୋଇଥିବା କେସ୍ ନମ୍ବର ୧୦ ଓ ୧୧ରେ ମଧ୍ୟ ଉଭୟଙ୍କ ସମ୍ପୃକ୍ତି ଥିବା ପୁଲିସ ପକ୍ଷରୁ କୁହାଯାଇଛି। ଡାକ୍ତରୀ ପରୀକ୍ଷା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେନେଇ ପୁଲିସର ତଦନ୍ତ ଜାରି ରହିଛି।ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ମନୋଜ ପୂଜାରୀ କହିଛନ୍ତି ଯେ ଆଗାମୀ ଦିନରେ ଏଭଳି କାର୍ଯ୍ୟରେ ଯେଉଁମାନେ ସମ୍ପୃକ୍ତ ରହିବେ, ସେମାନଙ୍କ ବିରୋଧରେ କୋରାପୁଟ ପୁଲିସ ପକ୍ଷରୁ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ, ଏହି ଗିରଫଦାରୀ ପରେ କୋଟିଆ ଅଞ୍ଚଳର ରାଜନୈତିକ ଓ ପ୍ରଶାସନିକ ପରିସ୍ଥିତି କେଉଁ ଦିଗକୁ ଗତି କରିବ, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।ଆସନ୍ତା ଡିସେମ୍ବର ୨ ତାରିଖରେ କୋଟିଆ ଅଞ୍ଚଳରେ ପୁଣି ଆନ୍ଧ୍ରପ୍ରଦେଶ ପକ୍ଷରୁ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାରୁ ଏହାକୁ ନେଇ କୋରାପୁଟ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ଏବଂ ଆଇନଶୃଙ୍ଖଳା ବ୍ୟବସ୍ଥା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି।

ପାତାଳୀ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଠିଆକିଆ ବେଶ

ସୁବର୍ଣ୍ଣପୁର, ୨୧।୧୧(ନିପ୍ର) ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାବନ ଲୀଳାକ୍ଷେତ୍ର ପାତାଳି ଶ୍ରୀକ୍ଷେତ୍ରରେ ଆଜି ପବିତ୍ର କାର୍ତ୍ତିକ ମାସ ଦେବୋତ୍ଥାପନ ବଡ଼ ଏକାଦଶୀ ଅବସରରେ ଶ୍ରୀଜିଉ ମାନଙ୍କ ଲକ୍ଷ୍ମୀ ନାରାୟଣ (ଠିଆ କିଆ) ବେଶ ସମ୍ପନ୍ନ ହୋଇଯାଇଛି। ଆଜି ସକାଳୁ ଦ୍ୱାର ଫିଟା, ମଙ୍ଗଳ ଆଳତୀ, ସୂର୍ଯ୍ୟ ଅର୍ଘ୍ୟ, ଦ୍ୱାରପାଳ ପୂଜା, ଖେଚୁଡ଼ି ଭୋଗ ପରେ ଶ୍ରୀଜିଉମାନଙ୍କୁ ବେଶ କରାଯାଇଥିଲା। ପରେ ପରେ ଭକ୍ତମାନଙ୍କୁ ଦର୍ଶନର ସୁଯୋଗ ଦିଆ ଯାଇଥିଲା। ବହୁ ସଂଖ୍ୟା ରେ ଭକ୍ତ ଦର୍ଶନାର୍ଥୀ ମହାପ୍ରଭୁଙ୍କ ଏହି ଦିବ୍ୟ ବେଶ ଦର୍ଶନ କରି ବିଭୁ କୃପା ଲାଭ କରିଥିଲେ। ଏ ଅବସରରେ ସକାଳୁ ଏବଂ ସନ୍ଧ୍ୟାରେ ଠାକୁରଙ୍କୁ ବହୁ ଭକ୍ତ ବଡ଼ ଆଳତି ପ୍ରଦାନ କରିଥିଲେ। ପବିତ୍ର କାର୍ତ୍ତିକ ପଞ୍ଚକ ପର୍ବ ଚାଲିଥିବା ବେଳେ ବହୁ ସଂଖ୍ୟାରେ ହବିସିଆଳି ଠାକୁରଙ୍କ ଦର୍ଶନ କରିବା ଦେଖିବାକୁ ମିଳିଥିଲା। ଆସନ୍ତା ରାସ ପୂର୍ଣ୍ଣିମା ପର୍ଯ୍ୟନ୍ତ ଠାକୁରଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହେବା ସହ ତା ୨୪. ୧୧. ୨୬ ପୂର୍ଣ୍ଣିମା ଦିନ ଶ୍ରୀଜିଉମାନଙ୍କ ରାଜରାଜେଶ୍ୱର(ସୁନା)ବେଶ ଅନୁଷ୍ଠିତ ହେବ। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ପୂର୍ଣଚନ୍ଦ୍ର ପାଢ଼ୀଙ୍କ ସଂଯୋଜନାରେ ପୂଜକ ଗୁଣାକର ପଣ୍ଡା, ଜଗନ୍ନାଥ ହୋତା ଠାକୁରଙ୍କ ବେଶ ତଥା ନୀତି ସମ୍ପାଦନ କରୁଛନ୍ତି।

ଅଜଣା ଗାଡ଼ିର ଧକ୍କାରେ ଜଣେ ମୃତ

ରାୟଗଡ଼ା, ୨୧/୧୧ (ନି.ପ୍ର): ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ମୃତ୍ୟୁ ରୂପରେ ମାଡ଼ି ଆସିଲା ଅଜଣା ଗାଡ଼ି। ଦ୍ରୁତଗତିରେ ଆସି ଦୁଇ ଜଣଙ୍କୁ ଧକ୍କା ଦେଇ ଫେରାର ହୋଇଗଲା ଗାଡ଼ିଟି। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣକର ଜୀବନ ଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଘଟଣାଟି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ବୁଡ଼ାଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଘଟିଛି।ସୂଚନା ଅନୁଯାୟୀ, ବୁଡ଼ାଗୁଡ଼ା ଗ୍ରାମର ସାମନ୍ତ ଗାଣ୍ଡା (୬୨) ଓ କୁମାରସ୍ୱାମୀ ନାଏକ ରାସ୍ତାରେ ଚାଲି ଚାଲି ଯାଉଥିବା ସମୟରେ ଏକ ଅଜଣା ଗାଡ଼ି ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଧକ୍କା ଦେବା ପରେ ଗାଡ଼ିଟି ଅଟକିବା ପରିବର୍ତ୍ତେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏଥିରେ ସାମନ୍ତ ଗାଣ୍ଡାଙ୍କ ମୃତ୍ୟୁ ହୋଇଥିବା ବେଳେ କୁମାରସ୍ୱାମୀ ନାଏକ ଗୁରୁତର ଆହତ ହୋଇଥିଲେ।



ଆଇଟିଆଇ କଲେଜରେ ସମାବର୍ତ୍ତନ ଉତ୍ସବ



ରାୟଗଡ଼ା, ୨୧/୧୧ (ନି.ପ୍ର): ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ), ରାୟଗଡ଼ା ପକ୍ଷରୁ ଶୁକ୍ରବାର ସମାବର୍ତ୍ତନ ଉତ୍ସବ ଆୟୋଜିତ ହୋଇଯାଇଛି । ଦକ୍ଷତା ତାଲିମ ସଫଳତାର ସହ ସମାପ୍ତ କରିଥିବା ୨୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।ଭାରତ ସରକାରଙ୍କ କୌଶଳ ବିକାଶ ଓ ଉଦ୍ୟମଶୀଳତା ମନ୍ତ୍ରଣାଳୟ ଅଧୀନସ୍ଥ ଟ୍ରେନିଂ ମହାନିର୍ଦ୍ଦେଶାଳୟଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରିଣୀ ସ୍ୱର୍ଣ୍ଣଲତା ରାଉତ ଏବଂ ଉତ୍ସଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ, ରାୟଗଡ଼ାର ଅଧ୍ୟକ୍ଷ ଅତିଥି ଭାବେ ଯୋଗ ଦେଇଥିଲେ । ସେମାନେ ଛାତ୍ରଛାତ୍ରୀଙ୍କୁ ଦକ୍ଷତା, ଶୃଙ୍ଖଳା, ନିଷ୍ଠା ଓ ଆତ୍ମବିଶ୍ୱାସକୁ ପାଥେୟ କରି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ପରାମର୍ଶ ଦେଇଥିଲେ ।ଅନୁଷ୍ଠାନର ଅଧ୍ୟକ୍ଷ ବିନୟ କୁମାର ବସନ୍ତରାୟଙ୍କ ତତ୍ତ୍ୱାବଧାନରେ ଶଶାଙ୍କ ଶେଖର ସାହୁ (ଭାରପ୍ରାପ୍ତ ତାଲିମ ଅଧିକାରୀ), ରଞ୍ଜନ କୁମାର ପରିଡ଼ା, ରାକେଶ କୁମାର ଦାସ, ବିଧାଂଶୁ ଭୂଷଣ ନାୟକ ଓ ସାଲବେଗ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ତାଲିମ ଅଧିକାରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଶେଷରେ ଶଶାଙ୍କ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ: www.oshb.org
ପତ୍ରସଂଖ୍ୟା-୨୪୪ ତା: ୦୩-୧୧-୨୬

ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂଇ ଏଲ୍ - ୧୦୦ (EI-100) ବାସନ୍ତି ଜକୋନୀ, ଫେଜ୍ - ୨, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀ ରାସମୟ ଦାସ , ପିତା - ସ୍ୱର୍ଗତ ପିତାମ୍ବର ଦାସ(୨) ଡ. ତରୁଣକାନ୍ତି ଦାସ, ପିତା - ରାସମୟ ଦାସ(୩) ଶ୍ରୀ ତୁଷାରକାନ୍ତି ଦାସ, ପିତା -ରାସମୟ ଦାସ , ପିତା - ରାସମୟ ଦାସ (୪) ତାପସୀ ଘୋଷ ମୌଳିକ ପିତା - ରାସମୟ ଦାସ , ସ୍ୱାମୀ- ପ୍ରିତୀଶ ଘୋଷ ମୌଳିକ, ସା - କୌଦପୁର, ପୋ- ମାଧବ ନଗର, ଥାନା- ଜିଲ୍ଲା- ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ରାସମୟ ଦାସଡ.ଡ. ତରୁଣକାନ୍ତି ଦାସ, ତୁଷାରକାନ୍ତି ଦାସ, ତାପସୀ ଘୋଷ ମୌଳିକ ତୃତୀୟପକ୍ଷ ଅନ୍ତରଣ ଆଧାରରେ (୧) ଶ୍ରୀ ଅକ୍ଷୟ ପ୍ରସାଦ ଦାସ, ପିତା ସଞ୍ଜୟ ପ୍ରସାଦ(୨) ରୋହିତ କୁମାର ସୋନି ,ପତା- ସଞ୍ଜୟ କୁମାର ସୋନି , ସା - ବରାହିବଜାର, ଥାନା/ପୋ - ଔରଙ୍ଗାବାଦ , ଜିଲ୍ଲା -ଔରଙ୍ଗାବାଦ, ବିହାରଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

Caption No: 13001 /2540 /2627

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ବାରହା ଆକ୍ରମଣରେ ୩ ଗୁରୁତର



ଠାକୁରମୁଣ୍ଡା, ୨୧୧୧/(ନି.ପ୍ର):ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ହାତୀଗୋଡାରେ ୨୧ ତାରିଖ ଶନିବାର ଦିନ ବାରହା ଆକ୍ରମଣରେ ୩ ଗୁରୁତର ହୋଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶଯେ,ଶନିବାର ସନ୍ଧ୍ୟା ପ୍ରାୟ ୫ ଟା ସମୟରେ ଜଙ୍ଗଲ ଭିତରୁ ଧାନ ଖାଇବା ପାଇଁ ଗୋଟିଏ ବିରାଟକାୟ ବାରହା ଧାନ ବିଲ ମଧ୍ୟକୁ ପଶି ଆସିଥିଲା।ଧାନ ବିଲ ହିଡରେ ସାଇକେଲରେ ଯାଉଥିବା ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରୁ ବାରହା ଦୁଗୀ ଜାରିକା (୩୦)କୁ ଆକ୍ରମଣ କରି ଗୁରୁତର କରିଛି ତାହାଣ ହାତ ପାପୁଲି କାମୁଡି ଗୁରୁତର କରିଥିବା ଦେଖିବାକୁ ମିଳିଛି ସେହିପରି ଡକେଇପାଳ ଗ୍ରାମ ମୁକ୍ତାଝରି ସାହିର ଗୋପାଳ ମାଝୀ ଶନିବାର ନିଜ ମାମୁଁ ଘର ହାତୀଗୋଡା ଗ୍ରାମକୁ ଯାଇଥିବାବେଳେ ମାମୁଁଘର ଦୁଆର ମୁହଁରେ ବାରହା ହାବୁଡ଼ରେ ପଡିଛନ୍ତି।ବାରହା କାମୁଡି ଗୋପାଳ ର ବାମ ହାତର ଗୋଟିଏ ଆଙ୍ଗୁଠି ୨ ଗଡ଼ କରିଛି। ଜଙ୍ଘ, ଛାତି ରେ ମଧ୍ୟ ଗଭୀର କ୍ଷତ ସୃଷ୍ଟି ହୋଇଛି ବାରହା ଆକ୍ରମଣରେ ପଡିଯିବାରୁ ମୁଣ୍ଡ ଫାଟି ଯାଇଛି। ସ୍ଥାନୀୟ ଲୋକମାନେ ଉଦ୍ଧାର କରି ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେହିପରି କାଦପାଣି ଗ୍ରାମର ଜଗନ୍ନାଥ ହେମ୍ବ୍ରମ (୧୯)ଯୁବକକୁ ବାରହା ମୁଣ୍ଡରେ କାମୁଡି ଖପୁରି ବାହାର କରି ଦେଇଥିବା ଦେଖିବାକୁ ମିଳିଛି। ପରିବାର ଲୋକେ ଜଗନ୍ନାଥ ହେମ୍ବ୍ରମଙ୍କୁ ବାରହା କବଳରୁ ଉଦ୍ଧାର କରି ୧୦୮ ଆମ୍ବୁଲାନସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ଆଣିଥିଲେ।ଗୋପାଳ ମାଝୀ ପେସାରେ ଜଣେ ଟାଇଲ ମିସ୍ତ୍ରୀ ନିପାଣିଆରେ କାମ କରୁଥିବାବେଳେ ନିକଟସ୍ଥ ମାମୁଁ ଘରକୁ ଚାଲି ଯାଇଥିଲେ।ସେଠାରୁ ଫେରିବାକୁ ବାହାରିଥିବାବେଳେ ଏହି ଅଘଟଣ ଘଟିଥିଲା। ସମସ୍ତେ ଆଦିବାସୀ ସମ୍ପ୍ରଦାୟର ଓ ଗରିବ ଲୋକ। ଗାଁ ଭିତରକୁ ଆସି ଆକ୍ରମଣ କରିଥିବାରୁ ବନ ବିଭାଗ ଅନୁକମ୍ପା ରାଶି ସହାୟତା କରିବାକୁ ଲୋକେ ଦାବି କରିଛନ୍ତି ଗୋପାଳ ମାଝୀ ଏବଂ ଜଗନ୍ନାଥ ହେମ୍ବ୍ରମ ଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ କୁ ପଠାଇ ଦିଆଯାଇଛି।

ଜାତୀୟସ୍ତରୀୟ ପୋଲ୍‌ଭଲ୍ଟ ସ୍ନିଗ୍ଧାଙ୍କୁ ରୌପ୍ୟ ପଦକ

ତେନ୍ତୁଳାଖୁଣ୍ଟି,୨୧।୧୧(ନିପ୍ର)ମଧ୍ୟପ୍ରଦେଶର ଶିବପୁରୀଠାରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ଜୁନିୟର ସ୍କୁଲ ନ୍ୟାସନାଲ ଆଥଲେଟିକ୍ସ ପ୍ରତିଯୋଗିତାର ପୋଲ୍ ଭଲ୍ଟ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରି ଓଡ଼ିଶା ସମେତ ନବରଙ୍ଗପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ତେନ୍ତୁଳାଖୁଣ୍ଟି ବ୍ଲକ ଚରାମୁଳା ଗ୍ରାମର ସାସ୍ମାଦିକ ସନ୍ତୋଷ ରାଓଙ୍କ ଝିଅ ଲେଙ୍କା ସ୍ନିଗ୍ଧା।ସୂଚନା ଅନୁଯାୟୀ, ପିଲାଦିନରୁ ଖେଳ ପ୍ରତି ସ୍ନିଗ୍ଧାଙ୍କର ବିଶେଷ ଆଗ୍ରହ ରହିଥିଲା। ସେ ଖାତିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟୟନ କରିବା ସମୟରୁ କ୍ରୀଡ଼ା କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରିଆସୁଥିଲେ। ପରେ ତେନ୍ତୁଳାଖୁଣ୍ଟି ବ୍ଲକ ଆଦର୍ଶ ବିଦ୍ୟାଳୟରେ ପଢ଼ିବା ସମୟରେ ଖେଳ ଶିକ୍ଷକ ଉମେଶ ଚନ୍ଦ୍ର ମଲ୍ଲିକ ଓ ଜିଲ୍ଲା ଶାରୀରିକ କ୍ରୀଡ଼ା ଅଧିକାରୀ ପ୍ରଭାତ ପଟ୍ଟନାୟକ, କନ୍ଧମାଳ କ୍ରୀଡା ଶିକ୍ଷକ ଭାସ୍କର ରାଓ ଙ୍କ ପ୍ରେରଣା ଓ ମାର୍ଗଦର୍ଶନରେ ଜିଲ୍ଲା ଓ ରାଜ୍ୟ ସ୍ତରରେ ବିଭିନ୍ନ ସଫଳତା ହାସଲ କରିଥିଲେ।ବର୍ତ୍ତମାନ ସ୍ନିଗ୍ଧା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଛାତ୍ରାବାସରେ ରହି କୋଚ୍? ମେଲବର୍ଣ୍ଣ ଓ ଅରବିନ୍ଦଙ୍କ ତତ୍ତ୍ୱାବଧାନରେ ପୋଲ୍? ଭଲ୍ଟ ଅଭ୍ୟାସ ଜାରି ରଖିବା ସହ ଭୁବନେଶ୍ୱର ସ୍ଥିତ ୟୁନିଟ ୪ ବାଳିକା ବିଦ୍ୟାଳୟ ରେ ଦଶମ ଶ୍ରେଣୀ ରେ ଅଧ୍ୟୟନ କରୁଛନ୍ତି!ତାଙ୍କର ଏହି ଜାତୀୟ ସ୍ତରୀୟ ସଫଳତା ପାଇଁ ନବରଙ୍ଗପୁର ଜିଲ୍ଲା କ୍ରୀଡ଼ା ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ,ଉମରକୋଟ କ୍ରୀଡା ଶିକ୍ଷକ ତଥା କୋଚ ସପନ ବୈରାଗୀ,ନବରଙ୍ଗପୁର କ୍ରୀଡା ପ୍ରେମୀ ଦୁର୍ଯ୍ୟୋ ହରିଜନ,ଟିମ ମ୍ୟନେଜର ପପୁନ କୁମାର ମହନ୍ତ, କ୍ରୀଡା ଶିକ୍ଷୟତ୍ରୀ ରଚିତା ନାୟକ,କଳିଙ୍ଗ ଷ୍ଟାଡିୟମର କୋଚ୍ ରିତା ମ୍ୟାଡାମ, ଓ ଲିଯିକା ମେଡମ ଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସ୍ନିଗ୍ଧାଙ୍କ ଏହି ସଫଳତାରେ ଚରାମୁଳା ଗ୍ରାମ ସମେତସମଗ୍ରନବରଙ୍ଗପୁରଜିଲ୍ଲାରେ ଆନନ୍ଦର ଲହରୀ ଖେଳିଯାଇଛି।

ପାରାୟଣରେ ବଳି-ବାମନ ଚରିତ୍ର ଓ କୃଷ୍ଣ ଜନ୍ମ ବ୍ୟାଖ୍ୟା



ବିନିକା.୨୧।୧୧(ପ୍ରତାପ ରୁଦ୍ର କର୍ଣ୍ଣ) ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠି ଗ୍ରାମର ଉପରପଡ଼ା ପୂଜାମଣ୍ଡପରେ ଚାଲିଥିବା ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣର ଚତୁର୍ଥ ଦିନ ଶନିବାର ବଳିବାମନ ଚରିତ୍ର ଓ କୃଷ୍ଣ ଜନ୍ମ ପ୍ରସଙ୍ଗ ଉପରେ ବିସ୍ତୃତ ବ୍ୟାଖ୍ୟା କରାଯାଇଛି। ବ୍ୟାସ ଅଭିଷେକ ମିଶ୍ର (ସିକୁନ) ଉଭୟ ପ୍ରସଙ୍ଗକୁ ସରଳ ଓ ହୃଦୟସ୍ପର୍ଶୀ ଭାଷାରେ ଶ୍ରୋତାମାନଙ୍କୁ ବୁଝାଇଥିଲେ। ପରାୟଣରେ ବ୍ୟାସ ଶ୍ରୀ ମିଶ୍ର କହିଥିଲେ ଦାନବୀର ରାଜା ବଳିଙ୍କ ଗର୍ବ ଭାଙ୍ଗିବା ପାଇଁ ଭଗବାନ ବିଷ୍ଣୁ ବାମନ ରୂପ ଧାରଣ କରି ତିନି ପାଦ ଭୂମି ଦାନ ମାଗିଥିଲେ। ଗୋଟିଏ ପାଦରେ ସ୍ୱର୍ଗ,ଆଉ ଗୋଟିଏ ପାଦରେ ମର୍ତ୍ତ୍ୟ ମାପି ତୃତୀୟ ପାଦ ବଳିଙ୍କ ମସ୍ତକରେ ରଖିଥିଲେ। ବଳିଙ୍କ ଦାନ,ତ୍ୟାଗ ଓ ଭକ୍ତିରେ ସନ୍ତୁଷ୍ଟ ହୋଇ ଭଗବାନ ତାଙ୍କୁ ସୁତଳ ଲୋକର ଅଧିପତି କରିଥିଲେ। ଏହା ପ୍ରମାଣିତ କରେ ଯେ, ଭଗବାନଙ୍କ ପାଖରେ ଅହଙ୍କାର ନୁହେଁ,ଭକ୍ତି ଓ ସମର୍ପଣ ହିଁ ବଡ଼।ଏହା ପରେ କୃଷ୍ଣ ଜନ୍ମ ପ୍ରସଙ୍ଗ ବର୍ଣ୍ଣନା କରାଯାଇଥିଲା। କଂସ କାରାଗାରରେ ମଧ୍ୟରାତ୍ରିରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ହେବା ମାତ୍ରେ ମଞ୍ଚପରେ ହରିବୋଲ୍? ଧ୍ୱନିରେ କମ୍ପି ଉଠିଥିଲା। ବସୁଦେବ ନବଜାତ ଶିଶୁଙ୍କୁ ଧରି ଯମୁନା ପାର ହୋଇ ଗୋକୁଳରେ ନନ୍ଦ-ଯଶୋଦାଙ୍କ ପାଖରେ ରଖିବା କଥା ଶୁଣି ଶ୍ରୋତାମାନେ

ରୁଫ୍‌ଟପ୍ ସୋଲାର ପ୍ରୋତ୍ସାହନ ପାଇଁ
୩୮୪ ପଞ୍ଚାୟତ ଓ ପୌରସଂସ୍ଥାକୁ ୨୦.୦୩ ଲକ୍ଷ ଟଙ୍କା



ବୁର୍ଲା, ୨୧।୧୧(ନିପ୍ର) ପଶ୍ଚିମ ଓଡ଼ିଶା ରେ ସୌରଶକ୍ତିର ବ୍ୟବହାରକୁ ଅଧିକ ଲୋକାଭିମୁଖୀ କରିବା ସହ ରୁଫ୍‌ଟପ୍ ସୋଲାର ସ୍ଥାପନ ପାଇଁ ଜନ ସାଧାରଣ ଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିନବ ପଦକ୍ଷେପ ନିଆଯାଇଛି।ଏହି କ୍ରମରେ ୨୦୨୪/୨୫ ଆର୍ଥିକ ବର୍ଷରେ ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାର ୩୮୪ଟି ଗ୍ରାମ ପଞ୍ଚାୟତ ଓ ପୌରସଂସ୍ଥାକୁ ମୋଟ ୨୦.୦୩ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରା ଯାଇଛି। କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁର ଅର୍ଥରୁ ଏହି ରାଶି ପ୍ରଦାନ କରାଯାଇଛି। ଏହି ଯୋଜନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ପ୍ରତିଟି ଘରୋଇ ରୁଫ୍‌ଟପ୍ ସୋଲାର ସ୍ଥାପନ ପାଇଁ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଓ ପୌରସଂସ୍ଥାକୁ ୧ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ଦିଆଯାଉଛି। ଏଥିଦ୍ୱାରା ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ନିଜ ଅଞ୍ଚଳରେ ସୋଲାର ଶକ୍ତି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଅଧିକରୁ ଅଧିକ ପରିବାରଙ୍କୁ ଏହି ବ୍ୟବସ୍ଥାରେ ସାମିଲ କରିବାକୁ ଉତ୍ସାହିତ ହେବେ। ଏହି ପଦକ୍ଷେପ ଅଧୀନରେ ୨ ହଜାରରୁ ଅଧିକ ଘରେ ସୋଲାର ବ୍ୟବସ୍ଥା ସ୍ଥାପନ ହୋଇଛି।ଜିଲ୍ଲାୱାରୀ ପ୍ରୋତ୍ସାହନ ରାଶି ବଣ୍ଟନ ରେ ସୁନ୍ଦରଗଡ଼ ଜିଲ୍ଲା ଆଗରେ ରହିଛି। ଏହି ଜିଲ୍ଲାର ୭୭ଟି ଗ୍ରାମ ପଞ୍ଚାୟତକୁ ୪.୯୨ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ବରଗଡ଼ ଜିଲ୍ଲାର ୭୧ଟି ପଞ୍ଚାୟତକୁ ୨.୭୧ ଲକ୍ଷ ଏବଂ ବଲାଙ୍ଗୀର ଜିଲ୍ଲାର ୪୭ଟି ପଞ୍ଚାୟତକୁ ୨.୪୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଅବଶିଷ୍ଟ ଅର୍ଥ ସମ୍ବଲପୁର, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସୋନପୁର ଓ ଦେବଗଡ଼ ଜିଲ୍ଲାର ଯୋଗ୍ୟ ସଂସ୍ଥାଗୁଡ଼ିକୁ ଦିଆଯାଇଛି। ୨୦୨୫/୨୬ ଆର୍ଥିକ ବର୍ଷରେ ହୋଇଥିବା ଯୋଗ୍ୟ ସୋଲାର ସ୍ଥାପନ ପାଇଁ ମନ୍ତ୍ରଣାଳୟରୁ ଅର୍ଥ ମଞ୍ଜୁର ହେବା ପରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଅନ୍ୟ ପକ୍ଷରେ, ନଭେମ୍ବର ୨୦ ତାରିଖ ସୁଦ୍ଧା ଟିପିଡବ୍ଲ୍ୟୁଓଡିଏଲ୍ ନିଜ କାର୍ଯ୍ୟ କ୍ଷେତ୍ରରେ ମୋଟ ୭୯,୮୧୭ଟି ରୁଫ୍‌ଟପ୍ ସୋଲାର ସ୍ଥାପନ ରେ ସହଯୋଗ କରିଛି। ଏଥିମଧ୍ୟରୁ ୩୬,୪୩୫ଟି ସ୍ଥାପନ ୟୁଟିଲିଟି ଲେଡ୍ ଆଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ୍‌ରେ ହୋଇଛି। ଏହି ମଡେଲ୍‌ରେ ଯୋଗ୍ୟ ପରିବାର ମାତ୍ର ୧,୮୭୫ ଟଙ୍କା ନିଜସ୍ୱ ଅଂଶଦାନ ଦେଇ ୧ କିଲୋୱାଟ୍ କ୍ଷମତାବିଶିଷ୍ଟ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା ସ୍ଥାପନ କରିପାରୁଛନ୍ତି। ଫଳରେ ଗ୍ରାମାଞ୍ଚଳର ପରିବାରଗୁଡ଼ିକ ମଧ୍ୟ ସୁଲଭ ମୂଲ୍ୟରେ ସ୍ୱଚ୍ଛ ଶକ୍ତିର ସୁବିଧା ପାଇପାରୁଛନ୍ତି। ରୁଫ୍‌ଟପ୍ ସୋଲାର ସ୍ଥାପନ କ୍ଷେତ୍ରରେ ଓଡ଼ିଶାର ଚାରିଟି ବିଦ୍ୟୁତ୍ ବଣ୍ଟନ କମ୍ପାନୀ ମଧ୍ୟରେ ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱିତୀୟ ସ୍ଥାନ ହାସଲ କରିଛି। ସେହିପରି ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା ଅଧୀନରେ ଜାତୀୟ ସ୍ତରରେ ଓଡ଼ିଶା ସପ୍ତମ ସ୍ଥାନରେ ରହିଛି। ବ୍ୟାପକ ସୋଲାର ସ୍ଥାପନ ସହ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକର ସହଯୋଗ ଏହି ଅଭିଯାନକୁ ଆହୁରି ଆଗକୁ ନେବ ବୋଲି କମ୍ପାନୀ ଆଶାବ୍ୟକ୍ତ କରିଛି।ରୁଫ୍‌ଟପ୍ ସୋଲାର ସ୍ଥାପନ ପାଇଁ ଆଗ୍ରହୀ ଗ୍ରାହକମାନେ ଯୋଗ୍ୟତା ଓ ସ୍ଥାପନ ସମ୍ପର୍କିତ ମାର୍ଗଦର୍ଶନ ନିମନ୍ତେ ନିକଟସ୍ଥ ଟିପିଡବ୍ଲ୍ୟୁଓଡିଏଲ୍ ସେକ୍ସନ୍ କାର୍ଯ୍ୟାଳୟ କିମ୍ବା କମ୍ପାନୀର ସୋଲାର ସେଲ୍ ନମ୍ବର ୯୦୭୮୬୨୮୯୪ ରେ ଯୋଗା ଯୋଗ କରିପାରିବେ।

ହାଇଟେକ୍‌ରେ ୪୫ ଗ୍ରହଣଖଣ୍ଡିଆ ଶିଶୁଙ୍କ ଅସ୍ତ୍ରୋପଚାର



ଭୁବନେଶ୍ୱର,୨୧।୧୧(ନିପ୍ର) ହାଇଟେକ୍ ଡେଣ୍ଟାଲ କଲେଜ ଓ ହସପିଟାଲ ପରିସରରେ ନିଖୁଣ୍ଟ ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପଚାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ୪ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୪୫ରୁ ଅଧିକ ଶିଶୁଙ୍କ ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପଚାର କରାଯିବ, ମିଶନ ସ୍ମାଇଲ ଓ ମୁଥହୁଟ୍ ଫିନକ୍ରପ ଫାଉଣ୍ଡେସନର ସହଯୋଗରେ ହାଇଟେକ୍ ଡେଣ୍ଟାଲ କଲେଜରେ ବିଗତ ୪ବର୍ଷ ହେଲା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇ ଆସୁଛି ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ମିଶନ ସ୍ମାଇଲ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଗତ ୧୩ବର୍ଷ ମଧ୍ୟରେ ୫୩ହଜାରରୁ ଅଧିକ ଶିଶୁଙ୍କ ଅସ୍ତ୍ରୋପଚାର କରାଯାଇଥିବା ବେଳେ, ହାଇଟେକ୍ ଡେଣ୍ଟାଲ କଲେଜ ଓ ହସପିଟାଲରେ ୩ହଜାରରୁ ଅଧିକ ଅସ୍ତ୍ରୋପଚାର କରାଯାଇଛି ଯାହା କି ରାଜ୍ୟରେ ପ୍ରଥମ । ଏହି କାର୍ଯ୍ୟକ୍ରମରେ ସାରା ଓଡିଶାରୁ ଗ୍ରହଣ ଖଣ୍ଡିଆ ଥିବା ଶିଶୁଙ୍କ ସହ ସେମାନଙ୍କ ପରିବାର ଲୋକଙ୍କ ଯାତାୟତ,ଖାଦ୍ୟ, ରହଣୀ ଖର୍ଚ୍ଚ ସହ ସଂପୂର୍ଣ୍ଣ ଅସ୍ତ୍ରୋପଚାର ମାଗଣାରେ କରାଯାଉଛି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇଥିବା ବେଳେ, ସମ୍ମାନୀତ ଅତିଥି ଭାବେ ହାଇଟେକ୍ ମେଡିକାଲ୍ କଲେଜ ଓ ହସପିଟାଲର ପ୍ରାଶାସନିକ ନିର୍ଦ୍ଦେଶକ ତଥା ଅଧିକ୍ଷକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ଯୋଗଦେଇ କହିଥିଲେ ଯେ, ହାଇଟେକ୍ ଡେଣ୍ଟାଲ କଲେଜର ଏହି ପ୍ରୟାସ ଆସନ୍ତାଦିନ ରେ ମଧ୍ୟ ଜାରି ରହିବ, ଛୋଟଛୋଟ ପିଲାଙ୍କ ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପଚାର କରି ସେମାନଙ୍କ ପରିବାର ମୁହଁରେ ହସ ଫୁଟାଇବା ନିଶ୍ଚିତ ରୂପେ ଏକ ମହାନ କାର୍ଯ୍ୟ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହାଇଟେକ୍ ଡେଣ୍ଟାଲ କଲେଜର ଡିନ୍ ପ୍ରଫେସର ଡାକ୍ତର ସୁବାସ ନାୟକ, ସିଇଓ ଇଶା ଝୁନେଜା, ମୁଥୁହୁଟ୍ ଫିନକ୍ରପ ଫାଉଣ୍ଡେସନର ସିଏସଆର ମୁଖ୍ୟ ଡକ୍ଟର ପ୍ରଶାନ୍ତ କୁମାର ନିଲେକାଲ, ମିଶନ ସ୍ମାଇଲ ସଂସ୍ଥାର ସିଇଓ କର୍ଣ୍ଣଡ ଡେନିସ୍ ପ୍ରମୁଖ ଯୋଗଦେଇଥିଲେ।

ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ



ଦେବଗଡ଼,୨୧।୧୧(ନିପ୍ର): ଉତ୍କଳ କେଶରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୭ ତମ ଜୟନ୍ତୀ ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ତାଳକୁଣ୍ଡି ଉଚ୍ଚ ବିଦ୍ୟାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ତରୁଣ କୁମାର ସାହୁଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ତାଳକୁଣ୍ଡି ଗ୍ରାମପଞ୍ଚାୟତର ସରପଞ୍ଚ ଅମାରସେନ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରହ୍ଲାଦ ସାହୁ, ବରିଷ୍ଠ ସାମ୍ବାଦିକ ସୁଶୀଲ କୁମାର ଦାଶ, ଶିକ୍ଷକ ଗିରିଧାରୀ ସାହୁ, ସାମ୍ବାଦିକ ନୀଳମାଧ ପ୍ରଧାନ, ଶିକ୍ଷୟିତ୍ରୀ ସୁଭଦ୍ରା ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ହେମ୍ବ୍ରମ ସ୍ୱର୍ଗତ ମହତାବଙ୍କ ସ୍ମୃତି ଚାରଣ କରିଥିଲେ ଓ ଅତିଥିଗଣ ମହତାବଙ୍କ ଓଡିଶା ପ୍ରତି ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭଲ ବକ୍ତୃତା ପ୍ରଦାନ କରିଥିବା ବିଦ୍ୟାଳୟର ତିନି ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ଛବିଳ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ପିଏମ୍‌ଏୱାଇ ଟଙ୍କା ମଞ୍ଜୁର କରାଇଦେବାକୁ ଲାଞ୍ଚ ଭିଜିଲାନ୍ସ ଜାଲରେ ଜୁନାଗଡ଼ ଏନ୍‌ଏସି କର୍ମଚାରୀ



ଧର୍ମଗଡ଼, ୨୧/୧୧ (ନିପ୍ର): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଏନ୍‌ଏସିର ଏମ୍‌ଆଇଏସ୍ ପ୍ରୋଗ୍ରାମର ପ୍ରଦ୍ୟୁମ୍ନ କୁମାର ଦାସ ୭ ହଜାର ଟଙ୍କା ଲାଞ୍ଚ ନେବାବେଳେ ଓଡ଼ିଶା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।ସୂଚନା ଅନୁସାରେ, ପିଏମ୍‌ଏୱାଇ ଯୋଜନାରେ ଜଣେ ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେଥିମଧ୍ୟରୁ ୧ ଲକ୍ଷ ୬୦ ହଜାର ଟଙ୍କା ହିତାଧିକାରୀଙ୍କ ଖାତାକୁ ଆସିଥିବାବେଳେ ବାକି ୪୦ ହଜାର ଟଙ୍କା ମୁକ୍ତ କରାଇଦେବା ପାଇଁ ଅଭିଯୁକ୍ତ ଦାସ ୭ ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା।ଏପରିକି ଲାଞ୍ଚ ନଦେଲେ ବାକି ଟଙ୍କା ମୁକ୍ତ କରିବା ପ୍ରକ୍ରିୟା କରାଇଦେବେ ନାହିଁ ବୋଲି ସେ ଧମକ ଦେଇଥିବା ହିତାଧିକାରୀ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଏହାପରେ ଭିଜିଲାନ୍ସ ଟିମ୍ ଯୋଜନାବଦ୍ଧ ଭାବେ ଚଢ଼ାଉ କରି ଆଜି ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଦାସଙ୍କୁ ଧରିଥିଲା। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି।ଏହି ଘଟଣା ପରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଦିଗରୁ ଅଭିଯୁକ୍ତଙ୍କ ସହ ସମ୍ପୃକ୍ତ ଦୁଇଟି ସ୍ଥାନରେ ଏକକାଳୀନ ତଲାସି ଜାରି ରହିଛି। ଏନେଇ କୋରାପୁଟ ଭିଜିଲାନ୍ସ ଥାନାରେ କେସ୍ ନଂ ୨୮/୨୦୨୬ ଏବଂ ଦୁର୍ନୀତି ନିବାରଣ ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି।

ବାଲ ବୈଜ୍ଞାନିକ ପ୍ରଦର୍ଶନୀକୁ ନେଇ ପ୍ରସ୍ତୁତି ବୈଠକ



ଜି.ଉଦୟଗିରି,୨୧।୧୧(ନିପ୍ର)ଜି.ଉଦୟଗିରି ବ୍ଲକ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ପରିସରରେ ଆସନ୍ତା ଦିନରେ ହେବାକୁ ଥିବା ବାଲ ବୈଜ୍ଞାନିକ ପ୍ରଦର୍ଶନୀ କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଅଛି।ଏହା ଆସନ୍ତା ୨୬ ତାରିଖ ଦିନ ସ୍ଥାନୀୟ ପି.ଏମ୍ ଶ୍ରୀ ହବାକ୍ ହାଇସ୍କୁଲ ଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇ ଯାଇଛି ସ୍ଥାନୀୟ ବ୍ଲକର ସମସ୍ତ ଶିକ୍ଷା ଅନୁଷ୍ଠାନର କୁନି ବୈଜ୍ଞାନିକ ମାନେ ଯୋଗ ଦେଇ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିବେ ଏହାର ରୂପ ରେଖା କିପରି ହେବ ସେ ନେଇ ଆଲୋଚନା ହୋଇଥିଲା ବି.ଆ.ସି.ସି. ନିବେଦିତ ପ୍ରଧାନଙ୍କ ଅଧକ୍ଷତାରେ ଏହି ବୈଠକ ରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକର ସମସ୍ତ ସି.ଆ.ସି.ସି ଓ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ।ଶେଷରେ ସି.ଆ.ସି.ସି ପବିତ୍ର ମୋହନ ଜେନା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ

କନ୍ଧମାଳ ଜିଲ୍ଲାରେ ବାତ୍ୟା ସହାୟତା ବଣ୍ଟନ, ୬୨,୮୫୬ ପରିବାର ଉପକୃତ



ଫୁଲବାଣୀ,୨୧।୧.(ନିପ୍ର)କନ୍ଧମାଳ ଜିଲ୍ଲାରେ ଆକ୍‌ଭାନ୍ ବାତ୍ୟା 'ଅର୍ଣ୍ଣବ-୨୦୨୬' କ୍ଷତିଗ୍ରସ୍ତ ପରିବାରଙ୍କୁ ରିଲିଫ୍ ସହାୟତା ବଣ୍ଟନ ଜାରି ରହିଛି। ବାତ୍ୟାର ମୁକାବିଲା ଓ ଜରୁରୀକାଳୀନ ପରିଚାଳନା କାର୍ଯ୍ୟରେ ଜିଲ୍ଲାର ଅଧିକାରୀମାନେ ଗତ ଦୁଇଦିନ ଧରି ବ୍ୟସ୍ତ ରହିଥିବାରୁ ସହାୟତା ବଣ୍ଟନ କାର୍ଯ୍ୟ ସାମୟିକ ଭାବେ ବନ୍ଦ ରହିଥିଲା। ପରିସ୍ଥିତି ସ୍ୱାଭାବିକ ହେବା ପରେ ପୁନର୍ବାର ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି।୨୧ ନଭେମ୍ବର ୨୦୨୬ ସୁଦ୍ଧା ଜିଲ୍ଲାରେ ୫୦ କେଜି ଚାଉଳ ପ୍ରତି ପରିବାର ହିସାବରେ ମୋଟ ୫,୧୮୫ଟି ପରିବାରକୁ ୨,୫୯୨.୫ କ୍ୱିଣ୍ଟାଲ ଚାଉଳ ବଣ୍ଟନ କରାଯାଇଛି। ସେହିପରି ପ୍ରତି ପରିବାରକୁ ୨,୫୦୦ ଟଙ୍କା ହିସାବରେ ମୋଟ ୧,୮୯,୧୨୭ଟି ପରିବାର ପାଇଁ ୪୭ କୋଟି ୨୮ ଲକ୍ଷ ୧୭ ହଜାର ୫୦୦ ଟଙ୍କାର ସହାୟତା ଆକଳନ କରାଯାଇଛି। ଏଥିମଧ୍ୟରୁ ୬୨,୮୫୬ଟି ପରିବାରକୁ ୧୫ କୋଟି ୭୧ ଲକ୍ଷ ୪୦ ହଜାର ଟଙ୍କା ବଣ୍ଟନ କରାଯାଇଛି। ଜିଲ୍ଲାର ସମସ୍ତ ବ୍ଲକ୍ ଓ ସହରାଞ୍ଚଳରେ ଅବଶିଷ୍ଟ ଯୋଗ୍ୟ ପରିବାରଙ୍କୁ ଯଥାଶୀଘ୍ର ସହାୟତା ପହଞ୍ଚାଇବା ସହ ବଣ୍ଟନ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପଞ୍ଚକରେ ଭକ୍ତିମୟ ଟିକାବାଲି ଟୁଙ୍ଗି ମନ୍ଦିରରେ ଲକ୍ଷେ ଆଠ ଦୀପଦାନ ଲକ୍ଷ୍ୟ

ଟିକାବାଲି,୨୧/୧୧ (ନିପ୍ର): ପବିତ୍ର କାର୍ତ୍ତିକ ପଞ୍ଚକର ଦ୍ୱିତୀୟ ଦିବସରେ କନ୍ଧମାଳ ଜିଲ୍ଲା ଟିକାବାଲିର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ଼ ପ୍ରସିଦ୍ଧ ଟୁଙ୍ଗି ମନ୍ଦିରରେ ଲକ୍ଷେ ଆଠ ଦୀପଦାନର ଲକ୍ଷ୍ୟ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶେଷ ଉତ୍ସାହମା' ତାରିଣୀ, ଜଗନ୍ନାଥ, ରଣେଶ୍ୱର, ବରାଳଦେବୀ ଓ ରୁଦ୍ରକାଳୀ ମନ୍ଦିରରେ ଭଜନ, କୀର୍ତ୍ତନ ଓ ପୂଜାର୍ଚ୍ଚନାଭକ୍ତଙ୍କ ଉପସ୍ଥିତି ଓ ଦୀପଦାନର ଆଲୋକରେ ଆଧ୍ୟାତ୍ମିକମୟ ହେଲା ସମଗ୍ର ଟିକାବାଲି ଅଞ୍ଚଳଟିକାବାଲି, ପବିତ୍ର କାର୍ତ୍ତିକ ମାସର ପଞ୍ଚକ ଅବସରରେ କନ୍ଧମାଳ ଜିଲ୍ଲା ଟିକାବାଲି ଅଞ୍ଚଳର ବିଭିନ୍ନ ମନ୍ଦିରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ପଞ୍ଚକର ଦ୍ୱିତୀୟ ଦିବସରେ ଆଜି ଅଞ୍ଚଳର ପ୍ରମୁଖ ଦେବାଳୟଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ସମାଗମ ଦେଖିବାକୁ ମିଳିଛି। ଭୋର ସମୟରୁ ଭକ୍ତମାନେ ମନ୍ଦିରରେ ପହଞ୍ଚି ଦେବଦେବୀଙ୍କ ଦର୍ଶନ, ପୂଜାର୍ଚ୍ଚନା ଏବଂ ଦୀପଦାନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି।ଏହି ଅବସରରେ ଟିକାବାଲିର ପ୍ରସିଦ୍ଧ ଟୁଙ୍ଗି ମନ୍ଦିରରେ ଲକ୍ଷେ ଆଠ (୧,୦୦,୦୦୮) ଦୀପଦାନ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ବିଶେଷ ଆୟୋଜନକୁ ନେଇ ସ୍ଥାନୀୟ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଆଧ୍ୟାତ୍ମିକ ଭାବନା ପରିଲକ୍ଷିତ ହୋଇଛି।ସେହିପରି ଟିକାବାଲିର ମା ତାରିଣୀ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଜଗନ୍ନାଥ ମନ୍ଦିର, ରଣେଶ୍ୱର ମନ୍ଦିର, କୁଡିଲାଗଡ଼ ସ୍ଥିତ ବରାଳଦେବୀ ମନ୍ଦିର, ଲୁହୁରୁମୁଣ୍ଡା ସ୍ଥିତ ରୁଦ୍ରକାଳୀ ମନ୍ଦିର ଏବଂ ଆଖଣ୍ଡଳମଣି ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିଭିନ୍ନ ମନ୍ଦିରରେ ଭଜନ, କୀର୍ତ୍ତନ, ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଦୀପଦାନ ମାଧ୍ୟମରେ ପଞ୍ଚକର ଧାର୍ମିକ ମାହାତ୍ମ୍ୟ ପ୍ରତିଫଳିତ ହୋଇଛି।କାର୍ତ୍ତିକ ମାସର ଏହି ପବିତ୍ର ପଞ୍ଚକ ପାଞ୍ଚଦିନ ଧରି ବିଶେଷ ଧାର୍ମିକ ଓ ଆଧ୍ୟାତ୍ମିକ ମହତ୍ତ୍ୱ ବହନ କରୁଥିବାରୁ ସମଗ୍ର ଅଞ୍ଚଳରେ ଭକ୍ତି ଓ ଶ୍ରଦ୍ଧାର ବାତାବରଣ ଦେଖିବାକୁ ମିଳୁଛି। ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଉପସ୍ଥିତି ଏବଂ ଦୀପଦାନର ଆଲୋକରେ ସମଗ୍ର ଟିକାବାଲି ଅଞ୍ଚଳ ଆଧ୍ୟାତ୍ମିକମୟ ହୋଇଉଠିଛି

ଅଷ୍ଟପ୍ରହରୀ ନାମଯଜ୍ଞ ଓ କଳସ ଶୋଭାଯାତ୍ରା

ବିଜେପୁର ,୨୧/୧୧ (ନିପ୍ର):ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ବଂଜାରୀ ଗ୍ରାମରେ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଉତ୍ସାହର ମାହୋଲ ମଧ୍ୟରେ ଅଷ୍ଟପ୍ରହରୀ ନାମଯଜ୍ଞର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିବାବେଳେ ଶ୍ରଦ୍ଧାଳୁ ଓ ଗ୍ରାମବାସୀଙ୍କ ବ୍ୟାପକ ସମାଗମ ଦେଖିବାକୁ ମିଳିଥିଲା।ନାମଯଜ୍ଞର ଶୁଭାରମ୍ଭ ଅବସରରେ କଳସ ଶୋଭାଯାତ୍ରା ଭକ୍ତି ଓ ଆଧ୍ୟାତ୍ମିକ ଭାବନାର ସହିତ ଆରମ୍ଭ ହୋଇଥିଲା। ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ସାମିଲ ହୋଇ ଭଗବାନଙ୍କ ନାମ ସ୍ମରଣ କରିବା ସହ ଧାର୍ମିକ ଉତ୍ସାହରେ ଗ୍ରାମ ପରିକ୍ରମା କରିଥିଲେ। ଏହାକୁ ନେଇ ଗ୍ରାମର ପରିବେଶ ଆଧ୍ୟାତ୍ମିକତା ଓ ଭକ୍ତିଭାବରେ ପରିପୂର୍ଣ୍ଣ ହୋଇଉଠିଥିଲା। ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ଓ ଶ୍ରଦ୍ଧାଳୁଙ୍କ ଉତ୍ସାହପୂର୍ଣ୍ଣ ଯୋଗଦାନ ଏହି ଧାର୍ମିକ ଆୟୋଜନକୁ ଆହୁରି ଆକର୍ଷଣୀୟ କରିଥିଲା।ଏହି ଅଷ୍ଟପ୍ରହରୀ ନାମଯଜ୍ଞର ମୁଖ୍ୟ କର୍ତ୍ତା ଭାବେ ଗ୍ରାମର ବନମାଳୀ ପ୍ରଧାନଙ୍କ ପୁତ୍ର ହେମନ୍ତ ପଧାନ ଓ ପଦ୍ମାକ୍ଷୀ ପଧାନ ଦାୟିତ୍ୱ ନିର୍ବାହ କରୁଛନ୍ତି। ମୁଖ୍ୟ ପୂଜକ ପଣ

ପୁରୁଷ ଦୃଷ୍ଟିହୀନ ଏସିଆ କପ୍ ଫାଇନାଲ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ସତ୍ତ୍ୱେ

ପାକିସ୍ତାନକୁ ବିଜେତା ଘୋଷଣା, ଭାରତର ଦୃଢ଼ ପ୍ରତିବାଦ



ଢାକା,୨୧।୧୧(ଏଜେନ୍ସି): ବାଂଲାଦେଶର ଢାକାଠାରେ ଆୟୋଜିତ ପୁରୁଷ ଦୃଷ୍ଟିହୀନ ଏସିଆ କପ୍ କ୍ରିକେଟ ଫାଇନାଲ୍ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ୍ ହୋଇଥିବା ସତ୍ତ୍ୱେ ପାକିସ୍ତାନକୁ ବିଜେତା ଘୋଷଣା କରାଯିବାକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି ।ଏହି ନିଷ୍ପତ୍ତିକୁ ତୀବ୍ର ବିରୋଧ କରି ଭାରତୀୟ ଦୃଷ୍ଟିହୀନ କ୍ରିକେଟ୍ ଦଳ ଶୁକ୍ରବାର ଅଚୁଷ୍ଟିତ ପୁରସ୍କାର ବିତରଣ ଉତ୍ସବକୁ ବର୍ଜନ କରିଛି ।ଏହାସହ ବିବାଦର ସମାଧାନ ନହେବା ପର୍ଯ୍ୟନ୍ତ ଭବିଷ୍ୟତରେ ପାକିସ୍ତାନ ବିପକ୍ଷରେ କୌଣସି ମ୍ୟାଚ୍ ନଖେଳିବାକୁ ଭାରତୀୟ ଦଳ ଏବଂ 'କ୍ରିକେଟ୍ ଆସୋସିଏସନ୍ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ' ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନା ଯୋଗ୍ୟ ଯେ ବର୍ଷା କାରଣରୁ ଫାଇନାଲ୍ ମ୍ୟାଚ୍ ଖେଳାଯାଇ ପାରିନଥିଲା। ନିୟମ ଅନୁଯାୟୀ ରିଜର୍ଭ ଡେ' ନଥିଲେ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯିବା କଥା ,କିନ୍ତୁ ମ୍ୟାଚ୍ ରେଫରି ନେଟ୍ ରନ୍ ରେଟ୍ ଆଧାରରେ ପାକିସ୍ତାନକୁ ଚାମ୍ପିଅନ୍ ଘୋଷଣା କରିଥିଲେ । ବିଶ୍ୱ ବ୍ଲାଇଣ୍ଡ କ୍ରିକେଟ୍ ପରିଷଦର ବୈଷୟିକ କମିଟି ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରିବାକୁ ନିଷ୍ପତ୍ତି ନେଇଥିଲା , ମାତ୍ର ଏସିଆ ବ୍ଲାଇଣ୍ଡ କ୍ରିକେଟ୍ ପରିଷଦ ମୁଖ୍ୟ ସୁଲତାନ ଶାହା ଏହି ନିଷ୍ପତ୍ତିକୁ ଓଲଟାଇ ପାକିସ୍ତାନକୁ ବିଜେତା ଘୋଷଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଘଟଣାକୁ ନେଇ ଭାରତୀୟ ବ୍ଲାଇଣ୍ଡ କ୍ରିକେଟ ଆସୋସିଏଶନ ସମ୍ପାଦକ ଶୈଳେନ୍ଦ୍ର କଡ଼ା ଭାଷାରେ ନିନ୍ଦା କରି ଅଭିଯୋଗ କରିଛନ୍ତି ଯେ, ପଡ଼ିଆରେ ଜିତି ନପାରି ପାକିସ୍ତାନ ନିଜ ପ୍ରଭାବ ବିସ୍ତାର କରି ଏବଂ ବାଂଲାଦେଶ ପରିସ୍ଥିତିର ଫାଇଦା ଉଠାଇ ଜୋରଜବରଦସ୍ତ ନିଜକୁ ବିଜେତା ଘୋଷଣା କରିଛି ।ଗୋଟିଏ ବି ବଲ୍ ନଖେଳି ଫାଇନାଲ୍ ଜିତିବା ଅତ୍ୟନ୍ତ ଲଜ୍ଜାଜନକ । ସେ ଆହୁରି ମଧ୍ୟ କହିଛନ୍ତି ଯେ ନେଟ୍ ରନ୍ ରେଟ୍ କେବଳ ଲିଗ୍ ପର୍ଯ୍ୟାୟରେ ପରବର୍ତ୍ତୀ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିବା ପାଇଁ ବ୍ୟବହୃତ ହୁଏ।ଫାଇନାଲ୍ ମ୍ୟାଚର ବିଜେତା ନିର୍ଣ୍ଣୟ ପାଇଁ ନୁହେଁ । କୌଣସି ଦଳ ବା ବ୍ୟକ୍ତି ନିଜ ସ୍ୱାର୍ଥ ପାଇଁ ଖେଳର ନିୟମ ବଦଳାଇ ପାରିବେ ନାହିଁ । ଭାରତୀୟ ଖେଳାଳିମାନେ ମଧ୍ୟ ଏହି ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ ମ୍ୟାଚ୍ ସମୟରେ ହଠାତ୍ ସେମାନଙ୍କୁ ରନ୍ ରେଟ୍ ଆଧାରରେ ପାକିସ୍ତାନ ବିଜେତା ଏବଂ ଭାରତ ରନର୍ସଅପ୍ ହୋଇଥିବା ସୂଚନା ଦିଆଯାଇଥିଲା। ପୂର୍ବରୁ ଅଧିନାୟକଙ୍କ ବୈଠକରେ ଏଭଳି କୌଣସି ନିୟମ ବିଷୟରେ ଆଲୋଚନା ହୋଇନଥିଲା। ଉଲ୍ଲେଖଯୋଗ୍ୟ ଯେ, ୨୦୧୬ରେ ଭାରତ ଏହି ଟୁର୍ଣ୍ଣାମେଣ୍ଟର ବିଜେତା ହୋଇଥିଲା ଏବଂ ଚଳିତ ସଂସ୍କରଣର ସେମି ଫାଇନାଲରେ ବାଂଲାଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ପ୍ରଥମ ଟେଷ୍ଟ

ରାହୁଲଙ୍କ ଶତକ, ଭାରତ ୪/୪୮୬

ୱେଲିଂଟନ,୨୧।୧୧(ଏଜେନ୍ସି): କେ.ଏଲ ରାହୁଲଙ୍କ ଶତକ ,ଅଧିନାୟକ ଶୁବମନ ଗିଲ, ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପଡ଼ିକଲ୍ଲ ଓ ରଷଭ ପନ୍ତଙ୍କ ଅର୍ଦ୍ଧଶତକ ବଳରେ ଭାରତ ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ନିଜ ସ୍ଥିତି ସୁଦୃଢ଼ କରିଛି । ତୃତୀୟ ଦିନ ଖେଳ ଶେଷସୁଦ୍ଧା ଭାରତ ୪ ୱିକେଟ୍ ହରାଇ ୪୮୬ ରନ୍ କରିବା ସହ ୧୧୮ ରନରେ ଅଗ୍ରଣୀ ହାସଲ କରିଛି।

ଭାରତ ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୫୯/୧ରୁ ଶନିବାର ଖେଳି ଆରମ୍ଭ କରିଥିଲା।।ଶୁକ୍ରବାର ଅର୍ଦ୍ଧଶତକ କରି ଅପରାଜିତ ଥିବା କେଏଲ୍ ରାହୁଲ ନିଜ କ୍ୟାରିୟରର ୧୩ତମ ଶତକ ପୂରଣ କରିଥିଲେ।ପୂର୍ବରୁ ଓପନର ଯଶସ୍ୱୀ ଜୟସ୍ୱାଲ(୮୫)ଙ୍କ ସହିତ ବଡ ପାର୍ଟନରଶିପ କରିଥିବା କେ.ଏଲ ରାହୁଲପୁଣି ଦେବଦତ୍ତ ପଡ଼ିକଲ୍ଲଙ୍କ ସହ ୧୬୫ ରନର ଏକ ଭାଗୀଦାର କରି ଭାରତର ସ୍ଥିତିକୁ ଦୃଢ କରିଥିଲେ। ପଡ଼ିକଲ୍ଲ ୮୦ ରନର ଏକ ଲଢୁଆ ପାଳି ଖେଳି କାଇଲ୍ ଜେମିସନ୍ଙ୍କ ବଲରେ ଆଉଟ ହୋଇଥିଲେ।ଏହା ପରେ ରାହୁଲ ଓ ଅଧିନାୟକ ଶୁବମନ ଗିଲଙ୍କ ମଧ୍ୟରେ ୯୧ ରନର ଆଉ ଏକ ଉପଯୋଗୀ ଭାଗୀଦାର ଦେଖିବାକୁ ମିଳିଥିଲା। ରାହୁଲ ୧୩୬ ରନ କରିଥିବା ବେଳେ ଓ ଗିଲ୍ ୯୮ ରନ କରି ଆଉଟ୍ ହେବାସହିତ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ରିଷଭ ପନ୍ତ ୫୫ ଓ ଅଂଶୁଲ କାମ୍ବୋଜ କୌଣସି ରନ ନ କରି ଅପରାଜିତ ଅଛନ୍ତି।

ରାହୁଲଙ୍କ ବିରଳ ଶତକ ଓ ରେକର୍ଡ

ୱେଲିଂଟନ୍: ଭାରତୀୟ କ୍ରିକେଟ ଦଳର ଷ୍ଟାର ବ୍ୟାଟସମ୍ୟାନ୍ କେଏଲ ରାହୁଲ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଏକ ଚମତ୍କାର ଶତକ ହାସଲ କରି ଇତିହାସ ରଚିଛନ୍ତି। ସେ ଏବେ ଓପନର ଭାବେ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ (ସେନା ଦେଶ)ମାଟିରେ ଶତକ ହାସଲ କରିଥିବା ଏସୀୟ ଓପନରଙ୍କ ତାଲିକାରେ ସାମିଲ ହୋଇଛନ୍ତି। ସେନା ଦେଶରେ ଟେଷ୍ଟ କ୍ରିକେଟରେ ଶତକ ହାସଲ କରିବା ଯେକୌଣସି ବିଦେଶୀ ବ୍ୟାଟସମ୍ୟାନ୍ ପାଇଁ ଏକ ପ୍ରମୁଖ ସଫଳତା ବୋଲି ବିବେଚନା କରାଯାଏ। ରାହୁଲ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କର ପ୍ରଥମ ଟେଷ୍ଟରେ ଶତକ ହାସଲ କରି ଏହି ଚ୍ୟାଲେଞ୍ଜ ପୂରଣ କରିଛନ୍ତି। ପୂର୍ବରୁ ମଧ୍ୟ ସେ ସେନା ଦେଶ ରେ ମଧ୍ୟ ଟେଷ୍ଟ ଶତକ ହାସଲ କରିଥିଲେହେଁ ଓପନର ଭାବେ ସେମାନଙ୍କ ଦେଶରେ ଶତକ ହାସଲ କରିବା ଏକ ବିରଳ କୃତିତ୍ୱ। ପାକିସ୍ତାନର ସୟଦ ଅନୱାରଙ୍କ ପରେ କେଏଲ ରାହୁଲ ଦ୍ୱିତୀୟ ଏସୀୟ ଓପନର ଭାବେ ଏହି ସଫଳତା ହାସଲ କରିଛନ୍ତି। ରାହୁଲ ମଧ୍ୟ ଏହି ସଫଳତା ହାସଲ କରିଥିବା ପ୍ରଥମ ଭାରତୀୟ ଓପନର।

ରାଜ୍ୟ ଓ ବାଣିଜ୍ୟ ଖବର

ପିଏମ୍ ସ୍ୱନିଧି ସମ୍ମାନ ପୁରସ୍କାର–୨୦୨୬

ଫାଷ୍ଟେଷ୍ଟ ମୁଭର୍ ବର୍ଗରେ ଓଡ଼ିଶାକୁ ଜାତୀୟ ସମ୍ମାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧।୧୧ (ନି.ପ୍ର): ପିଏମ୍ ସ୍ୱନିଧି ଯୋଜନାର ସଫଳ ରୂପାୟଣ ଓ ଦ୍ରୁତ ଅଗ୍ରଗତି ପାଇଁ 'ବେଷ୍ଟ ପରଫର୍ମିଂ– ଫାଷ୍ଟେଷ୍ଟ ମୁଭର' ବର୍ଗରେ ଓଡ଼ିଶା ତୃତୀୟ ସ୍ଥାନ ହାସଲ କରି ପିଏମ୍ ସ୍ୱନିଧି ସମ୍ମାନ ପୁରସ୍କାର–୨୦୨୬ରେ ଜାତୀୟ ସ୍ତରରେ ସମ୍ମାନିତ ହୋଇଛି। ନୂଆଦିଲ୍ଲୀସ୍ଥିତ ଡକ୍ଟର ଆମ୍ବେଦକର ଇଣ୍ଟରନ୍ୟାସନାଲ୍ ସେଣ୍ଟରରେ ଆୟୋଜିତ ଏହି ସମାରୋହରେ ଭାରତ ସରକାରଙ୍କ ମାନ୍ୟବର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଏବଂ ମାନ୍ୟବର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ ସିଂହ ଏହି ପୁରସ୍କାର ଗ୍ରହଣ କରିଥିଲେ। 'ଷ୍ଟ୍ରିଟ୍ ଭେଣ୍ଡର୍ସ ଟୁ ଷ୍ଟ୍ରିଟ୍ ୱିଣ୍ଡର୍ସ' ବିଷୟବସ୍ତୁକୁ ନେଇ ଏହି ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା।

୧ ସେପ୍ଟେମ୍ବର ୨୦୨୫ରୁ ୩୧ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଯୋଜନାର କାର୍ଯ୍ୟକାରିତା ଆଧାରରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ ବିନା ବନ୍ଧକରେ କାର୍ଯ୍ୟକାରୀ ପୁଞ୍ଜି ଋଣ ଯୋଗାଇବା, ଡିଜିଟାଲ୍ କାରବାରକୁ ପ୍ରୋତ୍ସାହନ ଦେବା ଏବଂ ସେମାନଙ୍କ ପରିବାରକୁ ବିଭିନ୍ନ ସରକାରୀ କଲ୍ୟାଣକାରୀ ଯୋଜନା ସହ ଯୋଡ଼ିବା କ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି ଏହି ସଫଳତାର ପ୍ରତିଫଳନ। ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ 'ଷ୍ଟ୍ରିଟ୍ ୱିଣ୍ଡର୍ସ' ଭାବେ ଅଭିହିତ କରି କେନ୍ଦ୍ରମନ୍ତ୍ରୀ ମନୋହର ଲାଲ ସେମାନଙ୍କ ଉଦ୍ୟମଶୀଳତା ଓ ସଂଘର୍ଷମୟ ଜୀବନଯାତ୍ରାର ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ତ୍ୟୋଦୟର ଲକ୍ଷ୍ୟ ମାଧ୍ୟମରେ ବିକଶିତ ଭାରତ ୨୦୪୭ର ସ୍ୱପ୍ନ ସେତେବେଳେ ସାକାର ହେବ, ଯେତେବେଳେ ପିଏମ୍ ସ୍ୱନିଧି ଯୋଜନା ପ୍ରତ୍ୟେକ ଯୋଗ୍ୟ ରାସ୍ତାକଡ଼ ବ୍ୟବସାୟୀଙ୍କ ପାଖରେ ପହଞ୍ଚିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ସଫଳତା ସମ୍ପର୍କରେ ମତବ୍ୟକ୍ତ କରି ଓଡ଼ିଶାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଏହି ଜାତୀୟ ସମ୍ମାନ ଓଡ଼ିଶାର ପରିଶ୍ରମୀ ରାସ୍ତାକଡ଼ ବ୍ୟବସାୟୀମାନଙ୍କ ନିଷ୍ଠା ଓ ସଂଘର୍ଷର ସ୍ୱୀକୃତି। ଆମର ଲକ୍ଷ୍ୟ କେବଳ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ନୁହେଁ, ବରଂ ସେମାନଙ୍କୁ ଆତ୍ମନିର୍ଭର କରିବା, ଆର୍ଥିକ ଭାବେ ସଶକ୍ତ କରିବା ଏବଂ ସମ୍ମାନର ସହ ଜୀବିକା ନିର୍ବାହ ପାଇଁ ସୁଯୋଗ ସୃଷ୍ଟି କରିବା। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ୟୁଏଲଡ଼ି, ବ୍ୟାଙ୍କ ଓ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଏହି ଦିଗରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଯୋଗାଇଛି। ଆଗାମୀ ଦିନରେ ପ୍ରତ୍ୟେକ ଯୋଗ୍ୟ ରାସ୍ତାକଡ଼ ବ୍ୟବସାୟୀଙ୍କ ନିକଟରେ ଏହି ଯୋଜନାର ସୁବିଧା ପହଞ୍ଚାଇ ସେମାନଙ୍କ ଜୀବନ ଓ ଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଆମର ପ୍ରାଥମିକତା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ଏହି ପୁରସ୍କାର ଟିମ୍ ଅର୍ବାନ୍ ଓଡ଼ିଶାର କ୍ଷେତ୍ରସ୍ତରୀୟ ପ୍ରୟାସର ସ୍ୱୀକୃତି। ଆମର ୟୁଏଲଡ଼ିଗୁଡ଼ିକ ବ୍ୟାଙ୍କ ସହ ସମନ୍ୱୟ ରକ୍ଷା କରି ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ କାର୍ଯ୍ୟକାରୀ ପୁଞ୍ଜି ଋଣ ପାଇଁ ଆବେଦନ, ଡିଜିଟାଲ୍ ପେମେଣ୍ଟ ଗ୍ରହଣ ଏବଂ ସେମାନଙ୍କ ପରିବାରକୁ କଲ୍ୟାଣକାରୀ ଯୋଜନା ସହ ଯୋଡ଼ିବାରେ ସହାୟତା କରିଛନ୍ତି। ଅଧିକରୁ ଅଧିକ ବ୍ୟବସାୟୀ ଯେପରି ନିଜ ବ୍ୟବସାୟକୁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ାଇପାରିବେ ସେଥିପାଇଁ ଆମେ ପ୍ରତିବଦ୍ଧ।

୧ ଜୁନ୍ ୨୦୨୦ରେ ଆରମ୍ଭ ହୋଇଥିବା ପିଏମ୍ ସ୍ୱନିଧି ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ପ୍ରାୟ ୮୧ ଲକ୍ଷ ରାସ୍ତାକଡ଼ ବ୍ୟବସାୟୀ ୧.୨୧ କୋଟିରୁ ଅଧିକ ଋଣ ମଞ୍ଜୁର କରାଇଛନ୍ତି, ଯାହାର ମୋଟ ମୂଲ୍ୟ ପ୍ରାୟ ୨୦,୦୦୦ କୋଟି ଟଙ୍କାଛ ଯୋଜନାର ପୁନର୍ଗଠନ ପରେ ପ୍ରଥମ ବର୍ଷରେ ପ୍ରାୟ ୨୨ ଲକ୍ଷ ଋଣ ମାଧ୍ୟମରେ ୬,୨୯୪ କୋଟି ଟଙ୍କା ବଣ୍ଟନ କରାଯାଇଛି। ଏଥିରେ ୧୦.୬ ଲକ୍ଷ ନୂତନ ହିତାଧିକାରୀ ସାମିଲ ହୋଇଛନ୍ତି। ଏହାସହ ଯୋଗ୍ୟ ବ୍ୟବସାୟୀମାନଙ୍କ ପାଇଁ ସର୍ବାଧିକ ୩୦,୦୦୦ ଟଙ୍କା ସୀମା ବିଶିଷ୍ଟ ୟୁପିଆଇ ସଂଯୁକ୍ତ ରୂପେ କ୍ରେଡିଟ୍ କାର୍ଡର ସୁବିଧା ମଧ୍ୟ ଉପଲବ୍ଧ କରାଯାଇଛି।

ଶ୍ରୀ ଜଗନ୍ନାଥ ଜିଉଙ୍କ ମନ୍ଦିର ପ୍ରାଙ୍ଗଣରେ ରାସ ଉତ୍ସବ



ଦଶପଲ୍ଲା,୨୧।୧୧(ନି.ପ୍ର): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ମଧ୍ୟଖଣ୍ଡ ଗ୍ରାମର ଶ୍ରୀ ଜଗନ୍ନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଖୁବ୍ ଧୁମ୍ ଧାମରେ ରାସ ଉତ୍ସବ ପାଳିତ ହେଉଅଛି। ଓଡିଆରେ ଅନୁବାଦ ଅଛି ଯେ ବାର ମାସରେ ତେର ପରବ। କାର୍ତ୍ତିକ ମାସଟି ହେଉଛି ପବିତ୍ର ମାସ। ଏହି ମାସରେ ରାସ ପୂର୍ଣ୍ଣିମା ଶେଷ ପାଞ୍ଚ ଦିନ ଧରି ମଧ୍ୟଖଣ୍ଡ ଗ୍ରାମର ଶ୍ରୀ ଜଗନ୍ନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଆଜକୁ ଅନେକ ବର୍ଷ ଧରି ଏହି ରାସ ଉତ୍ସବ ପର୍ବ ପାଳନ କରାଯାଉଅଛି। ଏହି ବର୍ଷ ମଧ୍ୟ ପାଳନ କରାଯାଉଛି। ପ୍ରତ୍ୟେକ ରାତ୍ରୀରେ ବିଭିନ୍ନ ସାମାଜିକ ନାଟକ, ଲୋକନୃତ୍ୟ, ମଡର୍ଣ୍ଣ ନାଚ, ଡୁଆରି, ପାରାୟଣ ଆଦି ପରିବେଷଣ କରାଯାଏ। ତେବେ ଏ ବର୍ଷ ସ୍ୱପ୍ନେଶ୍ୱର ମହାଦେବ ଯୁବ ନାଟ୍ୟ ସଂସଦ ଏବଂ ମା ପାଟଗଣା ଯୁବ ନାଟ୍ୟ ସଂସଦ ପକ୍ଷରୁ ଆଖିଏ ଲୁହକୁ ଛାତିଏ କୋହ ଆଦି ସାମାଜିକ ନାଟକ ମଞ୍ଚସ୍ଥ ହେବାକୁ ଯାଉଛି। ତେବେ ସମସ୍ତ ଯାତ୍ରା କମିଟି ସଦସ୍ୟ ତଥା ଅନ୍ୟ ଗ୍ରାମବାସୀ ବୃନ୍ଦଙ୍କ ଦ୍ୱାରା ଯାତ୍ରା ସମ୍ପାଦିତ ହୋଇଚାଲିଛି।

ଇଣ୍ଡିଆନ ବ୍ୟାଙ୍କ ୨୦୪ତମ ଶାଖାର କାର୍ଯ୍ୟାରମ୍ଭ



ଭୁବନେଶ୍ୱର, ୨୧।୧୧ (ନି.ପ୍ର): ଓଡ଼ିଶାରେ ନିଜର ବ୍ୟାଙ୍କିଂ ନେଟୱର୍କକୁ ଆହୁରି ସୁଦୃଢ଼ କରି ଇଣ୍ଡିଆନ୍ ବ୍ୟାଙ୍କ ର ଘୁ ନ । ଥ ପୁ ର , ଭୁବନେଶ୍ୱରଠାରେ ନିଜର ୨୦୪ତମ ଶାଖାର କାର୍ଯ୍ୟାରମ୍ଭ କରିଛି। ଭୁବନେଶ୍ୱରର ଦ୍ରୁତ ବିକାଶଶୀଳ ଅଞ୍ଚଳଗୁଡ଼ିକରେ ଉତ୍ତମ ଓ ସୁବିଧାଜନକ ବ୍ୟାଙ୍କିଂ ସେବା ଯୋଗାଇଦେବା ଲକ୍ଷ୍ୟରେ ବ୍ୟାଙ୍କର ସମ୍ପ୍ରସାରଣ ଯୋଜନାର ଏହା ଏକ ଅଂଶ। ଏହି ଅବସରରେ ବ୍ୟାଙ୍କର ଜୋନାଲ୍ ମ୍ୟାନେଜର ସୁମନ କୁମାର କହିଥିଲେ ଯେ, ରଘୁନାଥପୁର ଶାଖା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉତ୍ତମ ବ୍ୟାଙ୍କିଂ ସେବା ଯୋଗାଇଦେବା ପାଇଁ ସର୍ବଦା ପ୍ରୟାସ କରିବ। ଏଥିସହ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ବ୍ୟାଙ୍କ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ଜାରି ରଖିବ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଉପ-ଜୋନାଲ୍ ମ୍ୟାନେଜର ସନ୍ତୋଷ କୁମାର ମହାରଣା ଏବଂ ଶାଖା ପରିଚାଳକ ଦେବାର୍ଚ୍ଚନ ମହାନ୍ତି ଉପସ୍ଥିତ ଥିଲେ। ଏହି ନୂତନ ଶାଖାର କାର୍ଯ୍ୟାରମ୍ଭ ଫଳରେ ରଘୁନାଥପୁର ଓ ଏହାର ଆଖପାଖ ଅଞ୍ଚଳର ବାସିନ୍ଦା ତଥା ବ୍ୟବସାୟୀମାନେ ଅଧିକ ସୁବିଧାଜନକ ଭାବେ ବ୍ୟାଙ୍କିଂ ସେବା ପାଇପାରିବେ।

ବର୍ଷାରେ ଭିଜି ସୁରକ୍ଷିତ ସ୍ଥାନକୁ ଆଣିଲେ ରୀତା



ଅସ୍ତରଙ୍ଗ,୨୧।୧୧(ନି.ପ୍ର): ବାତ୍ୟା ଅକଓ୍ୱାନ ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ସେମିତି ଗୋଟିଏ ଦୃଶ୍ୟ ଦେଖିବାକୁ ମିଳିଲା, ଯାହା ସମସ୍ତଙ୍କ ଆଖିକୁ ଓଦା କରି ଦେଇଥିଲା। ବର୍ଷାରେ ଭିଜି ଭିଜି ଛତା ଧରି ଜଣେ ପୋଲିସ ଅଧିକାରିଣୀ ବୃଦ୍ଧ ବାପା, ମାଙ୍କୁ ହାତ ଧରି ଘରୁ ବାହାର କରୁଛନ୍ତି। ବୃଦ୍ଧା ମା'ଙ୍କୁ ହାତରେ ଧରି ଗାଡିରେ ବସାଉଛନ୍ତି। ସେ ହେଉଛନ୍ତି ଅସ୍ତରଙ୍ଗ ଥାନା ଅଧିକାରିଣୀ ରୀତା ବେହେରା। ପୋଲିସମାନେ ନିର୍ଦ୍ଦେଶ ଦିଅନ୍ତି, କିନ୍ତୁ ରୀତା ମ୍ୟାଡମ ନିଜେ ପହଞ୍ଚିଲେ ବିପନ୍ନଙ୍କ ନିକଟରେ। ଉପକୂଳ ଗାଁ ଖାଲି କରିବାକୁ ନିର୍ଦ୍ଦେଶ ଆସିବା ପରେ ଅନେକ ଆଶ୍ରୟସ୍ଥଳୀକୁ ଆସିଥିଲେ, କିନ୍ତୁ କିଛି ବୃଦ୍ଧ-ବୃଦ୍ଧା ଚାଲି ପାରୁ ନଥିଲେ। କାହାର ଗୋଡ ଚାଲୁ ନଥିଲା, କାହାର ଦେହ ଭଲ ନଥିଲା। ଘରେ ଏକା ବସି ସେମାନେ ଭଗବାନଙ୍କୁ ଡାକୁଥିଲେ। ସୂଚନା ମିଳିବା ମାତ୍ରେ ରୀତା ମ୍ୟାଡମ ଟିମ୍ ସହ ପହଞ୍ଚିଲେ। କବାଟ ବାଡେଇ ଡାକିଲେ – ବାପା ଆସ, ମା ଆସ, ମୁଁ ଆସିଛି, ଡର ନାହିଁ। ହାତ ଧରି ଉଠାଇଲେ, ସାହସ ଦେଲେ, ଛତା ଧରି ଆଶ୍ରୟସ୍ଥଳୀକୁ ଆଣିଲେ। ଗରମ ଖାଦ୍ୟ, ପାଣି, ଔଷଧ ଦେଇ ମା ଭଳି ଯତ୍ନ ନେଲେ। ଜଣେ ବୃଦ୍ଧା କାନ୍ଦି କହିଲେ – ମୋ ନିଜ ଝିଅ ହୋଇଥିଲେ ବି ଏତେ ଯତ୍ନ ନେଇ ନଥାନ୍ତା। ମ୍ୟାଡମ ହିଁ ମୋ ଝିଅ। ପୋଲିସ କେବଳ ଲାଠି ଧରନ୍ତି ବୋଲି ଲୋକେ ଭାବନ୍ତି, କିନ୍ତୁ ରୀତା ପ୍ରମାଣ କଲେ – ପୋଲିସ ମଧ୍ୟ ମଣିଷର ସେବକ। ସେ ସେବାକୁ ହିଁ ଧର୍ମ ବୋଲି ଭାବିଛନ୍ତି।

ବାତ୍ୟା ପୂର୍ବରୁ ଘର ଘର ବୁଲି ବୃଦ୍ଧ, ଅସହାୟ, ଦିବ୍ୟାଙ୍ଗଙ୍କ ତାଲିକା କରିଥିଲେ, ଯାହା ଫଳରେ ବିପଦ ବେଳେ କେହି ଛାଡି ଯାଇ ନଥିଲେ। ତାଙ୍କ ନେତୃତ୍ୱରେ ଟିମ୍ ଦିନ-ରାତି କାମ କରି ଶହ ଶହ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିଥିଲା। ବର୍ଦ୍ଦି ଭିତରେ ମଧ୍ୟ କୋମଳ ହୃଦୟ ଥାଏ ବୋଲି ସେ ପ୍ରମାଣ କଲେ।

ଦିବଂଗତ ଶିକ୍ଷୟିତ୍ରୀଙ୍କ ସ୍ମୃତିରେ ଶୋକସଭା



ପିପିଲି,୨୧।୧୧(ନି.ପ୍ର): କୁଞ୍ଜର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଆଦର୍ଶ ଶିକ୍ଷୟିତ୍ରୀ କୁନି ଦାସଙ୍କ ୫୯ ବର୍ଷ ବୟସରେ ଅକାଳ ବିୟୋଗ ଘଟିଥିବା ବେଳେ ତାଙ୍କ ଏକାଦଶାହ ଅବସରରେ ଶନିବାର ଜଇଶପାଟଣାସ୍ଥିତ ତାଙ୍କ ନିଜସ୍ୱ ବାସଭବନରେ

୨୩ରେ ଅଯୋଧ୍ୟା–ଜନକପୁର ଟ୍ରେନ୍ ସେବା

ଶୁଭାରମ୍ଭ କରିବେ ମୋଦୀ ଓ ବାଲେନ୍ଦ୍ର ଶାହ

ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଭାରତ ଏବଂ ନେପାଳ ମଧ୍ୟରେ ସଂପର୍କ ଆହୁରି ନିବିଡ଼ ହେବାକୁ ଯାଉଛି । ନଭେମ୍ବର ୨୩ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ମିଳିତ ଭାବରେ ଉତ୍ତର ପ୍ରଦେଶର ଅଯୋଧ୍ୟା ଧାମ ଏବଂ ନେପାଳର ଜନକପୁର ଧାମ ମଧ୍ୟରେ ଏକ ନୂତନ ଏକ୍ସପ୍ରେସ୍ ଟ୍ରେନ୍ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ନୂଆ ରେଳ ସେବା ଦୁଇ ଦେଶର ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରେ ଯାତାୟାତକୁ ଅତ୍ୟନ୍ତ ସୁଗମ କରିବା ସହ ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ। ଏହା ସହିତ ଦକ୍ଷିଣ ଏସିଆରେ ଆଞ୍ଚଳିକ ସହଯୋଗ ବୃଦ୍ଧି ଏବଂ ପଡ଼ୋଶୀ ରାଷ୍ଟ୍ର ସହ





ରେଳ ଯୋଗାଯୋଗ ବିସ୍ତାର କରିବ। ଦିଗରେ ଭାରତର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି କୁହାଯାଉଛି ।

ଏହି ଟ୍ରେନ୍ ଉତ୍ତର ପ୍ରଦେଶ ଏବଂ ବିହାରର ଏକାଧିକ ଗୁରୁତ୍ୱପୂର୍ଣ୍ଣ ସହର ଦେଇ ଗତି କରିବ। ଯାତ୍ରା ପଥରେ ଏହା ଗୋରଖପୁର, ବସ୍ତି, ରକ୍ସୌଲ, ସୀତାମଢ଼ି, ମଧୁବନୀ ଏବଂ ଜୟନଗର ଭଳି ପ୍ରମୁଖ ଷ୍ଟେସନଗୁଡ଼ିକରେ ରହିବ। ଏହାଦ୍ୱାରା ବିଭିନ୍ନ ଜିଲ୍ଲାର ଯାତ୍ରୀ, ତୀର୍ଥଯାତ୍ରୀ, ପର୍ଯ୍ୟଟକ ଏବଂ ସୀମା ଆରପାରିରେ ରହୁଥିବା ନିଜ ପରିବାର ସଦସ୍ୟଙ୍କୁ ଭେଟିବାକୁ ଯାଉଥିବା ଲୋକମାନଙ୍କ ପାଇଁ ଯାତାୟାତ ବେଶ୍ ସହଜ ହୋଇପାରିବ। ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟା ଏବଂ ମାତା ସୀତାଙ୍କ ଜନ୍ମସ୍ଥାନ ଜନକପୁର ଧାମ ମଧ୍ୟରେ ଦୂରତା କମାଇବ ଏହି ଟ୍ରେନ । ଏହି ରେଳ ସଂଯୋଗ ଦ୍ୱାରା ଉଭୟ ଦେଶର ଲୋକଙ୍କ ମଧ୍ୟରେ ସାମାଜିକ ସମ୍ପର୍କ ଆହୁରି ନିବିଡ଼ ହେବ ।

ଭାରତୀୟ ରେଳବାଇ ପକ୍ଷରୁ ନେପାଳ ସହ ରେଳ ଭିତ୍ତିଭୂମିକୁ ମଜଭୁତ କରିବା ପାଇଁ ଅନେକ ପ୍ରକଳ୍ପ ଉପରେ କାର୍ଯ୍ୟ ଜାରି ରହିଛି। ଜୟନଗର–ବିଜଲପୁରା–ବର୍ଦିବାସ ଏବଂ ଯୋଗବାନୀ–ବିରାଟନଗର ରେଳ ଲିଙ୍କ୍ କାମ ପର୍ଯ୍ୟାୟକ୍ରମେ ଆଗେଇ ଚାଲିଛି । ପ୍ରସ୍ତାବିତ ରକ୍ସୌଲ–କାଠମାଣ୍ଡୁ ରେଳ ଲାଇନ୍ ମଧ୍ୟ ଦୁଇ ଦେଶର ଯୋଗାଯୋଗ ବଢ଼ାଇବା ଯୋଜନାର ଏକ ପ୍ରମୁଖ ଅଂଶ। ଭିତ୍ତିଭୂମି ବିକାଶ ବ୍ୟତୀତ ଭାରତ ନେପାଳର ରେଳବାଇ କ୍ଷେତ୍ରର ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ନିରନ୍ତର ସହାୟତା ଯୋଗାଇ ଦେଉଛି। ବିଗତ କିଛି ବର୍ଷ ମଧ୍ୟରେ ନେପାଳ ରେଳବାଇର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଗୁଜରାଟର ଭଦୋଦରା ସ୍ଥିତ ଗତି ଶକ୍ତି ବିଶ୍ୱବିଦ୍ୟାଳୟରେ ଟ୍ରେନ୍ ପରିଚାଳନାର ବିଭିନ୍ନ ଦିଗ ଉପରେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି।

ମଣିପୁରରେ ମଦ ମୃତ୍ୟୁ ସଂଖ୍ୟା ୧୬କୁ ବୃଦ୍ଧି


ମଣିପୁର, ୨୧।୧୧ (ଏଜେନ୍ସି): ମଣିପୁରରେ ଭେଜାଲ ମଦ ପିଇ ୧୬ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ୧୮୦ରୁ ଅଧିକ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଚାଣ୍ଡେଲ ଜିଲ୍ଲାରେ ଘଟିଥିବା ଏହି ଘଟଣାକୁ ନେଇ ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ନଭେମ୍ବର ୧୮ରୁ ୨୦ ତାରିଖ ମଧ୍ୟରେ ଏହି ମୃତ୍ୟୁ ଘଟିଥିବା ସୂଚନା ମିଳିଛି ।

ସୂଚନାନୁଯାୟୀ, ପ୍ରାରମ୍ଭିକ ଭାବେ ୮ ଜଣଙ୍କ ମୃତ୍ୟୁ ନେଇ ଚାଣ୍ଡେଲ ପୋଲିସ ପକ୍ଷରୁ ସ୍ୱଷ୍ଟ କରାଯାଇଥିଲା । ପରେ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇ ୧୬ରେ ପହଞ୍ଚିଥିବା ଜଣାପଡ଼ିଛି। କିଛି ପୀଡ଼ିତଙ୍କର ମୃତ୍ୟୁ ଘରେ ହୋଇଥିବାବେଳେ ଅନ୍ୟ କେତେକଙ୍କର ହସ୍ପିଟାଲକୁ ନେବା ବାଟରେ ଏବଂ ଚାକପିକାରୋଙ୍ଗ କମ୍ୟୁନିଟି ହେଲ୍ଥ ସେଣ୍ଟରରେ ମୃତ୍ୟୁ ହୋଇଛି । ତେବେ ଏହି ଘଟଣାରେ ପିଆଯାଇଥିବା ମଦ ଚାଣ୍ଡେଲରେ ପ୍ରସ୍ତୁତ ହୋଇନଥିବା ପୋଲିସ ସ୍ୱଷ୍ଟ କରିଛି । ମଦ କାକଚିଙ୍ଗ ଜିଲ୍ଲାର ସୁଗାନୁରୁ ଆସିଥିବା ଜଣାପଡ଼ିଛି । ରିପୋର୍ଟ ହୋଇଥିବା ମୃତ୍ୟୁ ମଧ୍ୟରୁ ପାଞ୍ଚଟି ସୁଗାନୁ ପୋଲିସ ଷ୍ଟେସନ ଅଞ୍ଚଳର ବୋଲି କୁହାଯାଇଛି ।

ଅନ୍ୟପଟେ ଏହି ଘଟଣାକୁ ନେଇ ଜିଲ୍ଲା ପ୍ରଶାସନ ଜନସ୍ୱାସ୍ଥ୍ୟ ପରାମର୍ଶ ଜାରି କରିଛି । ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ସ୍ଥାନୀୟ ଭାବେ ପ୍ରସ୍ତୁତ ମଦ କିମ୍ବା ସନ୍ଦିଗ୍ଧ ସ୍ଥାନରୁ କିଣାଯାଇଥିବା ମଦ ପିଇବାକୁ ବାରଣ କରାଯାଇଛି। ମଦ ପିଇବା ପରେ ବାନ୍ତି, ପେଟ ଯନ୍ତ୍ରଣା, ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଦୃଷ୍ଟି ଧୂସର ହେବା କିମ୍ବା ନିଶ୍ୱାସ ନେବାରେ କଷ୍ଟ ଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରୀ ସହାୟତା ନେବାକୁ ପ୍ରଶାସନ ପରାମର୍ଶ ଦେଇଛି ।

ଆନ୍ଧ୍ର ପଞ୍ଚାୟତ ଭୋଟ
ସେକ୍ରେଟାରୀଙ୍କ ମୁଣ୍ଡରେ ଆର୍ଥିକ ବୋଝ

ବିଜୟୱାଡ଼ା,୨୧।୧୧(ଏଜେନ୍ସି): ଆନ୍ଧ୍ର ପ୍ରଦେଶରେ ଗ୍ରାମ ପଞ୍ଚାୟତ ନିର୍ବାଚନ ପରିଚାଳନା ପଞ୍ଚାୟତ ସମ୍ପାଦକଙ୍କ ଉପରେ ଆର୍ଥିକ ବୋଝ ଲଦି ଦେଇଛି। ସରକାର ଓ ରାଜ୍ୟ ନିର୍ବାଚନ



କମିଶନଙ୍କ ଦ୍ୱାରା ପ୍ରଦତ୍ତ ପାଣ୍ଠି ପର୍ଯ୍ୟାପ୍ତ ନ ହେବାରୁ ସମ୍ପାଦକମାନେ ନିଜ ପକେଟରୁ ୫୦ ହଜାରରୁ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ବାଧ ହେଉଛନ୍ତି। ୧୩,୧୬୭ ପଞ୍ଚାୟତରେ ତିନି ପର୍ଯ୍ୟାୟରେ (ନଭେମ୍ବର ୧୬, ୨୧ ଏବଂ ଡିସେମ୍ବର ୨) ମତଦାନ ହେବାକୁ ଯାଉଛି।

ମତଦାନ କେନ୍ଦ୍ରରେ ନିୟୋଜିତ ପୋଲିଂ କର୍ମଚାରୀ, ପୋଲିସ ଓ ଅଧିକାରୀମାନଙ୍କ ପାଇଁ ପାନୀୟ ଜଳ, ଜଳଖିଆ, ଭୋଜନ, ରହିବା ବ୍ୟବସ୍ଥା, ପରିମଳ, ଫ୍ଲଡ୍ ଲାଇଟ୍, ବ୍ୟାରିକେଡ୍ ଏବଂ ରୁଥ୍ ରଙ୍ଗ କରିବା ଇତ୍ୟାଦି ବାବଦରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ପୋଲିଂ କର୍ମଚାରୀମାନେ ମତଦାନର ଗୋଟିଏ ଦିନ ପୂର୍ବରୁ ପହଞ୍ଚି ପ୍ରାୟ ୩୬ ଘଣ୍ଟା କେନ୍ଦ୍ରରେ ରହୁଥିବାରୁ ଖର୍ଚ୍ଚ ଆହୁରି ବଢ଼ିବା ସମ୍ଭାବନା ରହିଛି। ଏତଦ୍‌ଭିନ୍ନ ନାମାଙ୍କନପତ୍ର ଦାଖଲ କେନ୍ଦ୍ରରେ ୬ ଦିନ ଧରି ୧୫ରୁ ଅଧିକ କର୍ମଚାରୀଙ୍କ ଖର୍ଚ୍ଚ ମଧ୍ୟ ସମ୍ପାଦକମାନଙ୍କୁ ବହନ କରିବାକୁ ପଡ଼ିଛି।

ପଞ୍ଚାୟତ ଆକାଉଣ୍ଟରେ ଆବଶ୍ୟକ ପାଣ୍ଠି ନ ଥିବା ଏବଂ ନିର୍ବାଚନ ପାଣ୍ଠି ଠିକ୍ ସମୟରେ ମିଳୁନି ବୋଲି ସମ୍ପାଦକମାନେ ଅଭିଯୋଗ କରିଛନ୍ତି। ଏନ୍‌ଟିଆର ଜିଲ୍ଲାର ଜଣେ ପଞ୍ଚାୟତ ସେକ୍ରେଟାରୀ କହିଛନ୍ତି ଯେ, ନିର୍ବାଚନ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ ସେଥିପାଇଁ ସେମାନେ ନିଜ ହାତରୁ ଖର୍ଚ୍ଚ କରୁଛନ୍ତି। ସରକାର ମଧ୍ୟ ଏହି ମର୍ମରେ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାଭାବ ସମସ୍ୟା ସୃଷ୍ଟି କରୁଥିବାରୁ ସରକାର ତୁରନ୍ତ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଇ ଦେବା ସହ ହାତରୁ ଖର୍ଚ୍ଚ ହୋଇଥିବା ଟଙ୍କା ଫେରସ୍ତ କରିବାକୁ ପଞ୍ଚାୟତ ସମ୍ପାଦକମାନେ ଦାବି କରିଛନ୍ତି।

ଟ୍ରେନ୍‌ରେ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା

ଚେନ୍ନାଇ, ୨୧।୧୧ (ଏଜେନ୍ସି): ତାମିଲନାଡ଼ୁର କନ୍ୟାକୁମାରୀ ଜିଲ୍ଲାରେ ନାଗେରକୋଏଲ ରେଳ ୟାର୍ଡରେ ରଖାଯାଇଥିବା ଏକ ଅବ୍ୟବହୃତ ରେଳ ଡବାରେ ଜଣେ ୫୪ ବର୍ଷୀୟା ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି। ନଭେମ୍ବର ୧୩ ତାରିଖରେ ଏହି ଅପରାଧ ଘଟିଛି। ବଗିଟିକୁ ଅନ୍ୟ ଏକ ଟ୍ରେନ୍‌ରେ ବ୍ୟବହାର କରିବାପାଇଁ ସଫା କରିବା ସମୟରେ ଏଥିରୁ ମହିଳାଙ୍କ ମୃତଦେହ ମିଳିଥିଲା। ମହିଳାଙ୍କ ପରିଚୟ ହଠାତ୍ ଜଣାପଡ଼ିନଥିଲା। ରେଳବାଇ ପୁଲିସ ମହିଳାଙ୍କ ସୁନା ମୁଦିରେ ଥିବା ହଲମାର୍କ ବିବରଣୀରୁ ଏହା ଗୁଜରାଟର ବୋଲି ଜାଣିଥିଲା।



ସେଠାକାର ବିକ୍ରେତାଙ୍କ ସୂଚନା ମୁତାବକ ମୁଦିଟିକୁ ଛତିଶଗଡ଼ର ରାୟପୁରକୁ ଜଣେ ରିଟେଲରଙ୍କ ପାଖକୁ ପଠାଯାଇଥିଲା। ଏହାପରେ ପୁଲିସ ମହିଳାଙ୍କ ପ୍ୟାନ୍ କାର୍ଡ ଏବଂ ସୁନା କିଣିବା ସମୟରେ ସେ ଦେଇଥିବା ମଧ୍ୟପ୍ରଦେଶ ଠିକଣା ପୁଲିସକୁ ମିଳିଥିଲା। ପରିଶେଷରେ ପୁଲିସ ତାଙ୍କ ପରିବାର ସଦସ୍ୟଙ୍କ ନିକଟରେ ପହଞ୍ଚିଥିଲା। ଉକ୍ତ ମହିଳା ଜଣଙ୍କ ଗତ ୩ ମାସରୁ ତାଙ୍କୁ ଘରୁ କୁଆଡ଼େ ଚାଲି ଯାଇଥିଲେ। ସେବେଠାରୁ ସେ ନିଖୋଜ ଥିଲେ। ପୁଲିସ ପୀଡ଼ିତା ମହିଳାଙ୍କୁ ଚିହ୍ନଟ କରିବା ସହ ଏହି ମାମଲାରେ ଅଭିଯୁକ୍ତକୁ ମଧ୍ୟ ୬ ଘଣ୍ଟାର ତଦନ୍ତ ପରେ ଗିରଫ କରିଛି।

ରେଳ ଷ୍ଟେସନ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ ଆଧାରରେ ତଦନ୍ତକାରୀ ଦଳ ୩ ସନ୍ଦିଗ୍ଧଙ୍କ ନିକଟରେ ପହଞ୍ଚିଥିଲେ। ଫୁଟେଜ୍‌ରୁ ଜଣେ ଧଳା ପୋଷାକ ପିନ୍ଧିଥିବା ବ୍ୟକ୍ତି ବଗିରୁ ବାହାରିଥିବା ଦେଖିବାକୁ ମିଳିଥିଲା। ତାକୁ ଜେରା କରିବା ପରେ ସେ ଏହି ଅପରାଧ ଘଟାଇଥିବା ସ୍ୱୀକାର କରିଥିଲା। ପୂର୍ବରୁ ମଧ୍ୟ ସେ ମହିଳାଙ୍କ ସହ ଅସଦାଚରଣ କରିଥିଲା। ତଦନ୍ତକାରୀ ଦଳ କହିଛନ୍ତି, ସେ ମହିଳାଙ୍କୁ ଟ୍ରେନ୍ ବଗିକୁ ନେଇ ତାଙ୍କୁ ବଳପୂର୍ବକ ଦୁଷ୍କର୍ମ କରିବାପରେ ହତ୍ୟା କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଏହି ହତ୍ୟାକାଣ୍ଡରେ କୌଣସି ଅସ୍ତ୍ର ବ୍ୟବହାର କରିନି। ସେ ମହିଳାଙ୍କୁ ନିଜ ହାତରେ ମାରି ଏବଂ ଛାତିକୁ ବାରମ୍ବାର ଗୋଇଠା ମାରି ହତ୍ୟା କରିଛି।

ମୃତଦେହ ନେଇ ଯାଉଥିବା ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ, ୫ ମୃତ

ଲକ୍ଷ୍ନୌ, ୨୧।୧୧ (ଏଜେନ୍ସି): ଉତ୍ତରପ୍ରଦେଶର ବାରାବାଙ୍କୀ ଜିଲ୍ଲାର ପୂର୍ବାଞ୍ଚଳ ଏକ୍ସପ୍ରେସୱେରେ ଶନିବାର ସକାଳେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏକ ଦ୍ରୁତଗାମୀ ପିକଅପ୍ ଗାଡ଼ି ସହ ଆମ୍ବୁଲାନ୍ସର ଧକ୍କା ହେବାରୁ ୫ ଜଣଙ୍କ ମୃତ୍ୟୁ ହୋଇଛି । ଆମ୍ବୁଲାନ୍ସଟି ରାଜସ୍ଥାନର ଜୟପୁରରୁ ଏକ ମୃତଦେହ ନେଇ ପଶ୍ଚିମବଙ୍ଗ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ମୃତକଙ୍କ ମଧ୍ୟରେ ୨ ଜଣ ଡ୍ରାଇଭର ସାମିଲ ରହିଛନ୍ତି ।

ସୂଚନା ଅନୁଯାୟୀ, ଶନିବାର ସକାଳ ପ୍ରାୟ ୬ଟା ୩୦ ମିନିଟ୍ ସମୟରେ ସୁବେହା ଥାନା ଅନ୍ତର୍ଗତ ଗେରାଁୱା ଗାଁ ନିକଟରେ ଦୁର୍ଘଟଣା ଘଟିଛି । ଜୟପୁରରୁ ଅଜିଜୁଲ ହକ୍ ନାମକ ଜଣେ ବ୍ୟକ୍ତିଙ୍କ ମୃତଦେହ ନେଇ ଆମ୍ବୁଲାନ୍ସଟି ପଶ୍ଚିମବଙ୍ଗ ଯାଉଥିଲା । ଆମ୍ବୁଲାନ୍ସରେ ମୃତଦେହ ସହ ପରିବାରର ତିନି ଜଣ ସଦସ୍ୟ ଏବଂ ଦୁଇ ଜଣ ଡ୍ରାଇଭର ଥିଲେ।

ଏହି ସମୟରେ ଏକ ଦ୍ରୁତଗାମୀ ପିକଅପ୍ ଗାଡ଼ି ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲା । ଧକ୍କା ଏତେ ଭୟଙ୍କର ଥିଲା ଯେ, ଆମ୍ବୁଲାନ୍ସରେ ଥିବା ସମସ୍ତ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପୋଲିସ ଓ ୟୁପିଇଡିଏର ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ହାଇଦରଗଡ଼ ସିଏଚ୍‌ସିକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ସମସ୍ତ ୫ ଜଣଙ୍କୁ ମୃତ ଘୋଷଣା କରିଥିଲେ ।



ଦୁର୍ଘଟଣା ପରେ ପୋଲିସ ସମସ୍ତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଅନ୍ୟପଟେ, ଏହି ଦୁର୍ଘଟଣା କିପରି ଘଟିଲା, ସେନେଇ ପୋଲିସ ତଦନ୍ତ ଜାରି ରଖିଛି ।

ଭାରତର ଉତ୍‌ଥାନ ରୋକିବାକୁ ଚୀନ୍‌ର ଚାଲ୍
ଅପରେସନ୍ ସିନ୍ଦୂରରେ ପାକିସ୍ତାନକୁ ସହଯୋଗ

ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ଦେଇ ଭାରତ ଗତବର୍ଷ ପାକିସ୍ତାନ ବିରୋଧରେ 'ଅପରେସନ୍ ସିନ୍ଦୂର' ଆରମ୍ଭ କରିବା ସମୟରେ ଚୀନ୍ ପାକିସ୍ତାନକୁ ସାମରିକ ସମର୍ଥନ କରିଥିଲା । ତେବେ ଏହା ପଛରେ ଚୀନ୍‌ର ଏକ ବଡ଼ ରଣନୀତି ରହିଥିଲା । ଭାରତର ଉତ୍‌ଥାନକୁ ରୋକିବା ସଂକ୍ରାନ୍ତ ଚୀନ୍‌ର ଏକ ବିଶାଳ ରଣନୀତିର ଏହା ଏକ ଅଂଶ ଥିଲା ବୋଲି ଆମେରିକା ସଂସଦୀୟ କମିଟିର ଏକ ରିପୋର୍ଟରୁ ଜଣାପଡ଼ିଛି ।

ଆମେରିକା–ଚୀନ୍ ଆର୍ଥିକ ଏବଂ ସୁରକ୍ଷା ସମୀକ୍ଷା କମିସନ୍‌ଏହାର ବାର୍ଷିକ ରିପୋର୍ଟରେ ଏହି ଦାବି କରିଛି । ରିପୋର୍ଟରେ ମଧ୍ୟ ଏହା କୁହାଯାଇଛି ଯେ ଚୀନ୍ ସର୍ବଦା ସୀମା ନିକଟରେ ଭାରତ ଉପରେ ସାମରିକ ଚାପ ପକାଇଛି ଏବଂ ଶିଳ୍ପ କ୍ଷେତ୍ରରେ ଏହା



ଆବଶ୍ୟକ ସାମଗ୍ରୀ ଯୋଗାଣ ଉପରେ କଟକଣା ଲଗାଇବା ଭଳି ପଦକ୍ଷେପ ଗ୍ରହଣ କରିଛି । କମିଟି ଏହାର ରିପୋର୍ଟରେ କହିଛି ଯେ ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନକୁ ଚୀନ୍ କରିଥିବା ସାମରିକ ସହଯୋଗ ଭାରତର ବଢ଼ୁଥିବା ପ୍ରଭାବକୁ ସୀମିତ କରିବାପାଇଁ ଏହାର ଏକ ବ୍ୟାପକ ରଣନୀତିର ଅଂଶ ଥିଲା । ରିପୋର୍ଟରେ କୁହାଯାଇଛି ଯେ ଭାରତର ବଢ଼ୁଥିବା ଆର୍ଥିକ ଓ ସାମରିକ କ୍ଷମତାକୁ ଚୀନ୍ ନିଜ ପାଇଁ ଏକ ରଣନୈତିକ ଆହ୍ୱାନ ଭାବେ ଦେଖୁଛି ।

କମିଟି ଅନୁଯାୟୀ ଭାରତ ଆମେରିକାର ସାମରିକ ମେଣ୍ଟରେ ସାମିଲ ନଥିବା ସତ୍ତ୍ୱେ ଏସିଆରେ ଚୀନ୍‌ର ପ୍ରଭାବକୁ ସନ୍ତୁଳନ କରିବାର କ୍ଷମତା ରଖିଛି । ଚୀନ୍ ଏହା ଭଲଭାବେ ଜାଣିଛି ଏବଂ ଭାରତର ଉତ୍‌ଥାନକୁ ବିଭିନ୍ନ କ୍ଷେତ୍ରରେ ଚାପିବା ଦିଗରେ ସକ୍ରିୟ ଭାବେ କାମ କରୁଛି । କମିଟି ମଧ୍ୟ ଚେତାବନୀ ଦେଇଛି ଯେ ଚୀନ୍ ପାକିସ୍ତାନକୁ ସମର୍ଥନ କରିବା ବାଦ୍ ସୀମା ନିକଟରେ ଏହା ନିଜର ସାମରିକ ନିର୍ମାଣ ଜାରି ରଖିଛି । ଭାରତ ମହାସାଗରରେ ଚୀନ୍ ନିଜ ନୌସେନା ଉପସ୍ଥିତିକୁ ସମ୍ପ୍ରସାରଣ କରିବା ସହ ଗୁଇନ୍ଦାଗିରି କାର୍ଯ୍ୟକଳାପ ବୃଦ୍ଧି କରିଛି ବୋଲି କମିଟି ଏହାର ରିପୋର୍ଟରେ ସତର୍କ କରିଛି ।

ସଂସଦରେ ଗର୍ଲଫ୍ରେଣ୍ଡଙ୍କୁ ପ୍ରପୋଜ



ଅଷ୍ଟ୍ରେଲିଆ, ୨୧।୧୧ (ଏଜେନ୍ସି): ବିଦାୟୀ ଭାଷଣ ବେଳେ ଦୀର୍ଘଦିନର ପ୍ରେମିକାଙ୍କୁ ବିବାହ ପ୍ରସ୍ତାବ ଦେଲେ ଅଷ୍ଟ୍ରେଲିଆ ସାଂସଦ ଜୋର୍ଡାନ ଲେନ୍ । ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସ ସଂସଦରେ ଲିବରାଲ୍ ଦଳର ଯୁବ ସାଂସଦ ଜୋର୍ଡାନ୍ ଲେନ୍ ନିଜ ଦୀର୍ଘଦିନର ପ୍ରେମିକା ନାଟାଲିଙ୍କୁ ବିବାହ ପ୍ରସ୍ତାବ ଦେଇଛନ୍ତି । ଏହି ଅପ୍ରତ୍ୟାଶିତ ତଥା ହୃଦୟସ୍ପର୍ଶୀ ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

ରାଇଡ୍ ନିର୍ବାଚନ ମଣ୍ଡଳୀର ସଦସ୍ୟ ଜୋର୍ଡାନ୍ ଲେନ୍ ବିଦାୟୀ ଭାଷଣ ଶେଷ କରିବା ପୂର୍ବରୁ ପବ୍ଲିକ୍ ଗ୍ୟାଲେରୀରେ ବସିଥିବା ନିଜ ପ୍ରେମିକା ନାଟାଲିଙ୍କୁ ଚାହିଁଥିଲେ । ପରେ ପକେଟରୁ ଏକ ମୁଦି ବାହାର କରି ଭାବବିହ୍ୱଳ କଣ୍ଠରେ ସେ ବାଚସ୍ପତିଙ୍କୁ ସମ୍ବୋଧନ କରି କହିଥିଲେ, ବାଚସ୍ପତି ମହୋଦୟ, ରାଇଡ୍ ର ସଦସ୍ୟ ଭାବରେ ମୋର ଶେଷ ପ୍ରଶ୍ନ ମୋର ପ୍ରିୟତମା ନାଟାଲିଙ୍କ ପାଇଁ । ତୁମେ ମୋତେ ବିବାହ କରିବ କି ଜୋର୍ଡାନଙ୍କ ପ୍ରଶ୍ନ ଶୁଣିବା ମାତ୍ରେ ସଂସଦରେ ଆଶ୍ଚର୍ଯ୍ୟ ଓ କୌତୁହଳ ସୃଷ୍ଟି ହୋଇଥିଲା । ତେବେ ଲେନଙ୍କ ପ୍ରଶ୍ନ ଶୁଣିବା ପରେ ସଂସଦ ସଦସ୍ୟ ଓ ମନ୍ତ୍ରୀମାନେ ଖୁସିରେ କରତାଳି ଦେଇ ଜୋର୍ଡାନଙ୍କୁ ଉତ୍ସାହିତ କରିଥିଲେ । ପବ୍ଲିକ୍ ଗ୍ୟାଲେରୀରେ ବସିଥିବା ନାଟାଲି ମଧ୍ୟ ଏହି ଅପ୍ରତ୍ୟାଶିତ ପ୍ରସ୍ତାବରେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ । ପରେ ଜୋର୍ଡାନ୍ ଲେନ୍ ନାଟାଲିଙ୍କ ନିକଟକୁ ଯାଇ ତାଙ୍କୁ ମୁଦି ପିନ୍ଧାଇଥିଲେ । ଉଭୟ ପରସ୍ପରକୁ ଆଲିଙ୍ଗନ କରିବା ସହ ଚୁମ୍ବନ ଦେଇ ନିଜର ଏହି ନୂଆ ଜୀବନର ଶୁଭାରମ୍ଭ କରିଥିଲେ। ଗୃହରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ ଠିଆ ହୋଇ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।

ଇରାକ୍ ବିଦ୍ୟୁତ୍ କେନ୍ଦ୍ରରେ ଅଗ୍ନିକାଣ୍ଡ: ୪ ମୃତ, ୩୫ ଆହତ

ବାଗଦାଦ୍, ୨୧।୧୧ (ଏଜେନ୍ସି): ଶନିବାର ଦକ୍ଷିଣ ଇରାକର ବସରାର ଉତ୍ତରରେ ଥିବା ଏକ ବିଦ୍ୟୁତ୍ କେନ୍ଦ୍ରରେ ଗ୍ୟାସ୍ ପାଇପ୍ ଲାଇନରେ ବିସ୍ଫୋରଣପରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଘଟଣାରେ ଚାରି ଜଣଙ୍କର ମୃତ୍ୟୁ ହୋଇଛି ଓ ୩୫ ଜଣ ଆହତ ହୋଇଛନ୍ତି। ନିଆଁ ନିକଟବର୍ତ୍ତୀ ଘରଗୁଡ଼ିକୁ ବ୍ୟାପି ଯାଇଥିଲା । ଅଗ୍ନିକାଣ୍ଡ ହର୍ଥା ବିଦ୍ୟୁତ କେନ୍ଦ୍ରରେ ସକାଳ ୬ଟାରେ ଘଟିଥିଲା । ବିଦ୍ୟୁତ କେନ୍ଦ୍ରକୁ ସଂଯୋଗ ହୋଇଥିବା ଗ୍ୟାସ ପାଇପଲାଇନ୍ ଯୋଗୁ ଏହି ଦୁର୍ଘଟଣା ଘଟିଥିଲା । ନାଗରିକ ପ୍ରତିରକ୍ଷା ଦଳ ନିଆଁକୁ ନିୟନ୍ତ୍ରଣ କରିବା ପୂର୍ବରୁ ଘନ ଧୂଆଁ ଓ ନିଆଁ ସେହି ସ୍ଥାନରେ ବ୍ୟାପି ଯାଇଥିଲା ।

ମୃତାହତ ବିଦ୍ୟୁତ କେନ୍ଦ୍ର ନିକଟରେ ଥିବା ଘରର ବାସିନ୍ଦା ବୋଲି ଜଣାପଡ଼ିଛି । କେତେକ ଲୋକ ପୋଡ଼ି ଯାଇଥିବାବେଳେ ଆଉ କିଛି ଲୋକ ବ